# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୯/୨୦୨୦ (୧୬ ପୃଷ୍ଠା) | Bhubaneswar, Saturday, December 19/2020 | ★★★★★★

୪୭ଶ ଭାଗ ୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




### ଅଡୁଆରେ ଅଭିନେତ୍ରୀ କଙ୍ଗନା
ରାଷ୍ଟ୍ରୀୟ ଲୋକ ସମତା ପାର୍ଟିର ଅଧକ୍ଷ ଉପେନ୍ଦ୍ର କୁଶାୱାହଙ୍କ ଉପରେ ଟିପ୍ପଣୀ ଦେଇ ଅଡୁଆରେ ଅଭିନେତ୍ରୀ କଙ୍ଗନା ରାଣାୱତ ।

୦୨

୧୩

### ଲେୱାଣ୍ଡୋସ୍କି ଶ୍ରେଷ୍ଠ ଫୁଟବଲର
ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ପଛରେ ପକାଇ ଶ୍ରେଷ୍ଠ ଫୁଟବଲ ଖେଳାଳିଭାବେ ଫିଫା ପୁରସ୍କାର ପାଇଛନ୍ତି ପୋଲାଣ୍ଡ ଅଧିନାୟକ ରବର୍ଟ ଲେୱାଣ୍ଡୋସ୍କି।








# ୭,୯୨୬ କୋଟିର ବ୍ୟାଙ୍କ ଠକେଇ

**■ ନୀରବ ମୋଦି ମାମଲାଠାରୁ ବଡ଼**

**■ ସିବିଆଇ କରିବ ଖୋଳତାଡ଼**

ନୂଆଦିଲ୍ଲୀ,୧୮।୧୨

ବ୍ୟାଙ୍କଗୁଡ଼ିକରେ ଠକେଇ ମାମଲା ବଢ଼ିବାରେ ଲାଗିଛି। ନୀରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କ ଭଳି ବ୍ୟକ୍ତି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ପ୍ରାୟ ୧୩ ହଜାର କୋଟି ଟଙ୍କା ଠକେଇ କରିବା ପରେ ବର୍ତ୍ତମାନ ଆଉ ଏକ ବଡ ବ୍ୟାଙ୍କ ଠକେଇ ମାମଲା ସାମ୍ନାକୁ ଆସିଛି। ହାଇଦ୍ରାବାଦ ଭିତ୍ତିକ କମ୍ପାନୀ ଟ୍ରାନ୍ସଷ୍ଟ୍ରୟ ଇଣ୍ଡିଆ ଲିମିଟେଡ୍ ନାମକ କମ୍ପାନୀ କନ୍‌ସୋର୍ଟିୟମ ବ୍ୟାଙ୍କକୁ ୭,୯୨୬ କୋଟି ଟଙ୍କା ଠକେଇ କରିଥିବା ଶୁକ୍ରବାର ଅଭିଯୋଗ ଆସିଛି। ଏହି କମ୍ପାନୀ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପକ୍ଷରୁ ମାମଲା ରୁଜୁ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ହୀରା ବ୍ୟବସାୟୀ ନୀରବ ମୋଦି ବ୍ୟାଙ୍କଗୁଡିକରୁ ଯେତେ ପରିମାଣର ଅର୍ଥ ଠକେଇ କରିଛନ୍ତି ତା'ଠାରୁ ଏହି ମାମଲା ବଡ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବ୍ୟକ୍ତି କହିଛନ୍ତି। ନୀରବ ବର୍ତ୍ତମାନ ଲଣ୍ଡନ ଜେଲରେ ରହିଥିବା ବେଳେ ତାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ହେଉଛି। ସେ ବ୍ୟାଙ୍କଗୁଡିକୁ ୭,୭୦୦ କୋଟି ଟଙ୍କା ଠକେଇ କରି ଭାରତରୁ ପଳାୟନ କରିଥିଲେ। ବର୍ତ୍ତମାନର ଠକେଇରେ ସାମିଲ ଥିବା ଟ୍ରାନ୍ସଷ୍ଟ୍ରୋରି କମ୍ପାନୀ ରାଜପଥ, ବ୍ରିଜ୍, ଜଳସେଚନ ପ୍ରକଳ୍ପ, ମେଟ୍ରୋ ପ୍ରକଳ୍ପ, ତୈଳ ଏବଂ ବାଷ୍ପ କ୍ଷେତ୍ର ବାଣିଜ୍ୟ ସହ ଜଡିତ ରହି ଆସିଛି। ୨୦୧୯ ସେପ୍ଟେମ୍ବରରେ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ଙ୍କ ନିର୍ଦ୍ଦେଶକ୍ରମେ ଏହା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନିର୍ବାଚନ ପୂର୍ବରୁ ଲଢ଼େଇ

# ଜାତୀୟ ଦଳର ରାଜ୍ୟ ନେତା ମୂକ

### ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଜାତୀୟ ଦଳର ରାଜ୍ୟ ନେତା ମୂକ ପାଲଟିଛନ୍ତି। ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରି ଶୀର୍ଷ ନେତାଙ୍କୁ ଖୁସି କରି ମନ୍ତ୍ରୀ କିମ୍ବା କିଛି ବଡ଼ ପଦବୀ ହାସଲ କରିବା ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ହୋଇଛି । ଓଡିଶାର ସ୍ୱତନ୍ତ୍ର ଐତିହ୍ୟର ସୁରକ୍ଷା ପାଇଁ ଜାତୀୟ ଦଳର ରାଜ୍ୟ ନେତାମାନଙ୍କର ଭଏସ୍ ନାହିଁ। ଏପରିକି ଜାତୀୟ ସ୍ତରରେ ଥିବା ନେତାଙ୍କ ପାଖରେ ରାଜ୍ୟ ବିଷୟ ଉଠାଇବାକୁ ଇଚ୍ଛା କରୁ ନାହାନ୍ତି। ଶୁକ୍ରବାର ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ବିଜୁ ଯୁବ ଜନତା ଦଳର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓକନ୍‌ଫରେନ୍ସ ଜରିଆରେ କଂଗ୍ରେସ ଓ ଭାଜପାକୁ ଟାର୍ଗେଟ୍ କରି ଏହା କହିଛନ୍ତି।



ଭିଡିଓ କନ୍‌ଫରେନ୍ସରେ ବିଜେଡି ସଭାପତି ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିର୍ବାଚନ ଜିତିବା, କ୍ଷମତା ହାତେଇବା ଓ କେନ୍ଦ୍ରରେ ସରକାର ଗଢ଼ିବା ଜାତୀୟ ଦଳର ମୂଳ ଲକ୍ଷ୍ୟ । ଇତିହାସ କହୁଛି, ଜାତୀୟ ଦଳର ସବୁବେଳେ ମେନଷ୍ଟ୍ରିମିଂ ଏଜେଣ୍ଡା ରହିଛି । କେବଳ ଏହା ଜରିଆରେ ହିଁ ସେମାନେ ଅଧିକ ଭୋଟ ପାଇପାରିବେ। ଏଥିପାଇଁ ସେମାନଙ୍କ ନୀତି ହେଉଛି ଗୋଟିଏ ଭାଷା ହିନ୍ଦୀ, ଗୋଟିଏ ସଂସ୍କୃତି, ଗୋଟିଏ ନୀତି, ଯାହା ବଡ଼ ବଡ଼ ରାଜ୍ୟଗୁଡିକ ପାଇଁ ସୁବିଧା ହେବ। ନିର୍ବାଚନ ଜିତିବା ପରେ ରାଜ୍ୟଗୁଡ଼ିକର ସ୍ୱତନ୍ତ୍ର ପରିଚୟକୁ ଅଣଦେଖା କରି ସେହି ନୀତିକୁ ସମସ୍ତଙ୍କ ଉପରେ ଲଦି ଦିଅନ୍ତି। ଜାତୀୟ ଦଳଗୁଡିକ ଜାତୀୟ ସ୍ତରରେ ନିଜ ସ୍ୱାର୍ଥ ପାଇଁ ରାଜ୍ୟଗୁଡିକର ସ୍ୱତନ୍ତ୍ର ଆବଶ୍ୟକତା ସହିତ ସାଲିସ କରିଥାନ୍ତି। ରାଜ୍ୟରେ କଂଗ୍ରେସ ସରକାର ☞ପୃଷ୍ଠା-୪






**ମୁମ୍ବାଇ:** ପ୍ରଚ୍ଛଦପଟ ଗାୟିକା ନେହା କକ୍କରଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟକୁ ନେଇ ଗୁଜବ ପ୍ରଚାରିତ ହେବାରେ ଲାଗିଛି। ସେ ଗର୍ଭବତୀ ଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ନେହା ତାଙ୍କ ସ୍ୱାମୀ ରୋହନ ପ୍ରୀତ୍ ସିଂଙ୍କ ସହ ଏକ ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ଛାଡ଼ିଥିଲେ। ସେଥିରେ ନେହା ଗର୍ଭବତୀ ଥିବାଭଳି ଜଣାପଡୁଥିଲା। ଗତ ଅକ୍ଟୋବରରେ ସେମାନଙ୍କର ବିବାହ ହୋଇଥିଲା।

# ସିଗ୍‌ନାଲ ସୁଧାରିବ ସିଏମ୍‌ଏସ୍-୦୧



**ନୂଆଦିଲ୍ଲୀ:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସଞ୍ଚାର କୃତ୍ରିମ ଉପଗ୍ରହ ସିଏମ୍‌ଏସ୍-୦୧କୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିଛି। ଏହି ସାଟେଲାଇଟ୍ ଭାରତୀୟ ମୁଖ୍ୟ ଭୂଖଣ୍ଡ ସମେତ ଆଣ୍ଡାମାନ-ନିକୋବର ଏବଂ ଲାକ୍ଷାଦ୍ୱୀପରେ ମଧ ସେବା ଯୋଗାଇବ। ଏହାଦ୍ୱାରା ଯୋଗାଯୋଗ ସମ୍ପର୍କିତ ସେବାଗୁଡ଼ିକୁ ଅଧିକ ଉନ୍ନତ କରିବ। ବିଶେଷ କରି ଟେଲିଭିଜନ, ଟେଲି ଏଜୁକେଶନ, ଟେଲି ମେଡିସିନ, ପାଣିପାଗ ଅନୁମାନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବାରେ ଏହା ସହାୟକ ହେବ।

୧୪୧୦ କିଲୋଗ୍ରାମ ବିଶିଷ୍ଟ ସିଏମ୍‌ଏସ୍-୦୧ ହେଉଛି ଦେଶର ୪୨ତମ ସାଟେଲାଇଟ୍। ଏହା ପୂର୍ବରୁ ଅବସ୍ଥାପିତ ଜିଏସ୍‌ଏଟି-୧୨ କମ୍ୟୁନିକେଶନ ସାଟେଲାଇଟର ସ୍ଥାନ ନେବ। ଫ୍ରିକ୍ୱେନ୍ସି ସମ୍ପ୍ରସାରିତ ସି ବ୍ୟାଣ୍ଡରେ ସେବା ପ୍ରଦାନ କରିବା ଲାଗି ଏହାର ପରିକଳ୍ପନା କରାଯାଇଛି। ଦୂରସଞ୍ଚାର ସେବାଗୁଡ଼ିକୁ ସିଏମ୍‌ଏସ୍-୦୧ ଅଧିକ ଉନ୍ନତ କରିବ। ଏହାଦ୍ୱାରା ଟିଭିରେ ଛବିଗୁଡ଼ିକର ଗୁଣବତ୍ତାରେ ଉଲ୍ଲେଖନୀୟ ସୁଧାର ଆସିବା ସମ୍ଭାବନା ରହିଛି। ସିଗ୍‌ନାଲ ଦୃଢ଼ ହେବା ପରେ ଟେଲିସେବା ମଧ ଉତ୍ତମ ହେବ। ଏହା ଆଣ୍ଡାମାନ-ନିକୋବର ଏବଂ ଲାକ୍ଷାଦ୍ୱୀପ ଯାଏ ପରିବ୍ୟାପ୍ତ ହେବା ଫଳରେ ପୂରା ଦେଶକୁ ଫାଇଦା ମିଳିବ।

ଏହି କୃତ୍ରିମ ଉପଗ୍ରହ ଦ୍ୱାରା ମୋବାଇଲ ସଙ୍କେତର ଗୁଣବତ୍ତା ମଧ ବୃଦ୍ଧି ଘଟିବ। ଅଧିକ ଦୂରତା ପର୍ଯ୍ୟନ୍ତ ମୋବାଇଲ ସିଗ୍‌ନାଲ ମିଳିବ, ଯାହା କଲ୍‌ଡ୍ରପ୍ ସମସ୍ୟାକୁ ବହୁମାତ୍ରାରେ ହ୍ରାସ କରିବ। ସେହିପରି ମୋବାଇଲ ନେଟ୍‌ୱର୍କ ସେବା ଯୋଗାଉଥିବା କମ୍ପାନୀଗୁଡ଼ିକର ଟାୱାର ଉପରେ ନିର୍ଭରଶୀଳତା କମିବ। ଭାରତର ଇନ୍‌ସାଟ୍ ସିଷ୍ଟମ୍ ଏସୀୟ ପ୍ରଶାନ୍ତ ମହାସାଗର କ୍ଷେତ୍ରର ସବୁଠାରୁ ବଡ଼ ଯୋଗାଯୋଗ ସାଟେଲାଇଟ୍ ସିଷ୍ଟମ୍। ଜିଓସିନ୍‌କ୍ରୋନିୟସ୍ ଟ୍ରାନ୍ସଫର ଅର୍ବିଟ୍‌ରେ ଅଦ୍ୟାବଧି ୮ଟି ଦୂରସଞ୍ଚାର କୃତ୍ରିମ ଉପଗ୍ରହ ସ୍ଥାପିତ। ୧୯୮୩ରେ ମହାକାଶ କକ୍ଷରେ ସ୍ଥାପିତ ଇନ୍‌ସେଟ୍-୧ବି ଦ୍ୱାରା ଭାରତୀୟ କମ୍ୟୁନିକେଶନ ନେଟ୍‌ୱାର୍କ ସିଷ୍ଟମ୍‌ରେ କ୍ରାନ୍ତି ଆସିଥିଲା। ଜିଏସ୍‌ଏଟି-୧୭, ଇନ୍‌ସାଟ୍-୩ଏ, ୩ସି, ୪ଏ, ୪ସିଆର୍, ଜିଏସ୍‌ଏଟି-୬, ୭, ୮, ୯,୧୦, ୧୨, ୧୪, ୧୫, ୧୬, ୧୮ ଏବେ ସଞ୍ଚାର ବ୍ୟବସ୍ଥାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି। ଜିଏସ୍‌ଏଟି-୧୨ର ବିକଳ୍ପ ଭାବେ ସିଏମ୍‌ଏସ୍-୦୧ କାର୍ଯ୍ୟ କରିବ।

# ବଢ଼ିଲା କଙ୍ଗନାଙ୍କ ଅଡୁଆ



**ପାଟନା:** ବଲିଉଡ ଅଭିନେତ୍ରୀ କଙ୍ଗନା ରାନାୱତ ଆଜିକାଲି ନିଜ ଫିଲ୍ମ ଅପେକ୍ଷା ରାଜନୈତିକ ବୟାନ ବାଜିକୁ ନେଇ ରହୁଛନ୍ତି ଚର୍ଚ୍ଚାରେ। ଏମିତି କେତେଥର ଦେଖାଗଲାଣି ସେ ନିଜ ବୟାନକୁ ନେଇ ଆସିଯାଉଛନ୍ତି ବିବାଦ ଘେରକୁ। ନିକଟରେ ବିହାର ଗୟା ଜିଲାରେ ରାଷ୍ଟ୍ରୀୟ ଲୋକ ସମତା ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଉପେନ୍ଦ୍ର କୁଶାୱାହଙ୍କ ଉପରେ ଟିପ୍ପଣି ଦେଇ ଫସି ଯାଇଛନ୍ତି ଅଭିନେତ୍ରୀ। ଏହାକୁ ନେଇ କଙ୍ଗନାଙ୍କ ନାଁରେ ଗୟା ସିଭିଲ କୋର୍ଟରେ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, କଙ୍ଗନା ନିକଟରେ ଉପେନ୍ଦ କୁଶାସୱାହଙ୍କ ଉପରେ ଟିପ୍ପଣି ପରେ ଟିପ୍ପଣି ଦେଇ ଚାଲିଥିଲେ। ଏହା ଆପତ୍ତି ଜନକ ଓ ମାନ-ସମ୍ମାନ ହାନି ବୋଲି ଦର୍ଶାଇ କୋର୍ଟରେ ମାମଲା ରୁଜୁ କରାଯାଇଥିବା କହିଛନ୍ତି ଆଇନଜୀବୀ ଶମ୍ଭୁ ପ୍ରସାଦ। ସୂଚନା ଅନୁଯାୟୀ, କଙ୍ଗନା ଉପେନ୍ଦ୍ରଙ୍କ ନିର୍ବାଚନ ସଭାର ବ୍ୟଙ୍ଗ କରାଯାଇଥିବା ଏକ ଟୁଇଟ୍‌କୁ ରିଟୁଇଟ କରିଥିଲେ।

# ବାଥ୍‌ଟବ୍‌ରେ ବାଘ



**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଲୋକେ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ରହୁଛନ୍ତି। ଏହି ସମୟରେ ମଧ ସୋସିଆଲ ମିଡିଆର ଚାହିଦା ବଢ଼ିଥିବା ବେଳେ ଭାଇରାଲ ହେଉଥିବା ଫଟୋ ଓ ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରୁଛି। ବର୍ତ୍ତମାନ ସେଭଳି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ଏକ ବାଘ ବାଥ୍‌ଟବ୍‌ରେ ଗାଧୋଇବା ଦେଖିବାକୁ ମିଳୁଛି। ଏହି ଭିଡିଓକୁ ଭାରତୀୟ ବନସେବା ଅଧିକାରୀ ସୁଶାନ୍ତ ନନ୍ଦ ତାଙ୍କ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଭିଡିଓଟି ଭାଇରାଲ ହେବାରେ ଲାଗିଛି।

# ଭାବପ୍ରବଣ କଲା ଗୀତ



**ଶ୍ରୀନଗର:** କଶ୍ମୀରର ସ୍ୱସ୍ତିକ୍ ମସ୍ତାନ ନାମକ ଜଣେ ବ୍ୟକ୍ତି ଏପରି ଏକ ଗୀତ ଗାଇଛନ୍ତି ଯାହା ଶୁଣି ପକ୍ଷୀଟିଏ ମଧ ତା'ର ପ୍ରତିକ୍ରିୟା ଦେଇଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ସୁନ୍ଦର ଭିଡିଓକୁ ଦେଖି ଲୋକେ ଭାବପ୍ରବଣ ହୋଇଯାଇଛନ୍ତି। ଲୋକେ ଗୀତ ଗାଇଥିବା ବ୍ୟକ୍ତିଙ୍କର ସୁମଧୁର ସ୍ୱରକୁ ବେଶ ପସନ୍ଦ କରିଛନ୍ତି। ସେହିପରି ପକ୍ଷୀର ପ୍ରତିକ୍ରିୟାକୁ ମଧ ପସନ୍ଦ କରିଛନ୍ତି।

# ସଲମନ୍ ପାଇଁ ଟାୟାର କ୍ଷତିକାରକ

ଯାନବାହାନର ଟାୟାର ଯୋଗୁ ମାଛଙ୍କର ମଧ କ୍ଷତି ହୋଇଥାଏ। ନିକଟରେ ହୋଇଥିବା ଏକ ଗବେଷଣାରେ ଗବେଷକଙ୍କ ଦ୍ୱାରା ଏହି ଦାବି କରାଯାଇଛି। ଟାୟାରରେ ବ୍ୟବହୃତ ବିଷାକ୍ତ ରାସାୟନିକ ପଦାର୍ଥ ନଦୀ ଜଳକୁ ପ୍ରଦୂଷିତ କରିଥାଏ। ଏହି ପ୍ରଦୂଷଣ ନଦୀର ମାଛ ପାଇଁ କ୍ଷତିକାରକ ପ୍ରମାଣିତ ହୋଇଛି। କେବଳ ଏତିକି ନୁହେଁ, ଗବେଷକମାନେ ଚେତାବନୀ ଦେଇଛନ୍ତି, ଯଦି ଏଭଳି ପରିସ୍ଥିତି ଲାଗିରହେ ଅତ୍ୟନ୍ତ ବିପଦଜନକ ହୋଇପାରେ। ସାଇନ୍ସ ଜର୍ନାଲରେ ପ୍ରକାଶିତ ଏହି ଗବେଷଣାରେ ଜଣାପଡିଛି ଯେ, ନଦୀରେ ବିଷାକ୍ତ କାରଣରୁ ସଲମନ ମାଛ ମରୁଛନ୍ତି। ଏହି ମାଛଗୁଡ଼ିକ ଟାୟାରରେ ବ୍ୟବହୃତ ଏକ ରାସାୟନିକ ପଦାର୍ଥ ଲାଗି ମରୁଛନ୍ତି। ଏହି ନିର୍ଦ୍ଦିଷ୍ଟ ପଦାର୍ଥ ଟାୟାରକୁ ମଜବୁ କରିବା ଲାଗି ବ୍ୟବହୃତ ହୁଏ। ଟାୟାରା ଘସିହେବାରୁ ଏକ ବିଶାକ୍ତ ପଦାର୍ଥ ବାହାରିଥାଏ। ଏହା ପାଣିରେ ମିଶି ନଦୀରେ ପହଞ୍ଚିଥାଏ, ଯାହାଦ୍ୱାରା ଜଳ ପ୍ରଦୂଷିତ ହୁଏ। ଯୁକ୍ତରାଷ୍ଟ୍ରର ଆମେରିକାରେ ହୋଇଥିବା ଏହି ଗବେଷଣାରୁ ଜଣାପଡ଼ିଛି ଯେ ୬ପିପିଡି ନାମକ ବିପଜ୍ଜନକ ରାସାୟନିକ ପଦାର୍ଥ ଲାଗି ମାଛ ମରୁଛନ୍ତି। ସଲମାନ ମାଛ ସ୍ୱଚ୍ଛ ଜଳରେ ଜନ୍ମଗ୍ରହଣ କରନ୍ତି, ଯେଉଁଠାରେ ସେମାନେ ଜୀବନର ପ୍ରଥମ ବର୍ଷ ବିତାଇଥା'ନ୍ତି। ଯାହା ପରେ ସେମାନେ ଖୋଲା ସମୁଦ୍ରକୁ ଚାଲି ଯାନ୍ତି। କିନ୍ତୁ ଏହି ମାଛଗୁଡିକର ୦.୧ ପ୍ରତିଶତ ସ୍ୱଚ୍ଛ ଜଳରେ ଅଣ୍ଡା ଦିଅନ୍ତି। ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଛନ୍ତି ଯେ, ସଲମାନ ମାଛଗୁଡିକ ପ୍ରଜନନ ପୂର୍ବରୁ ମରୁଛନ୍ତି। ଏହା ବଡ଼ ବିପଦର ସଙ୍କେତ।



# ହସ୍ପିଟାଲରେ ପଡ଼ିଲା ହାତଗଣ୍ଠି

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ପ୍ରୟାଗରାଜ ଜିଲାରେ କନ୍ୟା ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ସେଠାରେ ତାଙ୍କର ବିବାହ ସମ୍ପନ୍ନ ହୋଇଛି। ବିବାହର କିଛି ସମୟ ପୂର୍ବରୁ କନ୍ୟା ଘର ଛାତରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କର ମେରୁଦଣ୍ଡ ଓ ଗୋଡ଼ରେ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଉକ୍ତ ଦମ୍ପତି ହସ୍ପିଟାଲରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ହସ୍ପିଟାଲ ସେମାନଙ୍କୁ ଅନୁମତି ଦେଇଥିଲା। ଶଯ୍ୟାଶାୟୀ କନ୍ୟାଙ୍କୁ ବିବାହ କରିବା ସମ୍ପର୍କରେ ବର ଅୱଧେଶ କହିଛନ୍ତି, ଯାହା ଘଟିଲା ତାହା ଭାଗ୍ୟରେ ଥିଲା। ତାଙ୍କ ସହ ରହିବାକୁ ଓ ଅସୁବିଧା ସମୟରେ ତାଙ୍କୁ ସହାୟତା କରିବାକୁ ନିଷ୍ପତ୍ତି ନେଇଥିବା ଅୱଧେଶ କହିଛନ୍ତି। କନ୍ୟା ଆରତି କହିଛନ୍ତି, ସେ ପ୍ରଥମେ ଖୁବ୍ ଡରିଯାଇଥିଲି। ତେବେ ସୁସ୍ଥ ନ ହେବା ପର୍ଯ୍ୟନ୍ତ ପାଖରେ ରହିବେ ବୋଲି ସ୍ୱାମୀ ତାଙ୍କୁ କହିଥିଲେ। ଏହା ଜାଣିବା ପରେ ଖୁସି ଅନୁଭବ କରିଥିଲି ବୋଲି ଆରତି କହିଛନ୍ତି। ହସ୍ପିଟାଲରେ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ।



# ବିସ୍ଥାପିତ ହେବେ ୪.୫ କୋଟି ଭାରତୀୟ



**ନୂଆଦିଲ୍ଲୀ:** ବନ୍ୟା, ମରୁଡ଼ି, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ୨୦୫୦ ସୁଦ୍ଧା ୪.୫ କୋଟିରୁ ଊର୍ଦ୍ଧ୍ୱ ଭାରତୀୟ ଘର ଛାଡ଼ିବାକୁ ବାଧ ହେବେ ବୋଲି ଏକ ରିପୋର୍ଟରୁ ଜଣାପଡିଛି। ୨୦୨୦ରେ ଭାରତର ୧.୪ କୋଟି ଲୋକ ସ୍ଥାନାନ୍ତର ହୋଇଛନ୍ତି। 'ଜଳବାୟୁ ପରିବର୍ତ୍ତନର ପ୍ରଭାବ: ବିସ୍ଥାପନ ଓ ସଙ୍କଟ ପ୍ରବାସ' ରିପୋର୍ଟରେ ଏହା କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଯୋଗୁ ଦକ୍ଷିଣ ଏସିଆର ୫ଟି ଦେଶରୁ ଅଧିକ ସଂଖ୍ୟାରେ ଲୋକ ଅନ୍ୟତ୍ର ଚାଲିଯାଉଛନ୍ତି। ଏହି କାରଣରୁ ୨୦୫୦ ସୁଦ୍ଧା ଭାରତ, ବାଂଲାଦେଶ, ପାକିସ୍ତାନ, ନେପାଳ ଓ ଶ୍ରୀଲଙ୍କାରୁ ୬ କୋଟିରୁ ଅଧିକ ଲୋକ ଘର ଛାଡ଼ିବେ ବୋଲି ଆକଳନ କରାଯାଇଛି। ଆକ୍ସନଏଡ୍ ଇଣ୍ଟରନ୍ୟାଶନାଲ ଏବଂ କ୍ଲାଇମେଟ୍ ଆକ୍ସନ ନେଟ୍‌ୱର୍କ ସାଉଥ ଏସିଆ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା।

**ଜଳବାୟୁ ବିପର୍ଯ୍ୟୟ**




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୫୫,୩୪,୪୦୮ | ୧୬,୭୩,୦୯୬ | ୫,୩୦,୩୦,୧୨୯ |
| ଭାରତ | ୯୯,୮୭,୯୪୯ | ୧,୪୪,୯୧୪ | ୯୫,୩୦,୫୩୦ |
| ଓଡ଼ିଶା | ୩,୨୫,୫୦୫ | ୧୮୨୯(+୫୩) | ୩,୨୦,୯୪୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କାଳିଆକୁ ଶ୍ୱାସରୁଦ୍ଧ କରି ମାରିଥିଲେ ଖୁଡ଼ୀ

**ଢେଙ୍କାନାଳ ଅଫିସ, ୧୮।୧୨**

ପାରିବାରିକ ଶତ୍ରୁତା ମନରେ ସୃଷ୍ଟି କରିଥିଲା ପ୍ରତିହିଂସା। ଏହି ଆକ୍ରୋଶରେ ବଳିପଡ଼ିଗଲା ୩ବର୍ଷର କଅଁଳ ଶିଶୁ କାଳିଆ। ଏଥିଲାଗି ପ୍ରସ୍ତୁତ କରାଯାଇଥିଲା ଜଘନ୍ୟ ଯୋଜନା। ହତ୍ୟାକାଣ୍ଡ ପୂର୍ବରୁ କାଳିଆକୁ କୌଶଳକ୍ରମେ ଟିଭି ଦେଖିବା ବାହାନାରେ ଡାକି ନେଇଥିଲେ ଘରକୁ। ବାଡ଼ିପଟେ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ଘଟଣାକୁ ଭିନ୍ନ ମୋଡ଼ ଦେବାକୁ ବିଳମ୍ବିତ ରାତିରେ ଫିଙ୍ଗି ଦେଇଥିଲେ କୂଅରେ। ଜଣେ ଅବୋଧ ଶିଶୁକୁ ଛଟପଟ କରି ମାରିବା ବେଳେ ତିଳେମାତ୍ର ସଙ୍କୋଚ କରି ନ ଥିଲେ ସମ୍ପର୍କୀୟା ଖୁଡ଼ୀ ଭାରତୀ ସାହୁ (୨୭)। ପୋଲିସର ମାରାଥନ୍ ଜେରା ପରେ ଅଭିଯୁକ୍ତା ମହିଳା ହତ୍ୟାକାଣ୍ଡ ସମ୍ପର୍କରେ ଏଭଳି ସତ ଓକାଳିଛନ୍ତି। ପୂର୍ବରୁ ସମ୍ପୃକ୍ତା ମହିଳାଙ୍କ ଉପରକୁ ସନ୍ଦେହର ଅଙ୍ଗୁଳି ଉଠିଥିବାବେଳେ ପୋଲିସ ଆଗରେ ଦେଇଥିବା ବୟାନରୁ ଏହା ସ୍ପଷ୍ଟ ହୋଇଛି।


ହତ୍ୟା ଅଭିଯୁକ୍ତ ଭାରତୀ ସାହୁଙ୍କୁ ପୋଲିସ ଗିରଫ କରି ନେଉଛି।

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଖଙ୍କିରା ଗ୍ରାମର ବହୁଚର୍ଚ୍ଚିତ ଚନ୍ଦନ ସାହୁଙ୍କ ପୁଅ ଆୟୁଷ ସାହୁ ଓରଫ୍ କାଳିଆ ହତ୍ୟାକାଣ୍ଡର ୭୨ ଘଣ୍ଟା ପରେ ସତ ପଦାକୁ ଆସିଛି। ପାରିବାରିକ କଳହ ହିଁ ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି ପୋଲିସ କହିଛି। କାଳିଆର ସମ୍ପର୍କୀୟ ଦାଦା ତଥା ପଡ଼ୋଶୀ ଅଭୟ ସାହୁ (୩୦) ଏବଂ ଖୁଡ଼ୀ ଭାରତୀ ସାହୁଙ୍କ ସହିତ ବାପା ଚନ୍ଦନଙ୍କ ବିବାଦ ଲାଗି ରହିଥିଲା। ଗତ ବୁଧବାର ସନ୍ଧ୍ୟାରେ ଭାରତୀ ଟିଭି ଦେଖିବାକୁ କହି କାଳିଆକୁ ଘରକୁ ଡାକି ନେଇଥିଲେ। କିଛି ସମୟ ପରେ କାଳିଆ ଘରକୁ ଯିବାକୁ କହିଥିଲା। ହେଲେ ପୂର୍ବରୁ ଆକ୍ରୋଶରେ ଜଳୁଥିବା ଭାରତୀ ଛୁଆକୁ ବାଡ଼ିପଟକୁ ନେଇ ନାକପାଟିକୁ ଚିପିଧରି ଶ୍ୱାସରୁଦ୍ଧ କରି ମାରିଦେଇଥିଲେ। ଘଟଣା ପ୍ରଘଟ ହେବା ଭୟରେ ରାତି ପ୍ରାୟ ୨ଟାରେ ଘର ନିକଟସ୍ଥ ଏକ କୂଅରେ ପକାଇ ଦେଇଥିଲେ। କାଳିଆ ନିଖୋଜ ହୋଇଯିବା ପରେ ଖୋଜାଖୋଜି କରୁଥିବା ପରିବାର ସଦସ୍ୟ କୂଅରେ ଶିଶୁପୁତ୍ରର ମୃତଦେହ ପଡ଼ିଥିବା ଦେଖିଥିଲେ। ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ ବାହାର କରାଯାଇଥିଲା। ଚନ୍ଦନଙ୍କ ଅଭିଯୋଗକ୍ରମେ ନିହଲପ୍ରସାଦ ଥାନାରେ ନଂ. ୧୪୩/୨୦, ଦଫା ୩୦୨ ଓ ୨୦୧ରେ ମାମଲା ରୁଜୁ ହୋଇଥିଲା। ଥାନାଧିକାରୀ ଚିତ୍ତରଞ୍ଜନ ବେହେରା ଅଭିଯୁକ୍ତା ଭାରତୀ ଏବଂ ତାଙ୍କ ସ୍ୱାମୀ ଅଭୟଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ। ଭାରତୀ କାଳିଆକୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଘଟଣା ସ୍ପଷ୍ଟ ହେବା ପରେ ଅଭୟଙ୍କୁ ଛାଡ଼ି ଦିଆଯାଇଛି। ଅଭିଯୁକ୍ତ ମହିଳାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା ସୂଚନା ଦେଇଛନ୍ତି।

## ହତ୍ୟାକାଣ୍ଡ ପଛରେ ପାରିବାରିକ ଶତ୍ରୁତା

# ଓଏଲ୍‌ଏକ୍ସରେ ମୋଦିଙ୍କ କାର୍ଯ୍ୟାଳୟ




**ବାରାଣସୀ, ୧୮।୧୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରାଣସୀ କାର୍ଯ୍ୟାଳୟ ବିକ୍ରି ହେବ ବୋଲି ଅନ୍‌ଲାଇନରେ ବିଜ୍ଞାପନ ଦେଇଥିବା ୪ ଜଣଙ୍କୁ ଗିରଫ କରାଯାଇଛି। ବାରାଣସୀ ଲୋକ ସଭା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ମୋଦିଙ୍କ ଜନସମ୍ପର୍କ କାର୍ଯ୍ୟାଳୟର ଫଟୋ ଛପାଯାଇ ଏହା ବିକ୍ରି ହେବ ବୋଲି ଓଏଲ୍‌ଏକ୍ସ ୱେବ୍‌ସାଇଟରେ ବିଜ୍ଞାପନ ପ୍ରକାଶ ପାଇଥିଲା। ବାରାଣସୀର ଭେଲୁପୁର ଥାନା ଅନ୍ତର୍ଗତ ଜବାହରଲାଲ ନଗରରେ ଏହା ଅବସ୍ଥିତ। ଏ ସମ୍ପର୍କରେ ଜଣାପଡ଼ିବା ପରେ ତୁରନ୍ତ ଭେଲୁପୁର ଥାନାରେ ଏତଲା ଦିଆଯିବା ସହ ଘଟଣାର ତଦନ୍ତ ଜାରି ରହିଛି। ୪ ଜଣଙ୍କୁ ଗିରଫ ପରେ ଜେରା କରାଯାଉଛି।

## ବିଜ୍ଞାପନ ଦେଇ ୪ ଗିରଫ

# ଅପହରଣର ୪୦ ଘଣ୍ଟା ପରେ ହାର୍ଦ୍ଦିକ୍ ଉଦ୍ଧାର

**ପାରଳାଖେମୁଣ୍ଡି/କାଶୀନଗର, ୧୮।୧୨(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ଥାନା ଅଞ୍ଚଳରୁ ଜଣେ କାଜୁ ବ୍ୟବସାୟୀଙ୍କ ୭ ବର୍ଷର ପୁଅ ହାର୍ଦ୍ଦିକ ଯାମୀଙ୍କୁ ଅପହରଣର ପ୍ରାୟ ୪୦ ଘଣ୍ଟା ପରେ ନାଟକୀୟ ଢଙ୍ଗରେ ଉଦ୍ଧାର କରାଯାଇଛି। ସହରଠାରୁ ୩ କିଲୋମିଟର ଦୂର କଇଠପଦରସ୍ଥିତ ତାଙ୍କର ଏକ ନିର୍ମାଣାଧୀନ ଗୋଦାମ ଗୃହରୁ ଶୁକ୍ରବାର ହାର୍ଦ୍ଦିକଙ୍କ ମଉସା ପି. ନରେଶ ତାଲା ଭାଙ୍ଗି ତାଙ୍କୁ ଉଦ୍ଧାର କରିଛନ୍ତି। ପୋଲିସ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଟିର ସ୍ୱାସ୍ଥ୍ୟ ଯାଞ୍ଚ ପରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ପାରଳାଖେମୁଣ୍ଡିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ତେବେ ନିଖୋଜ ପଛର କାରଣ ହେଉ କି, ଉଦ୍ଧାର ପ୍ରକ୍ରିୟା ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି। ପୋଲିସର ୪ଟି ଟିମ୍ ଶିଶୁଟିକୁ ଖୋଜି ଖୋଜି ନୟାନ୍ତ ହୋଇଥିବାବେଳେ ନିଜର ନିର୍ମାଣାଧୀନ ଘରୁ ହାର୍ଦ୍ଦିକଙ୍କୁ ଉଦ୍ଧାର କରାଯିବାକୁ ନେଇ ଭିନ୍ନ ଏକ ଚର୍ଚ୍ଚା ହେଉଛି। ପୁଅକୁ ପାଇବା ପରେ ପରିବାରରେ ଆନନ୍ଦର ଲହରି ଖେଳିଯାଇଥିବାବେଳେ ପୋଲିସ ଘଟଣା ଉପରୁ ପରଦା ହଟାଇବାକୁ ତଦନ୍ତ ଜାରି ରଖିଥିବା ଡିଆଇଜି ଭୋଇ କହିଛନ୍ତି।

ପ୍ରକାଶ ଯେ, ଗାଇବା ନିକଟ ପରିଡା ଗ୍ରାମର ଯାମି ଗୋପୀ କାଶୀନଗର ମର୍ଣ୍ଣିଂସାହିରେ ରହି କାଜୁ ବ୍ୟବସାୟ କରନ୍ତି। ବୁଧବାର ସନ୍ଧ୍ୟାରେ ତାଙ୍କ ୭ବର୍ଷର ପୁଅ ହାର୍ଦ୍ଦିକ ସାଙ୍ଗଙ୍କ ସହ ଦାଣ୍ଡରେ ଖେଳୁଥିଲେ। ଏକ ବାଇକରେ ୨ଜଣ ଆସି ବାପା କାହାନ୍ତି ବୋଲି ହାର୍ଦ୍ଦିକ୍‌ଙ୍କୁ ପଚାରିଥିଲେ। କାଜୁ ଫ୍ୟାକ୍ଟ୍ରିରେ ଥିବେ ବୋଲି କହିବାରୁ ସେମାନେ ଫ୍ୟାକ୍ଟ୍ରି ଦେଖାଇ ଦେବାକୁ କହି ହାର୍ଦ୍ଦିକ୍‌ଙ୍କୁ ବାଇକ୍‌ରେ ବସାଇ ନେଇଯାଇଥିଲେ। ପରିବାର ଲୋକେ ପୁଅକୁ ନ ପାଇ କାଶୀନଗର ଥାନାରେ ଅଭିଯୋଗ କରିଥିଲେ। ନଂ.୧୨୨/୨୦ରେ ମାମଲା ରୁଜୁକରି ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ତଦନ୍ତ ଆରମ୍ଭ କରିଥିଲେ। ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ଓ ଏସ୍‌ଡିପିଓ ରାମକୃଷ୍ଣ ପତି କାଶୀନଗର ଗସ୍ତ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ। ସୀମାବର୍ତ୍ତୀ ଆନ୍ଧ୍ର ସମେତ ନିକଟସ୍ଥ ଥାନାଗୁଡ଼ିକୁ ସୂଚନା ଦେଇ ପୋଲିସ ଛାନ୍‌ବିନ୍ ଚଳାଇଥିଲା।


କାଶୀନଗର ମେଡିକାଲରେ ହାର୍ଦ୍ଦିକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଛି।

- ନିଜ ଗୋଦାମ ଘରୁ ଉଦ୍ଧାର କଲେ ମଉସା
- ପୁରି, ଚିକେନ ଖାଇବାକୁ ଦେଇଥିଲେ ଅପହର୍ତ୍ତା
- ରହସ୍ୟ ଉପରୁ ହଟୁନି ପରଦା, ତଦନ୍ତ ଜାରି

ହାର୍ଦ୍ଦିକ୍‌ଙ୍କ ମଉସା ନରେଶ ୧୧ଟାବେଳେ ସନ୍ଦେହରେ କଇଠପଦରସ୍ଥିତ ନିର୍ମାଣାଧୀନ ଗୋଦାମ ଘରକୁ ଖୋଜିବାକୁ ଯାଇ କବାଟ ଫାଙ୍କରେ ହାର୍ଦ୍ଦିକ୍ ଶୋଇଥିବା ଦେଖିଥିଲେ। କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ତାଙ୍କ ଘରକୁ ଆଣିବା ସହ କାଶୀନଗର ଥାନାକୁ ଖବର ଦେଇଥିଲେ।

ଏନେଇ ହାର୍ଦ୍ଦିକ୍ କହିଛନ୍ତି, ମୋତେ ସେମାନେ ବାଇକ୍‌ରେ ବସାଇ ଫ୍ୟାକ୍ଟ୍ରି ଆଡେ ନେବାବେଳେ ବାଟରେ ଏକ ରୁମାଲ ଶୁଙ୍ଘାଇ ଦେଇଥିଲେ। ତାପରେ କ'ଣ ହେଲା ମୁଁ ଜାଣିନାହିଁ। ମୋତେ ସେମାନେ ସେଠାରେ ରଖି ପୁରୀ, ଚିକେନ ଓ କେକ୍ ଖାଇବାକୁ ଦେଇଥିଲେ। ଏପରିକି ସେମାନଙ୍କୁ ଦେଖିଲେ ଚିହ୍ନି ପାରିବି ବୋଲି ମଧ୍ୟ ହାର୍ଦ୍ଦିକ୍ କହିଛନ୍ତି।

# ହେମନ୍ତ ସୋରେନ୍‌ଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

**ନୂଆଦିଲ୍ଲୀ, ୧୮।୧୨**

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବିରୋଧରେ ମୁମ୍ବାଇର ଜଣେ ମଡେଲ୍ ୨୦୧୩ରେ ବଳାତ୍କାର ଅଭିଯୋଗ ଆଣିଥିଲେ। ଏନେଇ ଏତଲା ଦିଆଯିବାର କିଛିଦିନ ପରେ ଅଭିଯୋଗକାରିଣୀ ଏହାକୁ ପ୍ରତ୍ୟାହାର କରିନେଇଥିଲେ। ତେବେ ଉକ୍ତ ଏତଲା ଆଧାରରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ସେ ନେଇ ମହାରାଷ୍ଟ୍ର ପୋଲିସ ମହାନିର୍ଦ୍ଦେଶକଙ୍କ ଠାରୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ସବିଶେଷ ରିପୋର୍ଟ ଚାହିଁଛନ୍ତି।

ଅଭିଯୋଗ ଅନୁଯାୟୀ ହେମନ୍ତ ସୋରେନ୍ ଓ ସୁରେଶ ନାଗ୍ରେ ଉକ୍ତ ମଡେଲଙ୍କୁ ବଳାତ୍କାର କରିବା ସହ ଏ ସମ୍ପର୍କରେ ବାହାରେ ପ୍ରକାଶ ନ କରିବାକୁ ତାଙ୍କ ପରିବାରକୁ ବାରମ୍ବାର ଧମକ ଦେଇଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପଠାଇବା ପାଇଁ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା ଡିଜିପିଙ୍କୁ କହିଛନ୍ତି। ପୀଡ଼ିତାଙ୍କ ଦ୍ୱାରା ଲେଖାଯାଇଥିବା ଏକ ପତ୍ର ଭାଇରାଲ ହୋଇଛି, ଯେଉଁଥିରେ ସେ ୭ ବର୍ଷ ତଳର ଉକ୍ତ ଘଟଣାକୁ ଉଲ୍ଲେଖ କରିଥିଲେ। ଗତ ଜୁଲାଇରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ପ୍ରଥମେ ଏହି ଘଟଣା ଲୋକଲୋଚନକୁ ଆଣିଥିଲେ। ଅଭିଯୋଗକୁ ଚାପିଦେବା ପାଇଁ ହେମନ୍ତ ସୋରେନ୍ ସେତେବେଳେ ତାଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ କ୍ଷମତାର ଦୁରୁପଯୋଗ କରିଥିଲେ। ଜଣେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏଭଳି କାର୍ଯ୍ୟ ଗଣତନ୍ତ୍ର ପ୍ରତି ଲଜ୍ଜା। ମୁମ୍ବାଇ ପୋଲିସ ଏହାର ପୁନଃ ତଦନ୍ତ କରିବା ଆବଶ୍ୟକ ବୋଲି ଦୁବେ ଜୁଲାଇ ୨୮ରେ ଟୁଇଟ୍ କରିଥିଲେ।

ଅନ୍ୟପକ୍ଷରେ ଦୁବେଙ୍କ ଟୁଇଟ୍ ଉପରେ ସୋରେନ୍ ପ୍ରତିକ୍ରିୟା ପ୍ରକାଶ କରିବା ସହ ଅଗଷ୍ଟ ୪ରେ ତାଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମାନହାନି ମାମଲା ରାଞ୍ଚି କୋର୍ଟରେ ଦାଏର କରିଥିଲେ। ଡିସେମ୍ବର ୨୧ରେ ଉକ୍ତ ମାମଲାର ଶୁଣାଣି ହେବ।

## ରିପୋର୍ଟ ମାଗିଲା ଏନ୍‌ସିଡବ୍ଲ୍ୟୁ








## ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ କରୋନା

**ଡେରାଡୁନ୍:** ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍‌ଙ୍କଠାରେ ଶୁକ୍ରବାର କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛି। ସେ ବାସଭବନରେ ନିଜକୁ ଆଇସୋଲୋଶନରେ ରଖିଛନ୍ତି। ଏ ସମ୍ପର୍କରେ ସେ ଟୁଇଟରରେ ସୂଚନା ଦେବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ସଙ୍ଗରୋଧରେ ରହିବା ସହ କୋଭିଡ୍ ପରୀକ୍ଷା କରାଇନେବାକୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ରାୱତ୍‌ଙ୍କ କାର୍ଯ୍ୟାଳୟର ଜଣେ ଅଫିସରଙ୍କୁ କରୋନା ହେବାରୁ ସେପ୍ଟେମ୍ବରରେ ସେ ଆଇସୋଲେଶନରେ ରହିଥିଲେ। ଅଗଷ୍ଟ ୨୬ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ୩ କର୍ମଚାରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟହେବା ପରେ ରାୱତ୍ ନିଜକୁ ସଙ୍ଗରୋଧରେ ରଖିଥିଲେ।




# ଗୀତା ମେହେଟ୍ଟାଙ୍କ ପରାମର୍ଶରେ ଚାଲିଛି କରୋନା ମୁକାବିଲା: ବିକ୍ରମ ଆରୁଖ

ଭଞ୍ଜନଗର,୧୮।୧୨(ଡି.ଏନ.ଏ.)



ମନ୍ତ୍ରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି।

କରୋନାର ସଫଳ ମୁକାବିଲା କରିବାରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ କମୁଛି। ଆଗାମୀ ଦିନରେ ଓଡ଼ିଶା କରୋନା ମୁକ୍ତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନାର ଭୟାବହତା ସମ୍ପର୍କରେ ଆମେରିକାରେ ରହୁଥିବା ତାଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କଠାରୁ ଜାଣିବାକୁ ପାଇଥିଲେ। ମେହେଟ୍ଟାଙ୍କ ପରାମର୍ଶ ଅନୁଯାୟୀ ମୁଖ୍ୟମନ୍ତ୍ରୀ ରାଜ୍ୟରେ କରୋନା ମୁକାବିଲା ପାଇଁ ପଦକ୍ଷେପ ନେଇଥିବା ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ଭଞ୍ଜନଗର ବ୍ଲକ ଦଦରାଲୁଣ୍ଡାଠାରେ ଶୁକ୍ରବାର ଆୟୋଜିତ ସ୍ୱଚ୍ଛତା ଓ ପରିବେଶ ସଚେତନତା ସଭାରେ ମନ୍ତ୍ରୀ ଆରୁଖ ଏହି କଥା କହିଛନ୍ତି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ଭାବେ ସଭାରେ ଯୋଗଦେଇ, ସ୍ୱଚ୍ଛତା ରଖିଲେ ହିଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁରକ୍ଷିତ ରହିପାରିବା ବୋଲି କହିଥିଲେ। ରାଜ୍ୟର ସମସ୍ତ ଜିଲାରେ କିସ୍‌ର ଶାଖା ଖୋଲାଯିବ। ଗଞ୍ଜାମ ଜିଲାରେ ମଧ୍ୟ ଶାଖା ଖୋଲାଯିବ, ଏନେଇ ଜମି ଅଧିଗ୍ରହଣ ସରିଛି ବୋଲି ସେ କହିଥିଲେ।

ମନ୍ତ୍ରୀ ଆରୁଖ ଶୁକ୍ରବାର ଭଞ୍ଜନଗର ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସ୍ୱଚ୍ଛତା ଓ ପରିବେଶ ସଚେତନତା ରଥକୁ ମନ୍ତ୍ରୀ ଆରୁଖ ଓ ଏମ୍‌ପି ସାମନ୍ତ ଦୁର୍ଗାପ୍ରସାଦଠାରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଦୁର୍ଗାପ୍ରସାଦ ଗ୍ରାମରେ ସଫେଇ କାର୍ଯ୍ୟକ୍ରମରେ ଯୋଗଦେବା ସହ ଅଙ୍ଗନୱାଡ଼ି କେନ୍ଦ୍ର, ଦଦରାଲୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ, ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ କୋଠାକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

# ଗାଁ ମଝିରେ ବଉଳା କୁମ୍ଭୀର



ଆଳି/ରାଜନଗର, ୧୮।୧୨(ଡି.ଏନ.ଏ.)

ଆଳି ଓ ରାଜନଗର ସୀମାନ୍ତ ନଳଦିଆ ଗ୍ରାମକୁ ପଶି ଆସିଥିବା ଏକ ବଉଳା କୁମ୍ଭୀରକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଶୁକ୍ରବାର ଭୋର ସମୟରେ ନଳଦିଆ ଗ୍ରାମର ପ୍ରଦୀପ ପାତ୍ର ସ୍କୁଲ ନିକଟ ନଳକୂପ ପାଖକୁ ଆସିଥିଲେ। ହେଲେ ନଳକୂପର କିଛିଦୂରରେ ଏକ କୁମ୍ଭୀର ଶୋଇଥିବା ଦେଖି ସେ ଅନ୍ୟମାନଙ୍କୁ ଡାକି ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ କୁମ୍ଭୀରଟି ଖସି ଯାଇ ନିକଟସ୍ଥ ଗାଡିଆରେ ପଶି ଯାଇଥିଲା। ଏହା ପରେ ରାଜନଗର ବନ ବିଭାଗକୁ ଖବର ଦିଆଯାଇଥିଲା। ବନବିଭାଗ କର୍ମଚାରୀମାନେ କୁମ୍ଭୀରକୁ ଠାବ କରିପାରି ନ ଥିଲେ। କୁମ୍ଭୀରଟି ଅପରାହ୍ନରେ ଗାଡ଼ିଆ ଉପରକୁ ଉଠି ଆସିବା ପରେ ଗାଁର ଯୁବକମାନେ ଏକଜୁଟ ହୋଇ ତାକୁ କାବୁ କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ପହଞ୍ଚି କୁମ୍ଭୀରକୁ ନେଇ ନଦୀରେ ଛାଡି ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ନଳଦିଆ ଭିତରକନିକା ଅଭୟାରଣ୍ୟ ନିକଟବର୍ତ୍ତୀ ହୋଇଥିବା ବେଳେ ଗାଁର ଗୋଟିଏ ପଟେ ବ୍ରାହ୍ମଣୀ ଓ ଅନ୍ୟ ପଟେ ଏହାର ଏକ ଶାଖା ନାଳି ରହିଛି। ସେହି ନାଳିରୁ ପ୍ରାୟ ୧୦ ଫୁଟ୍ ଲମ୍ବର ଏହି ବଉଳା କୁମ୍ଭୀର ଗାଁକୁ ପଶିଆସିଥିବା ଅନୁମାନ କରାଯାଉଛି।

# ଅଣ୍ଡା ଭୁଜିଆ ନଦେବାରୁ ପୁଅର ଆତ୍ମହତ୍ୟା

ଆସିକା,୧୮।୧୨(ଡି.ଏନ୍.ଏ.)

ଆସିକା ଥାନା ଅଞ୍ଚଳରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ମାର୍ଗଶିର ମାସ ଗୁରୁବାର ଥିବାରୁ ମା' ଅଣ୍ଡା ଭୁଜିଆ କରି ନ ଦେବାକୁ ଆତ୍ମହତ୍ୟା କରିଛନ୍ତି ପୁଅ। ମୃତକ ହେଲେ ଆସିକା ଏନ୍‌ଏସି ଲାଲାଶାସନ ଗ୍ରାମର ମୁନା ନାୟକ(୨୦)। ଶୁକ୍ରବାର ସକାଳେ ପୋଲିସ ମୃତଦେହ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ନଂ.୨୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ମୃତକଙ୍କ ମା' ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ମୁନା ତାଙ୍କୁ ଅଣ୍ଡା ଭୁଜିଆ କରିଦେବାକୁ କହିଥିଲେ। ତେବେ ମାର୍ଗଶିର ମାସ ଗୁରୁବାର ଥିବାରୁ ସେ ମନା କରିଥିଲେ। ରାଗିଯାଇ ମୁନା ଘର ସମ୍ମୁଖରେ ଥିବା କୋଠ ଘରକୁ ଯାଇ କେବୁଲ ତାରରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ମା' ଆଉଜଣେ ପୁଅକୁ ଡାକିବାକୁ ପଠାଇଥିଲେ। ସେ ଯାଇ ମୁନା ଆତ୍ମହତ୍ୟା କରିଥିବା ଦେଖିଥିଲେ।





**WALK-IN-INTERVIEW**
For FIELD COLLECTION EXECUTIVE.
Age: Below 35 Yrs. Minimum Matriculation. All Odisha for TVS Credit Service Limited. Freshers are Welcome.
Interview: (Saturday - Friday) at:
CREATIVE PLAZA BUILDING
2nd Floor, Rasulgarh, BBSR
Mob.: 7008554897

**ସାଇଟ୍ ସୁପରଭାଇଜର ଆବଶ୍ୟକ**
କୋଲକାତା ଭିତ୍ତିକ ଏକ ରାସ୍ତା ନିର୍ମାଣ କମ୍ପାନୀ ପଶ୍ଚିମବଙ୍ଗରେ ତାହାର ବିଭିନ୍ନ ସାଇଟ୍ ପାଇଁ କେତେଜଣ **ସାଇଟ୍ ସୁପରଭାଇଜର** ଆବଶ୍ୟକ କରୁଛି । ଦରମା ଏହି ଉଦ୍ୟୋଗର ମାନଦଣ୍ଡ ଅନୁଯାୟୀ ଦିଆଯିବ। ରାସ୍ତା ନିର୍ମାଣରେ ଅତି କମ୍‌ରେ 5 ବର୍ଷର ଅଭିଜ୍ଞତା ଜରୁରୀ । କୋଲକାତାରେ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ଏହି ବିଜ୍ଞାପନ ପ୍ରକାଶନର 10 ଦିନ ମଧ୍ୟରେ 7003804783କୁ କଲ୍ କରନ୍ତୁ ।

POST COVID OPPORTUNITY : Be an Entrepeneur. Work From Home.
Be an Owner of ATMANIRBHAR KENDRA Powered by KSPL
Time is Money. Enormous Scope !!! Unlimited Earning Possiblities....
APPLY WITHIN 7 DAYS : Opportunity exists for Opening of New ATMANIRBHAR KENDRA in All District HQs and All Blocks of Odisha. Immediate requirement for All Coastal Districts Block H.Q.including GP Level for openingof ATMANIRBHAR KENDRA.
Qualification : Graduate Or Diploma.
OCTOTHORP MARKETING SERVICES UNLIMITED
150 - SAHIDNAGAR, BHUBANESWAR - 751007
Mob . 9938844566 / 7815064521
Mail-ID : sales.octothorp@gmail.com

**APPOINTMENT**
For Job in JEWELLERY SHOWROOM.
Send biodata on WhatsApp No.
9437033691

**WALK IN INTERVIEW**
RSP Mission Foundation Req. for Digital Health Consumer Survey, Post: BLOCK LIAISONING OFFICER, PANCHAYAT HEALTH CO-ORDINATOR. Qua.-10th to Graduate. Sal.- 5200 to 8500 +TA+ Mobile Expence, Berhampur, Ganjam.
Ph.-0680-2950621/7604863271

**ତୁରନ୍ତ ଆବଶ୍ୟକ**
ତାମିଲନାଡୁର ଅଗ୍ରଣୀ ମୋବାଇଲ ନିର୍ମାଣ କମ୍ପାନୀ ପାଇଁ **ମହିଳା ପ୍ରାର୍ଥୀ** ଆବଶ୍ୟକ। ବୟସ: 18-26 । ଇଏସ୍ଆଇ, ଇପିଏଫ୍ ଓ ରହିବା ଖର୍ଚ୍ଚ କଟିବା ପରେ ନେଟ୍ ଦରମା ଟ.9722/-। ବିବରଣୀ ପାଇଁ ସମ୍ପର୍କ କରନ୍ତୁ:
9003032043 କିମ୍ବା
https://forms.gle/HgCF117dTg491aCT6

**REQUIRES FEMALE**
Accountants place at Bhubaneswar
Qualification: B.Com. with 1year exp., having knowledge of Tally and MS Excel. Food and accommodation available.
Call :9437076888

**VACANCY** A more than 24 years old well established professional organization requires following personnel for its Rourkela Office.
BRANCH HEAD - Mechanical Engineer with 4 - 6 years of industrial sales experience in steel / power / aluminium industry
ENGINEERS - Mechanical Engineer with 3 - 4 years of industrial sales experience in steel / power / aluminium industry
Right candidate will be offered attractive package.
Please apply with your updated resume and latest photograph to opportunities@pacificinternational.co.in
For more information contact on +91 8861844225.

**ଆବଶ୍ୟକ**
ଭୁବନେଶ୍ୱର ଏବଂ ସମ୍ବଲପୁରରେ ନିଜର ଏକ ଖୁଚୁରା ଆଉଟ୍‌ଲେଟ୍ ଥିବା ଏକ ଅଗ୍ରଣୀ ଖୁଚୁରା ସଂଗଠନ ଫ୍ରାଞ୍ଚାଇଜ୍ ଆଧାରରେ ସେମାନଙ୍କ ଦୋକାନ ଚଳାଇବାକୁ ଲୋକଙ୍କୁ ଖୋଜୁଛି। ସର୍ବନିମ୍ନ ନିଶ୍ଚିତ ଆୟ ମାସିକ – ୧୫,୦୦୦/–ରୁ ୨୦,୦୦୦/– ଟଙ୍କା। ସର୍ବନିମ୍ନ ବିନିଯୋଗ: ୧.୫ଲକ୍ଷ ଟଙ୍କା (ଫେରସ୍ତଯୋଗ୍ୟ ସୁରକ୍ଷା ଜମା) ୫୦,୦୦୦/– ଟଙ୍କା କାର୍ଯ୍ୟର ପୁଞ୍ଜି। ଆଗ୍ରହୀ ବ୍ୟକ୍ତି ଦୟାକରି ଦିଆଯାଇଥିବା ଠିକଣାରେ ସେମାନଙ୍କର ବିସ୍ତୃତ ବାୟୋଡାଟା ପଠାଇ ପାରନ୍ତି।
ରୁମ୍ ନଂ. ୩୧୮, ତୃତୀୟ ମହଲା, DLF ସାଇବର ସିଟି
ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ପଟିଆ – ୭୫୧୦୨୪, ଭୁବନେଶ୍ୱର
ଯୋଗାଯୋଗ: ଶ୍ରୀ ସତ୍ୟଜିତ୍ ଦାଶ, ମୋବାଇଲ: 7008025207


# ଗ୍ୟାଙ୍ଗଷ୍ଟର ରାଜା ଏନ୍‌ଏସ୍‌ଏରେ ବୁକ୍

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

## ଦାଦାବଟି ମାମଲାରେ ଜେଲ ଯାଇଥିଲେ



ଗ୍ୟାଙ୍ଗଷ୍ଟର ସନ୍ଦୀପ ଓରଫ ରାଜା ଆଚାର୍ଯ୍ୟଙ୍କ ନାଁରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଲାଗୁ ହୋଇଛି। ଦାଦାବଟି ଆଦାୟ ଓ ସର୍ବସାଧାରଣରେ ଆତଙ୍କ ସୃଷ୍ଟି ପାଇଁ କମିଶନରେଟ ପୋଲିସ ଏହି ପଦକ୍ଷେପ ନେଇଛି। ଏନ୍‌ଏସ୍‌ଏ ଲାଗୁ କରିବାକୁ କମିଶନରେଟ ପୋଲିସ ପକ୍ଷରୁ କୋର୍ଟରେ ଆବେଦନ ହୋଇଥିଲା। ରାଜାଙ୍କର ସମସ୍ତ କେସ୍ ରେକର୍ଡ ଯାଞ୍ଚ କରିବା ପରେ କୋର୍ଟ ଉକ୍ତ ଆବେଦନକୁ ମଞ୍ଜୁର କରିଥିଲେ।

ଦାଦାବଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କମିଶନରେଟ୍ ପୋଲିସ ଅଣ୍ଟା ଭିଡିଛି। ଗତ ଅକ୍ଟୋବରରୁ 'ଦାଦାବଟିକୁ ନା' ମିଶନ ଆରମ୍ଭ କରିଛି। ରାଜଧାନୀର କେନ୍ଦ୍ରସ୍ଥଳ ୟୁନିଟ୍–୧ ଅଞ୍ଚଳରେ ଦାଦାବଟି ମାଗିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ରାଜାଙ୍କୁ ଗିରଫ କରିଥିଲା। ଜୁଡୋ କୋଚ୍ ବିରଞ୍ଚି ଦାସ ହତ୍ୟା ମାମଲାରେ ୧୦ବର୍ଷ ସଜା କାଟି ଫେରିବାର କିଛି ମାସପରେ ତାଙ୍କୁ ପୁଣି ଜେଲ ଯିବାକୁ ପଡ଼ିଥିଲା। ରାଜାଙ୍କ ସହିତ ଦୁଇ ସହଯୋଗୀ ଶିରିପୁରର ନୃସିଂହ ବେହେରା ଓ ବିଜେବି ନଗରର ବିନୟ ଦାସ ମଧ୍ୟ ଗିରଫ ହୋଇଥିଲେ। ରାଜାଙ୍କ ନିର୍ଦ୍ଦେଶକ୍ରମେ ଏମାନେ ୟୁନିଟ୍–୧ ଓ ୟୁନିଟ୍–୨ ମାର୍କେଟ ଅଞ୍ଚଳରେ ବ୍ୟବସାୟୀଙ୍କଠାରୁ ଦାଦାବଟି ନେଉଥିବା ଅଭିଯୋଗ ହୋଇଥିଲା।

ରାଜା ୨୦୦୮ ଏପ୍ରିଲ ୧୩ରେ ଜୁଡୋ କୋଚ୍ ବିରଞ୍ଚି ଦାସଙ୍କୁ ହତ୍ୟା କରିଥିଲେ। କୁନି ଧାବକ ବୁଧିଆଙ୍କୁ ନେଇ ବେଶ୍ ଚର୍ଚ୍ଚାରେ ଥିବା ବିରଞ୍ଚିଙ୍କୁ ହତ୍ୟା ପରେ ରାଜା ସାମ୍ନାକୁ ଆସିଥିଲେ। ଏହି ଘଟଣାକୁ ନେଇ ସେତେବେଳେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବାବେଳେ ରାଜା ଗ୍ୟାଙ୍ଗଷ୍ଟରର ପରିଚୟ ପାଇଥିଲେ। ୨୦୧୦ ଡିସେମ୍ବର ୧୭ରେ ଭୁବନେଶ୍ୱର ଫାଷ୍ଟଟ୍ରାକ୍ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ୨୦୧୯ ନଭେମ୍ବର ୧୩ରେ କଟକ ମାଲ୍‌ଗୋଦାମ ଥାନା ପୋଲିସ ତାଙ୍କୁ ପୁଣି ଗିରଫ କରିଥିଲା। ଚଳିତବର୍ଷ ଆରମ୍ଭରେ ରାଜା ଜାମିନରେ ମୁକୁଳିବା ପରେ ବିଜେବି ନଗରରେ ରହିବା ସହ ଦାଦାବଟି, ସରକାରୀ ଜମି ଜବରଦଖଲ, ଦଖଲରୁ ହଟାଇବା ପାଇଁ ଟଙ୍କା ନେଇ କାମ କରୁଥିଲେ। ଏନେଇ ଏକାଧିକ ଅଭିଯୋଗ ଆସିବା ପରେ ରାଜା ଓ ତାଙ୍କ ସହଯୋଗୀଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଥିଲା।

# ୨୧ରେ ଏସ୍‌ପି ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ରାଜ୍ୟରେ ଶିଶୁ ଅପହରଣ, ମହିଳା ନିର୍ଯାତନା, ଅପରାଧ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ଆସନ୍ତା ୨୧ ତାରିଖରେ କଂଗ୍ରେସ ପକ୍ଷରୁ ରାଜ୍ୟର ସବୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ କଂଗ୍ରେସ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲା କୁମାର ଶନିବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଛାତ୍ର କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ।



ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

# ନିର୍ବାଚନ ପୂର୍ବରୁ ଲଢ଼େଇ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଗକୁ ଆସୁଛି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ । କିନ୍ତୁ ତାକୁ କେନ୍ଦ୍ର କରି ଏବେଠୁ ଲଢ଼େଇ ଆରମ୍ଭ ହୋଇଗଲାଣି। ପଶ୍ଚିମବଙ୍ଗରେ ଭାଜପା ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ଗାଡ଼ି ଉପରେ ଆକ୍ରମଣ ପରେ ଟିଏମ୍‌ସି ସରକାର ଉପରେ କେନ୍ଦ୍ର ପ୍ରତି ଆକ୍ରମଣ କରିଛି। ୩ ଜଣ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ର ଡେପୁଟେଶନରେ ଡକାଇଛି। ପୁନଶ୍ଚ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ମୁଖ୍ୟ ଶାସନ ସଚିବ ଅଳ୍ପନ ବନ୍ଦ୍ୟୋପାଧ୍ୟାୟ ଏବଂ ପୋଲିସ ମହାନିର୍ଦ୍ଦେଶକ ବୀରେନ୍ଦ୍ରଙ୍କୁ ସମନ ଜାରି କରି ଦିଲ୍ଲୀରେ ହାଜର ହୋଇ ପଶ୍ଚିମବଙ୍ଗର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ଲାଗି କହିଛି। ଜଣେ ବିଦ୍ରୋହୀ ନେତ୍ରୀ ଭାବେ ଜଣାଶୁଣା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ସମନକୁ ପାଳନ କରିବା ଲାଗି ମନା କରିଦେଇଛନ୍ତି। ସେ ମଧ୍ୟ ୩ ଜଣ ଆଇପିଏସ୍ ଅଧିକାରୀଙ୍କୁ ଡେପୁଟେଶନରେ ପଠାଇବା ଲାଗି କେନ୍ଦ୍ରର ଦାବିକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏହି ୩ ଆଇପିଏସ୍ ଅଧିକାରୀମାନେ ହେଲେ-ଭୋଳାନାଥ ପାଣ୍ଡେ,ରାଜୀବ ମିଶ୍ର ଏବଂ ପ୍ରବୀଣ କୁମାର ତ୍ରିପାଠୀ। ରାଜ୍ୟରେ ଦକ୍ଷ ଅଧିକାରୀଙ୍କ ଅଭାବ ରହିଛି ଏବଂ ରାଜ୍ୟ ଏହି ତିନିଜଣ ଅଧିକାରୀଙ୍କୁ ଛାଡ଼ିପାରିବ ନାହିଁ ବୋଲି କହିଛନ୍ତି ମମତା। ପୂର୍ବରୁ ବି ଏମିତି ଏକ ଉଦାହରଣ ରହିଛି। ୧୯୯୧ରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ.ଜୟଲଳିଥା ସମାନ ଢଙ୍ଗରେ କେନ୍ଦ୍ରକୁ ଡେପୁଟେଶନରେ ପଠାଇବା ଲାଗି ମନା କରିଦେଇଥିଲେ। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ନେତା ଏମ. କରୁଣାନିଧିଙ୍କ ଘର ଉପରେ ରାଜ୍ୟ ପୋଲିସ ଚଢ଼ାଉ କରିବା ସମୟରେ ଏଭଳି ଘଟଣା ଘଟିଥିଲା। ଯେଉଁ ତିନି ଜଣ ପୋଲିସ ଅଧିକାରୀ ଏହି କାର୍ଯ୍ୟାନୁଷ୍ଠାନରେ ଜଡ଼ିତ ଥିଲେ ସେମାନଙ୍କୁ ଡେପୁଟେଶନରେ ପଠାଇବା ଲାଗି କେନ୍ଦ୍ର କହିଥିଲା। ଠିକ୍ ମମତାଙ୍କ ଭଳି ସେତେବେଳେ ଏହି ଅଧିକାରୀମାନଙ୍କୁ ଜୟଲଳିଥା କେନ୍ଦ୍ରକୁ ପଠାଇବା ଲାଗି ମନା କରିଦେଇଥିଲେ। ରାଜ୍ୟ ସରକାରଙ୍କ ଅଧୀନରେ ଯେଉଁ ସିଭିଲ ସର୍ଭିସ ଅଧିକାରୀମାନେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ବିରୋଧରେ କେନ୍ଦ୍ର ଏକତରଫା ପଦକ୍ଷେପ ନେଇପାରିବ ନାହିଁ। କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ଏକମତ ହେବାକୁ ପଡିବ।

### ସେବାରେ ବିଦ୍ରୋହ

ସିଭିଲ ସର୍ଭିସ ପ୍ରତିବାଦ ବଦଳରେ ଆଜ୍ଞାକାରିତାରେ ଚାଲିଥାଏ। କିନ୍ତୁ ବେଳେବେଳେ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକରେ କୌଣସି ଏକ କାରଣକୁ ନେଇ ବିଦ୍ରୋହ ପ୍ରକାଶ ପାଏ। ପଞ୍ଜାବ ଡିଆଇଜି(ଜେଲ) ଲାକ୍ଷ୍ମିନ୍ଦର ସିଂ ଜାଖର ତିନୋଟି ନୂଆ କୃଷି ଆଇନ ବିରୋଧରେ ଦିଲ୍ଲୀରେ ହେଉଥିବା କୃଷକ ଆନ୍ଦୋଳନକୁ ସମର୍ଥନ କରି ଚାକିରିରୁ ଇସ୍ତଫା ଦେଇଛନ୍ତି। ରାଜନେତା,କ୍ରୀଡାବିତ ଏପରି କି ପୂର୍ବତନ ସେନା ଅଧିକାରୀମାନେ ଏହାର ପ୍ରତିବାଦରେ ସେମାନଙ୍କ ପୁରସ୍କାର ଓ ପଦକ ଫେରାଇବା ଲାଗି ଘୋଷଣା କରିଛନ୍ତି। କିନ୍ତୁ କୃଷକଙ୍କ ଆନ୍ଦୋଳନକୁ କେନ୍ଦ୍ର କରି ଜଣେ ଆଇପିଏସ୍ ଅଧିକାରୀ ଇସ୍ତଫା ଦେବା ପଞ୍ଜାବରେ ପ୍ରଥମ ଘଟଣା। ଅବଶ୍ୟ ଏହା ପୂର୍ବରୁ ଆଇଏଏସ୍ ଅଧିକାରୀ କାନନ ଗୋପୀନାଥନ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଲାଗୁ କରାଯାଇଥିବା କଟକଣା ପ୍ରତିବାଦରେ ଇସ୍ତଫା ଦେଇଥିଲେ। ସେଠାରେ ମଧ୍ୟ ଯୁବ ଆଇଏଏସ୍ ଅଧିକାରୀ ଶାହା ଫୈସଲ ଏକ ରାଜନୈତିକ ଦଳ ଗଢିବା ଲାଗି ୨୦୧୯ରେ ଚାକିରିରୁ ଇସ୍ତଫା ଦେଇଥିଲେ। କିଛି ମାସ ପୂର୍ବରୁ ବିହାରର ଡିଜିପି ଗୁପ୍ତେଶ୍ୱର ପାଣ୍ଡେ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଇଚ୍ଛାଧୀନ ଅବସର ନେବାକୁ ଚାହିଁଥିଲେ। ଏବେ ବି ତାଙ୍କ ପଦ ଖାଲି ରହିଛି। କିନ୍ତୁ ଜନସାଧାରଣଙ୍କ ଘଟଣାକୁ କେନ୍ଦ୍ର କରି ଏହି ଘଟଣା ଘଟି ନ ଥିଲା। ଜାଖର ସେନାରେ ଚାକିରି କରିବା ପରେ ୧୯୯୪ ବ୍ୟାଚ ଅଧିକାରୀ ଭାବେ ଆଇପିଏସ୍‌ରେ ଯୋଗ ଦେଇଥିଲେ। ତାଙ୍କର ଅଗଷ୍ଟ ୨୦୨୨ରେ ସେବାନିବୃତ୍ତ ହେବାର ଥିଲା। ମଜାକଥା ହେଉଛି, ଚଳିତ ବର୍ଷ ମେ'ପ୍ରାରମ୍ଭରେ ଦୁର୍ନୀତି ଅଭିଯୋଗରେ ଜାଖରଙ୍କୁ ନିଲମ୍ବନ କରାଯାଇଥିଲା ଏବଂ ମାସେ ଭିତରେ ତାଙ୍କୁ ପୁଣି ଅବସ୍ଥାପିତ କରାଯାଇଥିଲା।

### ମୁଖ୍ୟ ସଚିବଙ୍କୁ ଛାଡୁନି ତାମିଲନାଡୁ

ତାମିଲନାଡୁ ମୁଖ୍ୟ ଶାସନ ସଚିବ କେ.ଷନ୍ମୁଗମଙ୍କ କାର୍ଯ୍ୟକାଳ ପୁଣି ବଢାଇବାକୁ ରାଜ୍ୟ ସରକାର ଚାହିଁଛନ୍ତି। ଷଣ୍ମୁଗମଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ମାନେ ମୁଖ୍ୟ ସଚିବ ପଦବୀରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ତାମିଲନାଡୁ କ୍ୟାଡରର ବହୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ସୁଯୋଗ ହରାଇବେ। ସୂତ୍ରରୁ ପ୍ରକାଶ ଯେ,୧୯୮୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଷନ୍ମୁଗମଙ୍କ ଚାକିରି କାଳ ପୂର୍ବରୁ ଦୁଇ ଥର ସମ୍ପ୍ରସାରିତ ହୋଇ ସାରିଛି। ଏବେ କେନ୍ଦ୍ରରେ ସଚିବ ପଦରେ ରହିଥିବା ୪ ଜଣ ଅଧିକାରୀଙ୍କ ସମେତ ତାମିଲନାଡୁରେ ଅତିରିକ୍ତ ସଚିବ ସ୍ତରର ୩୦ ଜଣ ଆଇଏଏସ୍ ଅଧିକାରୀ ରହିଛନ୍ତି। ତୃତୀୟ ଥର ପାଇଁ ଷନ୍ମୁଗମଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସ୍ତାବ ସୂଚାଇ ଦେଉଛି କି ମୁଖ୍ୟ ସଚିବ ପଦ ସମ୍ଭାଳିବାରେ ଏହି ଅଧିକାରୀମାନଙ୍କ ଦକ୍ଷତା ଉପରେ ରାଜ୍ୟ ସରକାରଙ୍କ ସନ୍ଦେହ ରହିଛି। ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏଡାପଦି କେ.ପାଲାନିସ୍ୱାମୀ ଯେତେବେଳେ ପ୍ରଥମେ ଷନ୍ମୁଗମଙ୍କ କାର୍ଯ୍ୟକାଳ ଏକ ବର୍ଷ ପାଇଁ ବଢାଇବାକୁ ଚାହିଁଥିଲେ ସେତେବେଳେ କେନ୍ଦ୍ର ତିନିମାସ ପାଇଁ ମଞ୍ଜୁରୀ ପ୍ରଦାନ କରିଥିଲା। ଦ୍ୱିତୀୟ ସମ୍ପ୍ରସାରଣ ଆଉ ତିନିମାସ ପାଇଁ ହୋଇଥିଲା। କିନ୍ତୁ ଏବେ ରାଜ୍ୟ ସରକାର ଷନ୍ମୁଗମଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଏହିବାବୁଜଣକ ରାଜ୍ୟରେ କୋଭିଡ୍ ପରିଚାଳନାରେ ପ୍ରମୁଖ ଭୂମିକା ନିଭାଉଛନ୍ତି। ତେବେ କେନ୍ଦ୍ର ପୁଣି ଅନୁଗ୍ରହ ପ୍ରଦର୍ଶନ କରିବ କି ନାହିଁ ତାହା ଦେଖିବାକୁ ବାକି ରହିଲା।

Email: dilipcherian@gmail.com

# ଆଦିବାସୀଙ୍କ ଧର୍ମ



ଅନିଲ କୁମାର ବିଶ୍ୱାଳ

ଏବେ ଏକ ନୂଆ ବିବାଦ ମୁଣ୍ଡ ଟେକିଛି। ସାରା ଦେଶରେ ଯେଉଁ ରାଜ୍ୟଗୁଡ଼ିକରେ ଆଦିବାସୀବର୍ଗର ଭାଇ ଭଉଣୀମାନଙ୍କର ସଂଖ୍ୟା ଅଧିକ ଅଛି ଯେମିତି କି ଝାଡ଼ଖଣ୍ଡ, ଛତିଶଗଡ଼, ଓଡ଼ିଶା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଆସାମ ଭଳି ରାଜ୍ୟରେ ବିତର୍କ ଆରମ୍ଭ ହୋଇଛି ଆଦିବାସୀମାନଙ୍କର ଧର୍ମକୁ ନେଇ। ଏହା ଯଦିଓ ଏକ ନୂଆ ବିଷୟ ନୁହେଁ କିନ୍ତୁ ଆସୁଥିବା ୨୦୨୧ ଜନଗଣନାର ଠିକ୍ ପୂର୍ବରୁ ବିବାଦଟି ଠିଆ କରାଯାଉଛି ଯେ ଆଦିବାସୀମାନଙ୍କର ଧର୍ମ ହିନ୍ଦୁ ନୁହେଁ, ସେଥିପାଇଁ ସେମାନଙ୍କୁ ଅଲଗା ଧର୍ମର ମାନ୍ୟତା ମିଳୁ। ଝାଡ଼ଖଣ୍ଡ ବିଧାନସଭାରେ ଏକ ସଙ୍କଳ୍ପ ଶାସକଦଳ ଦ୍ୱାରା ପାରିତ ହୋଇଛି କି ଆଦିବାସୀମାନଙ୍କର ଧର୍ମକୁ 'ସରନା' ଧର୍ମ ବୋଲି କୁହାଯାଉ । ବିଭିନ୍ନ ଖବର କାଗଜରେ ସମ୍ପାଦକୀୟ ଲେଖାଯାଉଛି, ଯାହାର ସାରମର୍ମ ହେଉଛି ଯେ ଆଦିବାସୀ ମାନେ ହିନ୍ଦୁ ନୁହନ୍ତି । ସେମାନେ ଅଲଗା ଧର୍ମର ବୋଲି। ସେମାନଙ୍କୁ ହିନ୍ଦୁ ବିରୋଧୀ ପ୍ରମାଣିତ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ବିଚାରର ବୁଦ୍ଧିଜୀବୀମାନେ ଲଗାତର ପ୍ରୟାସ ଅନେକ ଦିନ ଧରି କରିଆସୁଥିଲେ, ଯାହାର ପ୍ରତିଫଳନ ଆସନ୍ତା ଜନଗଣନାର ଠିକ୍ ପୂର୍ବରୁ ଦେଖାଯାଉଛି। ସେମାନଙ୍କର ଦାବି ହେଲା ଆଦିବାସୀମାନଙ୍କୁ ଜନଗଣନାରେ ବାଧ୍ୟତାମୂଳକ ଭାବରେ ହିନ୍ଦୁରେ ଗଣାଯାଉଛି, ଯାହା ସେମାନଙ୍କର ଧାର୍ମିକ ସ୍ୱତନ୍ତ୍ରତାକୁ କ୍ଷୁର୍ଣ୍ଣ କରୁଛି। ଜନଗଣନା ବେଳେ ବ୍ୟକ୍ତିର ଧର୍ମ ବା ରିଲିଜିଅନର ତଥ୍ୟ ଦେବାର ଯେଉଁ ବ୍ୟବସ୍ଥା ଅଛି ସେଠାରେ ହିନ୍ଦୁ, ଖ୍ରୀଷ୍ଟିଆନ, ମୁସଲିମ, ବୌଦ୍ଧ, ଶିଖ୍ ଆଦି ଧର୍ମ ସହିତ ଆଉ ଗୋଟିଏ ବିକଳ୍ପ ଅଛି ତାହା ହେଉଛି ଅନ୍ୟାନ୍ୟ। ସେଠାରେ ଆଦିବାସୀମାନଙ୍କ ପାଇଁ କୌଣସି ବିକଳ୍ପ ନାହିଁ। ଏବେ ସେହି ତାଲିକାରେ 'ସରନା ଧର୍ମ'କୁ ଯୋଡାଯାଉ ବୋଲି ଦାବି ହେଉଛି। ଯେଉଁମାନେ ଏହି ଅଭିଯାନର ମଙ୍ଗ ଧରିଛନ୍ତି ଆଦିବାସୀମାନେ କିପରି 'ଅନ୍ୟାନ୍ୟ' ବିକଳ୍ପଟିରେ ପଞ୍ଜୀକୃତ ହେବେ ସେଥିପାଇଁ ସେମାନେ ଚେଷ୍ଟା ଚଳାଇଛନ୍ତି। ଧରନ୍ତୁ ଦେଶର ୧୦ କୋଟି ଆଦିବାସୀଙ୍କ ଭିତରୁ ଯଦି ୮ କୋଟି ଲୋକ 'ଅନ୍ୟାନ୍ୟ' ଧର୍ମରେ ଠିକ୍ ଚିହ୍ନ ମାରିଲେ ତା'ହେଲେ ଏହା ଏକ ବିତର୍କ ସୃଷ୍ଟି କରିବ ଯାହା ପରବର୍ତ୍ତୀ ଜନଗଣନା ୨୦୩୧ରେ ସରକାରଙ୍କୁ ବାଧ୍ୟ କରିବ ଏକ ନୂଆ ଧର୍ମର ମାନ୍ୟତା ଦେବା ପାଇଁ। ଏସବୁ କାହିଁକି କରାଯାଉଛି ଓ କିଏ ଏହା ପଛରେ ଅଛି ? ଏପରି ହେବା ଫଳରେ ସମଗ୍ର ଦେଶ ଓ ଆଦିବାସୀବର୍ଗର ସମୁଦାୟ ଉପରେ କ'ଣ ପ୍ରଭାବ ପଡିବ ତାହା ଉପରେ ଆଲୋଚନା ହେବାର ଆବଶ୍ୟକତା ରହିଛି। ବାସ୍ତବରେ ଏହି ଅଭିଯାନର ଉଦ୍ଦେଶ୍ୟ କିଛି ଭିନ୍ନ ଅଛି। ପ୍ରଥମତଃ ଆଦିବାସୀମାନଙ୍କୁ ହିନ୍ଦୁମାନଙ୍କଠାରୁ ଅଲଗା କରିବା ବା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ବାହାନାରେ ବିଭେଦର ପାଚେରି ତିଆରି କରିବା ଓ ଏକ ଭୟଙ୍କର ବର୍ଗ ସଂଘର୍ଷ ସୃଷ୍ଟି କରିବା ପାଇଁ ରାସ୍ତା ପ୍ରଶସ୍ତ କରିବା। ଥରେ ସେମାନେ ହଜାର ହଜାର ବର୍ଷର ସମ୍ପର୍କରୁ କଟିଗଲେ ପରବର୍ତ୍ତୀ ପରିସ୍ଥିତିରେ ଅନ୍ୟ ବିଦେଶୀ ଧର୍ମରେ ପରିବର୍ତ୍ତନ କରିବା ପାଇଁ ସୁଯୋଗ ତିଆରି ହେବ, ଯାହା ସେମାନଙ୍କର ସବୁଠାରୁ ବଡ ଉଦ୍ଦେଶ୍ୟ। ଯେଉଁମାନେ ଆମ ଦେଶରେ ବର୍ତ୍ତମାନ ଏହି ଅଭିଯାନର ମଙ୍ଗ ଧରିଛନ୍ତି ସେମାନେ କେଉଁଠି ନା କେଉଁଠି ବିଦେଶୀ ଷଡ଼ଯନ୍ତ୍ରକାରୀଙ୍କ ମାୟାଜାଲରେ ଫସିଛନ୍ତି ଭଳି ଅନୁଭବ ହୁଏ। ଏହା ଏକ ଲମ୍ବା ସୁପରିକଳ୍ପିତ ଷଡ଼ଯନ୍ତ୍ରର ଅଂଶ ବିଶେଷ। ୨୦୧୧ ଜନଗଣନାରେ ଅନ୍ୟାନ୍ୟ ଧର୍ମରେ ମାତ୍ର ୦.୬୬% ଲୋକ ହିଁ ପଞ୍ଜୀକୃତ ହୋଇଥିଲେ ବା ଘୋଷଣା କରିଥିଲେ। ଯଦି ବନବାସୀମାନେ ନିଜକୁ ହିନ୍ଦୁଠାରୁ ଅଲଗା ଭାବୁଥାନ୍ତେ ତା'ହେଲେ ସେମାନେ ସେତେବେଳେ ଅନ୍ୟାନ୍ୟ ଧର୍ମର ବର୍ଗରେ ନିଜକୁ ଚିହ୍ନଟ କରାଇଥାନ୍ତେ।

ଜଗନ୍ନାଥ ପ୍ରଥମେ କେଉଁଠି ପୂଜା ପାଉଥିଲେ ? ଗୋଟିଏ ବନବାସୀ ରାଜାଙ୍କ ପାଖରେ। ଶବର ରାଜାଙ୍କ ବଂଶଧର ହେଉଛନ୍ତି ଦଇତାପତିମାନେ, ଯାହାଙ୍କର ଶ୍ରୀମନ୍ଦିରର ପୂଜା ପରମ୍ପରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାମାୟଣରେ ରାମଚନ୍ଦ୍ର ଶବରୀ ଘରେ ବସି ଅଇଣ୍ଠା କୋଳି ଖାଇଛନ୍ତି। ବାଲ୍ମୀକି ହେଉଛନ୍ତି ଜନଜାତି ବର୍ଗର ଲୋକ। ସାନ୍ତାଳି, ଭିଲ, ମୁଣ୍ଡା, ମିଜୋ ଆଦି ସମସ୍ତଙ୍କର ସେମାନଙ୍କର ଭାଷାରେ ରାମାୟଣ ରହିଛି। କେବଳ ଜଗନ୍ନାଥ ନୁହନ୍ତି, କେରଳର ଆୟାପା ଭଗବାନ, ସବରିମାଳା, ଆନ୍ଧ୍ରପ୍ରଦେଶର ତିରୁପତି ବାଲାଜି ଭଗବାନ ଆଦି ସମସ୍ତଙ୍କର ବନବାସୀ ସଂସ୍କୃତି ସହିତ ସଂଯୋଗ ରହିଛି। କୋରାପୁଟ ଗୁପ୍ତେଶ୍ୱର ମନ୍ଦିରରେ ସ୍ଥାନୀୟ ବନବାସୀମାନେ ହେଉଛନ୍ତି ପୂଜକ। ଝାଡ଼ଖଣ୍ଡରେ ମା' ଦେଉରି ଦୁର୍ଗା ମନ୍ଦିରରେ ଆଜି ବି ବନବାସୀମାନେ ହେଉଛନ୍ତି ମୁଖ୍ୟ ପୂଜକ। ବନବାସୀ ପରମ୍ପରାରେ କୁଳ ଦେବତା, ଗ୍ରାମ ଦେବତା, ଗ୍ରାମ ଦେବତାଙ୍କର ମିଳିତ ପୂଜା, ମିଳିମିଶି ପ୍ରସାଦ ଖାଇବା ଆଦି ପରମ୍ପରା ରହିଛି, ଯାହା ସନାତନି ପରମ୍ପରାରେ ରହିଛି। ତେବେ ସେମାନଙ୍କୁ ଅଣ ହିନ୍ଦୁ ବୋଲି କାହିଁକି ଚିତ୍ରଣ କରାଯାଉଛି । ବିଶିଷ୍ଟ ଗବେଷକ ରାଜୀବ ମାଲହୋତ୍ରା ତାଙ୍କ ପୁସ୍ତକ 'ବ୍ରେକିଙ୍ଗ ଇଣ୍ଡିଆ'ରେ ଏଭଳି ଷଡ଼ଯନ୍ତ୍ର ବିଷୟରେ ଉଲ୍ଲେଖ କରିଛନ୍ତି। ସେ ଯାହା ଯାହା ସବୁ ତାଙ୍କର ପୁସ୍ତକରେ ଲେଖିଥିଲେ ତାହା ସବୁ ଏବେ ଧୀରେ ଧୀରେ ଘଟୁଛି।

ପ୍ରକୃତି ଉପାସନା ସନାତନି ହିନ୍ଦୁ ପରମ୍ପରାର ଏକ ଅଭିନ୍ନ ଅଙ୍ଗ। ତା'ହେଲେ ତାକୁ ପୂଜା କରୁଥିବା ସାଧାରଣ ବର୍ଗର ଲୋକେ କ'ଣ ହିନ୍ଦୁରୁ ଅଲଗା ? ଉପାସନା ପଦ୍ଧତି ଅଳ୍ପ ବହୁତ ଅଲଗା ହୋଇପାରେ। ଉପାସନା ପଦ୍ଧତିରେ ଭିନ୍ନତା କେବଳ ସନାତନ ହିନ୍ଦୁ ଧର୍ମରେ ସ୍ୱୀକୃତ। ବାକି ଅନ୍ୟ କେଉଁଥିରେ ଏହା ସ୍ୱୀକୃତ ନୁହେଁ। 'ସରନା' ଏକ ଉପାସନା ପଦ୍ଧତି ହୋଇପାରେ ଯେମିତି ଶୈବ, ଶାକ୍ତ, ବୈଷ୍ଣବ ଅଛନ୍ତି। କିନ୍ତୁ ସେହି ଆଧାରରେ ବନବାସୀମାନଙ୍କୁ ଅଣହିନ୍ଦୁ ଦର୍ଶାଇବାର କୌଣସି ଆଧାର ନାହିଁ ବୋଲି ମନେହୁଏ।

ଏହି ବିବାଦର ମୂଳକୁ ଯିବାକୁ ହେଲେ ଆମକୁ ଫେରିବାକୁ ପଡିବ ୧୮୦୦ ମସିହାକୁ। ବ୍ରିଟିଶ ଐତିହାସିକ ମାକ୍ସ ମୁଲାର ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ପ୍ରଥମେ ଲେଖିଲେ, ଯାହାକୁ ପରବର୍ତ୍ତୀ ସମୟରେ ବ୍ରିଟିଶମାନେ ଭାରତୀୟମାନଙ୍କ ଭିତରେ ବିଭେଦ ତିଆରି କରିବା ପାଇଁ ଆହୁରି ବଳିଷ୍ଠ କରିଲେ, ସ୍କୁଲ କଲେଜର ଇତିହାସ ବହିରେ ଚଞ୍ଚକତା ପୂର୍ବକ ବିନା ଐତିହାସିକ ପ୍ରମାଣରେ ପୂରାଇ ଦେଲେ। ଆର୍ଯ୍ୟମାନେ କାସ୍ପିଆନ ସାଗର କୂଳରୁ ଭାରତକୁ ଆସିଲେ, ଏଠାକାର ମୂଳ ବାସିନ୍ଦାମାନଙ୍କୁ ବିତାଡିତ କରିଦେଲେ, ଦ୍ରାବିଡମାନଙ୍କୁ ଆକ୍ରମଣ କରି ଦାକ୍ଷିଣାତ୍ୟକୁ ପଠାଇଦେଲେ ଆଦି ମନଗଢ଼ା କାହାଣୀ କହି ଭାରତର ସମାଜରେ ଭିନ୍ନତା ତିଆରି କରାଗଲା ; ଯାହାର ପରିଣାମ ଆଜି ଦେଖିବାକୁ ମିଳୁଛି। ଯେଉଁମାନେ ଏହି ବିଚାରକୁ ଆଗକୁ ନେଉଛନ୍ତି ସେମାନେ ଆମ୍ବେଦକରଙ୍କ ବହି 'ହୁ ଆରଂ ଶୁଦ୍ର'କୁ ପଢ଼ିବା ଦରକାର। ସେ ଆର୍ଯ୍ୟ-ଅନାର୍ଯ୍ୟ ମତବାଦକୁ ଭ୍ରମାତ୍ମକ ବୋଲି କହିଛନ୍ତି । ଯେଉଁମାନେ ଭାବନ୍ତି ଯେ ଆମ୍ବେଦକର ହିନ୍ଦୁ ବିରୋଧୀ ବୋଲି ସେମାନେ ଜାଣିବା ଉଚିତ ଯେ ଆମ୍ବେଦକର ଯିଏ ଭାରତର ସମ୍ବିଧାନର ଲେଖକ ଥିଲେ ସେ ରାମଙ୍କର ଅଯୋଧ୍ୟା ଫେରିବାର ଚିତ୍ରକୁ ମୂଳ ସମ୍ବିଧାନରେ ରଖିଥିଲେ। ସମ୍ବିଧାନ ସଭାରେ ୧୯୪୮ରେ ସେ ଦାବି ରଖିଥିଲେ କି ସଂସ୍କୃତକୁ ଭାରତର ରାଷ୍ଟ୍ରଭାଷା କରାଯାଉ। ହଁ ସେ ଜାତିପ୍ରଥାର ବିରୋଧ କରି ବୌଦ୍ଧମତକୁ ଗ୍ରହଣ କରିଥିଲେ। କୁସଂସ୍କାର ବିରୋଧରେ ଏହା ତାଙ୍କର ପ୍ରତିବାଦ ଥିଲା। ହେଲେ ଯେଉଁଭଳି ଭାବରେ ଆମ୍ବେଦକରଙ୍କ ଫଟୋ ରଖି ବିଭିନ୍ନ ସଙ୍ଗଠନମାନ ହିନ୍ଦୁ ବିରୋଧରେ ବିତଣ୍ଡା ଯୁକ୍ତି ଦେଉଛନ୍ତି ସେମାନେ ଆମ୍ବେଦକରଙ୍କୁ ଭଲ ଭାବରେ ବୁଝି ନାହାନ୍ତି। ପ୍ରଖ୍ୟାତ ଲେଖକ ମନୋଜ ଦାସ ତାଙ୍କ ପୁସ୍ତକ 'ଭାରତର ଐତିହ୍ୟ – ଶତକ ପ୍ରଶ୍ନର ଉତ୍ତର' ବହିରେ ଆର୍ଯ୍ୟ ଆକ୍ରମଣ ଉପବାଦକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସେହିପରି ଡ୍ରେଭିଡ ଫ୍ରଲେ ମଧ୍ୟ ତାଙ୍କ ଗବେଷଣାରେ ଆର୍ଯ୍ୟ ଆକ୍ରମଣ କଥାକୁ ମିଥ୍ୟା ବୋଲି ସିଦ୍ଧ କରିଛନ୍ତି । ହରିୟାଣାର ରାଖିଗଡିରେ ମାଟିତଳୁ ମିଳିଥିବା କଙ୍କାଳର ଡିଏନ୍‌ଏରୁ ପ୍ରମାଣ ମିଳିସାରିଛି ଯେ କୌଣସି ମାଇଗ୍ରେଶନ ମଧ୍ୟ ଏସିଆରୁ ଭାରତକୁ ହୋଇ ନ ଥିଲା।

ସମ୍ବିଧାନ ଅନୁସାରେ ହିନ୍ଦୁ କିଏ ? ଭାରତରେ ରହୁଥିବା ଖ୍ରୀଷ୍ଟିୟାନ, ମୁସଲିମ, ପାର୍ସୀ, ଜିଉଙ୍କୁ ଛାଡିଦେଲେ ବାକି ଯେଉଁମାନେ ରହିଲେ ସମସ୍ତେ ହେଉଛନ୍ତି ହିନ୍ଦୁ । ଯେଉଁମାନେ ବ୍ରିଟିଶ ଜନଗଣନାକୁ ଆଧାର କରି ବନବାସୀମାନଙ୍କୁ ଅଣହିନ୍ଦୁ ବୋଲି କହୁଛନ୍ତି ସେମାନେ ସ୍ପଷ୍ଟ କରନ୍ତୁ ସେମାନେ ବ୍ରିଟିଶକୁ ବିଶ୍ୱାସ କରିବେ ନା ନେବା ବାବା ସାହେବ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ସମ୍ବିଧାନକୁ। ଶେଷରେ ଏତିକି କହିବା ସରକାରଙ୍କର ବଡ ଭୂମିକା ଅଛି ବନବାସୀ ସଂସ୍କୃତିର ସୁରକ୍ଷା କରିବା, ସେମାନଙ୍କର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବାରେ। ସମଗ୍ର ଦେଶର ବି ଦାୟିତ୍ୱ ରହିଛି ଏହି ଷଡ଼ଯନ୍ତ୍ରରୁ ସମସ୍ତ ବନବାସୀ ସମାଜକୁ ବଞ୍ଚାଇବା ପାଇଁ।

ହରିରାଜପୁର,ପୁରୀ
ମୋ: ୮୨୪୯୮୬୮୯୬୧

# କୃଷି ଆଇନରେ ଜଟିଳତା



ଗୋକୁଳ ପଟ୍ଟନାୟକ

କୃଷକମାନଙ୍କ ଆନ୍ଦୋଳନକୁ କେନ୍ଦ୍ରକରି କିଛି ସପ୍ତାହ ହେବ ଦେଶ ଏକ ସଙ୍କଟଜନକ ସ୍ଥିତିରେ ରହିଛି। ଲକ୍ଷ ଲକ୍ଷ କୃଷକ ରାସ୍ତା ଉପରେ ରହିଛନ୍ତି ଓ ଦେଶର ରାଜଧାନୀ ଦିଲ୍ଲୀକୁ ଘେରାବନ୍ଦୀ କରି ରଖିଛନ୍ତି। ଏହି ବିବାଦର ମୂଳ କାରଣ ହେଉଛି ତିନୋଟି କୃଷି ଆଇନ। ନିକଟରେ ସରକାର ଏହାକୁ ପ୍ରାୟତଃ ଲୁଚାଛପାରେ ଲାଗୁ କରିବା ଯୋଗୁ ଏହା ଉପୁଜିଛି। କୋଭିଡ୍ ମହାମାରୀର ଦୁର୍ଦ୍ଦିନରେ ଲୋକମାନେ ଅର୍ଥବ୍ୟବସ୍ଥାକୁ ନେଇ ଚିନ୍ତିତ ଥିବାବେଳେ କୃଷି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଜୁନ ୫ରେ ସରକାର ତିନୋଟି ବିଧେୟକ ଆଣିଥିଲେ। ଏହାର ପରିଣାମ କ'ଣ ହେବ ସେ ସମ୍ପର୍କରେ ଚିନ୍ତା କରିନଥିଲେ। ତାହାକୁ ସେପ୍ଟେମ୍ବରରେ ପାର୍ଲାମେଣ୍ଟରେ ଉପସ୍ଥାପିତ କରାଯାଇଥିଲା ଏବଂ ତରବରିଆ ଭାବେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରାଇ ଆଇନରେ ପରିଣତ କରାଗଲା।

ଏହି ତିନୋଟି କୃଷି ଆଇନ କୃଷି ବଜାର ଉପରେ ଅଧିକ ଗୁରୁତ୍ୱ ଦେଇ ଏଥିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି । ପାରମ୍ପରିକ ଏଗ୍ରିକଲଚର ପ୍ରଡ୍ୟୁସ ମାର୍କେଟିଂ କମିଟି (ଏପିଏମ୍‌ସି) ଆଧାରିତ ମଧ୍ୟସ୍ଥଙ୍କ ପ୍ରଭାବ କମ୍ କରିବା କିମ୍ବା ଏହି ଧାରାକୁ ସମ୍ପୂର୍ଣ୍ଣ ଶେଷ କରିବା ସହିତ ଏକ ଏକକ ଜାତୀୟ ମାର୍କେଟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସାମଗ୍ରିକ ଭାବେ ଏହି ଆଇନଗୁଡ଼ିକ ଗଢାଯାଇଛି। ସେମାନଙ୍କ ଧାରଣା ଯେ, ସେମାନେ ଘରୋଇ ବ୍ୟବସାୟୀମାନଙ୍କୁ କୃଷି ଉତ୍ପାଦ ଯୋଗାଣ ଚେନ୍‌ରେ ଖୁବ୍ ସହଜରେ ନିବେଶ କରାଇବାରେ ସକ୍ଷମ ହୋଇପାରିବେ, ଯାହାଦ୍ୱାରା ଯୋଗାଣ ଚେନ୍ ଓ ତୃଣମୂଳସ୍ତର କାର୍ଯ୍ୟଧାରାର କ୍ଷମତାକୁ ବୃଦ୍ଧି କରାଯିବା ସହ ଲାଭ ପହଞ୍ଚାଯାଇପାରିବ। ଏହି ସବୁ ଲାଭ କୃଷକମାନଙ୍କ ପାଖକୁ ଯିବ ଓ ସେମାନଙ୍କ ଆୟ ବୃଦ୍ଧି ହୋଇପାରିବ। ଏହି ଆଇନଗୁଡ଼ିକୁ କେତେ ଜଣ ଭାରି ପ୍ରଶଂସା କରି ଏହାକୁ 'କ୍ରାନ୍ତିକାରୀ' ଏବଂ 'ଭାରତୀୟ କୃଷିର ୧୯୯୧ ମୁମେଣ୍ଟ' ବୋଲି ପ୍ରକାଶ କରୁଥିବାବେଳେ ଆଉ କେତେକେ ଏହାକୁ କୃଷକଙ୍କ ପାଇଁ ନର୍କ ବୋଲି କହୁଛନ୍ତି।

ପ୍ରଥମ ଆଇନ- ଦି ଫାର୍ମର୍ସ ପ୍ରଡ୍ୟୁସ ଟ୍ରେଡ୍ ଆଣ୍ଡ୍ କମର୍ସ (ପ୍ରମୋଶନ ଆଣ୍ଡ୍ ଫେସିଲିଟେଶନ ଆଇନ ୨୦୨୦ ବା କୃଷି ଉତ୍ପାଦନର ବେପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସରଳୀକରଣ) ଆଇନ୍ ୨୦୨୦। ତିନୋଟି ଆଇନ ମଧ୍ୟରେ ଏହା ସବୁଠୁ ବିବାଦୀୟ। ଏହି ଆଇନରେ ରାଜ୍ୟ ସ୍ତରୀୟ (ଏପିଏମ୍‌ସି) ଆଇନକୁ ଅଣଦେଖା କରାଯିବାର ଚେଷ୍ଟା କରାଯାଇଛି। ଏଥିପାଇଁ କେହି କେହି ଏହାକୁ 'ଏପିଏମ୍‌ସି ବାଇପାସ୍ ଆକ୍ଟ' ବି କହୁଛନ୍ତି। ଏହି ଆଇନ ଘରୋଇ ସଂସ୍ଥାଗୁଡ଼ିକୁ ଯେ କୌଣସି ସ୍ଥାନରେ କୃଷି ଉତ୍ପାଦର କିଣାବିକା କରିବା ସହ ସେମାନେ ବି ମଣ୍ଡି ଭଳି ଘରୋଇ ମାର୍କେଟ ବା ବଜାର ଖୋଲିବା ପାଇଁ ଅନୁମତି ଦେଇଛି। ଘରୋଇ ମାର୍କେଟକୁ ରାଜ୍ୟଦ୍ୱାରା ଲାଗୁ କରାଯାଇଥିବା କୌଣସି ପ୍ରକାର କଟକଣା,ବଜାର ଦେୟ ବା ଟିକସରୁ ମୁକ୍ତ ରଖାଯାଇଛି। ଏହାଦ୍ୱାରା ଏପିଏମ୍‌ସି ମାର୍କେଟରେ କାରବାର ବ୍ୟୟବହୁଳ ହୋଇଯିବ; ଯେହେତୁ ସେଗୁଡ଼ିକ କେବଳ ବଜାର ଦେୟ ଓ ଟିକସ ବୋଝ ସହୁନାହାନ୍ତି ବରଂ ଅଡତିୟା କିମ୍ବା ମଧ୍ୟସ୍ଥଙ୍କୁ କମିଶନ ଦେଉଛନ୍ତି। ବ୍ୟବସାୟିକ ରେସ୍‌ରେ ଏପିଏମ୍‌ସି ପଛେଇ ଗଲେ ବ୍ୟବସାୟୀମାନେ ଶୀଘ୍ର ତାହାକୁ ଛାଡ଼ି ଚାଲିଯିବେ। ଘରୋଇ ମାର୍କେଟଗୁଡ଼ିକ ପ୍ରାୟତଃ ନିୟମ ଆଢୁଆଳରେ ରହି ଚାଲିବ। ତେବେ କମିଶନ ଏଜେଣ୍ଟ ବା ମଧ୍ୟସ୍ଥମାନେ ଏହି ମାର୍କେଟଗୁଡ଼ିକୁ ଚଳାଇବେ ନାହିଁ କିମ୍ବା ସେଠାରେ ବ୍ୟବସାୟୀମାନଙ୍କ ଭିଡ ଜମିବନାହିଁ, ଏହା ଉପରେ କୌଣସି ଗ୍ୟାରେଣ୍ଟି ନାହିଁ।

ଦ୍ୱିତୀୟ ଆଇନ ଦି ଫାର୍ମର୍ସ (ଏମ୍‌ପାୱାରମେଣ୍ଟ ଆଣ୍ଡ୍ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ ଆସ୍ୟୁରାନ୍ସ ଆଣ୍ଡ୍ ଫାର୍ମ ସର୍ଭିସେସ ଆଇନ, ୨୦୨୦ ବା କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟଧାର୍ଯ୍ୟ ଲାଗି ରାଜିନାମା ଓ କୃଷିସେବା ଆଇନ ୨୦୨୦। ଏହାକୁ ମଧ୍ୟ ଚୁକ୍ତିଭିତ୍ତିକ କୃଷି ଆଇନ କୁହାଯାଉଛି, ଯାହାକୁ ୨୦୧୮ ପୂର୍ବରୁ ରାଜ୍ୟମାନଙ୍କୁ ଏହି ଆଇନ ପ୍ରଦାନ କରାଯାଇଥିଲା। ଏହି ଆଇନ କର୍ପୋରେଟ ଓ ପ୍ରମୁଖ ବ୍ୟବସାୟୀମାନଙ୍କୁ କୃଷକମାନଙ୍କଠାରୁ ସେମାନଙ୍କ କୃଷି ଉତ୍ପାଦକୁ ପୂର୍ବ ସହମତ ଗୁଣବତ୍ତା ଆଧାରରେ କିଣିବାକୁ କୃଷକମାନଙ୍କ ସହ ଲିଖିତ ଚୁକ୍ତି କରିବା ଲାଗି ଅନୁମତି ଦେଇଛି। କୃଷକ ଜଣକ ଲିଖିତ ଚୁକ୍ତି କରିବ କି ନାହିଁ ତାହା ତାଙ୍କର ଇଚ୍ଛାଧୀନ। ଯଦି ସେମାନେ ଏହା କରିବାକୁ ରାଜି ହୁଅନ୍ତି ତେବେ ସର୍ତ୍ତ ନିଶ୍ଚିତ ଭାବେ ରହିବ। ଏହା ଉଲ୍ଲଂଘନ ହେଲେ ଦଣ୍ଡ ମିଳିବ। ଯଦି ଏହି ଚୁକ୍ତିରେ କୌଣସି ବିବାଦ ଦେଖାଯାଏ ତେବେ ତାହାକୁ ନିର୍ଦ୍ଧାରିତ ଧାରାରେ ସମାଧାନ କରାଯିବ। ଏହାକୁ ଜିଲାପାଳଙ୍କ ଭଳି ରାଜସ୍ୱ ଅଧିକାରୀମାନଙ୍କ ଦ୍ୱାରା ସମାଧାନ କରାଯିବାର ପ୍ରାବଧାନ ରହିଛି। ନ୍ୟାୟାଳୟର କ୍ଷେତ୍ରାଧିକାର ଉପରେ ପ୍ରତିବନ୍ଧକ ଲଗାଯାଇଛି। କଣ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତିଭିତ୍ତିକ କୃଷି ନୂଆ ନୁହେଁ; ଏହା କ୍ଷୀର, କୁକୁଡ଼ା ଓ ଆଖୁରେ ବହୁ ପୂର୍ବରୁ କାର୍ଯ୍ୟକାରୀ ହୋଇ ଆସୁଛି। ପ୍ରୋସେସିଂ ପାଇଁ ବହୁ କର୍ପୋରେଟ ମଧ୍ୟ ଚୁକ୍ତି ଜରିଆରେ କୃଷକମାନଙ୍କଠାରୁ ପରିବା ଓ ଫଳ କିଣୁଛନ୍ତି। ଭାରତୀୟ ଚୁକ୍ତିଭିତ୍ତିକ ଆଇନ ଅଧୀନରେ ଏପରି କି ଏକ ମୌଖିକ ଚୁକ୍ତିକୁ ଯଦି କାର୍ଯ୍ୟକାରୀ କରାଯାଏ ତାହା ଆଇନସିଦ୍ଧ ହୋଇଥାଏ। ତେବେ ଏଥିପାଇଁ କାହିଁକି ଆଉ ଏକ ଆଇନର ଆବଶ୍ୟକତା ପଡିଲା ? ସରକାରୀ ଅଧିକାରୀମାନଙ୍କ ଦ୍ୱାରା ବିବାଦର ସମାଧାନ ହେଉଥିବା ଏବଂ କୋର୍ଟର ହସ୍ତକ୍ଷେପ ଉପରେ ପ୍ରତିବନ୍ଧକ ଲଗାଯାଇଥିବାରୁ ବିବାଦ ସମ୍ପର୍କିତ ନିଷ୍ପତ୍ତି ସରକାର କିମ୍ବା ପ୍ରଭାବଶାଳୀ ବ୍ୟବସାୟୀ ବା ବ୍ୟବସାୟିକ ସଂସ୍ଥା ଦ୍ୱାରା ପ୍ରଭାବିତ ହେବ ବୋଲି କୃଷକମାନଙ୍କ ମନରେ ଭୟ ରହିଛି।

ତୃତୀୟ ଆଇନଟି ହେଉଛି ଏସେନ୍‌ସିଆଲ କମୋଡିଟିଜ୍ (ଆମେଣ୍ଡ୍‌ମେଣ୍ଟ) ଆକ୍ଟ ବା (ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ) ୨୦୨୦, ଯାହା ସବୁଠୁ କମ୍ ବିବାଦୀୟ। କାରଣ ଏହି ଆଇନ ଅନୁସାରେ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ଖାଦ୍ୟଶସ୍ୟର ଯୋଗାଣକୁ ଯୁଦ୍ଧ,ଦୁର୍ଭିକ୍ଷ ଅହେତୁକ ମୂଲ୍ୟବୃଦ୍ଧି ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିୟନ୍ତ୍ରଣ କରିପାରିବେ। ଦୁର୍ଭିକ୍ଷ କିମ୍ବା ଅତ୍ୟନ୍ତ ଦରବୃଦ୍ଧି ଭଳି ସ୍ଥିତି ନ ଉପୁଜିଲେ ଅତ୍ୟାବଶ୍ୟକ ବିବେଚିତ ହେଉଥିବା ଖାଦ୍ୟଶସ୍ୟ ମହଜୁଦ କରି ରଖିବାର ସୀମା ନେଇ କୌଣସି ପ୍ରତିବନ୍ଧକ ରହିବ ନାହିଁ। କିନ୍ତୁ ପରିସ୍ଥିତି ବଦଳିଗଲା। ସରକାର ପିଆଜ ରପ୍ତାନି ବନ୍ଦ କରିଦେଲେ ଏବଂ ବିନା ଦର ବୃଦ୍ଧିରେ ଏହାର ଭଣ୍ଡାରଣ ବା ମହଜୁଦ ସୀମା ଉପରେ ପ୍ରତିବନ୍ଧକ ଲଗାଇଦେଲେ। ଏହା ସବୁ କିଛି ବିଗାଡିଦେଲା। ଏହାଦ୍ୱାରା କୃଷକ ଓ ସରକାରଙ୍କ ମଧ୍ୟରେ ଥିବା ଦୃଢ଼ ବିଶ୍ୱାସ କମିଗଲା ଏବଂ ବହୁ ବଡ ସମସ୍ୟା ମୁଣ୍ଡ ଟେକିଲା, ଯାହା ଏବକାର ଆନ୍ଦୋଳନର ମୂଳ କାରଣ। (କ୍ରମଶଃ)

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ;
ପୂର୍ବତନ ଚେୟାରମ୍ୟାନ,ଏଗ୍ରିକଲଚରାଲ୍
ଆଣ୍ଡ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟସ ଏକ୍ସପୋର୍ଟ
ଡେଭେଲପ୍‌ମେଣ୍ଟ ଅଥରିଟି

## ଏଇ ଭାରତରେ

ଏବେ ଅନେକ ପରିବାରରେ ବୃଦ୍ଧବ୍ୟକ୍ତିମାନେ ସମସ୍ୟାରେ ରହୁଛନ୍ତି। କେହି ସନ୍ତାନସନ୍ତତିଙ୍କଠାରୁ ଦୂରେଇ ରହୁଛନ୍ତି ତ ଆଉ କେହି ଘରୁ ବାହାରିଯାଇ ବୃଦ୍ଧାଶ୍ରମରେ ଜୀବନ ବିତାଉଛନ୍ତି। ବାର୍ଦ୍ଧକ୍ୟରେ ଅବହେଳାର ଶିକାର ହେବା ଲକ୍ଷ୍ୟ କରି ଏମାନଙ୍କୁ ସହଯୋଗର ହାତ ବଢ଼ାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ କେରଳର ଅରୁଣ ଏସ୍ ଅନ୍ୟତମ। ଥିରୁଭାନନ୍ତପୁରମ ଜିଲାର ବାସିନ୍ଦା ଅରୁଣ ଓ ତାଙ୍କ ପରିବାର ବୃଦ୍ଧବ୍ୟକ୍ତିମାନଙ୍କୁ ଖାଦ୍ୟ ଯୋଗାଉଛନ୍ତି। ଅରୁଣଙ୍କ ପରିବାର ସେମାନଙ୍କ ପସନ୍ଦର ଓ ସ୍ୱାଦର ଖାଦ୍ୟ ରାନ୍ଧିବା ସହ ସେମାନଙ୍କ ନିକଟରେ ତାହା ପହଞ୍ଚାଇ ଦେଉଛନ୍ତି। ଅରୁଣ ପେସାରେ ଜଣେ ଡିସ୍କ ଜକି( ଡିଜେ)। ୧୦ ବର୍ଷ ଏହି କ୍ଷେତ୍ରରେ କାର୍ଯ୍ୟ କରିବା ପରେ ତାହାକୁ ଛାଡି ବୃଦ୍ଧମାନଙ୍କ ପାଇଁ ରୋଷେଇ ଆରମ୍ଭ କରିଛନ୍ତି। ପ୍ରଥମେ ସେ ରୋଷେଇ କରି ତାହାକୁ ହ୍ୱାଟ୍ସ ଆପ୍ ଷ୍ଟାଟସ୍‌ରେ ଛାଡିବା ପରେ ତାଙ୍କଠାରୁ ଖାଦ୍ୟ ନେବା ପାଇଁ ଅର୍ଡର ପହଞ୍ଚିବାରେ ଲାଗିଛି। ଏବେ ସପ୍ତାହକୁ ତାଙ୍କୁ ୧୦୦ଟି ଅର୍ଡର ମିଳୁଛି। ଅରୁଣଙ୍କ ଏହି ଖାଦ୍ୟ କୋଭିଡ୍ ସମୟରେ ବୃଦ୍ଧବ୍ୟକ୍ତିମାନଙ୍କୁ ସହାୟ ହୋଇପାରିଛି। ସକାଳ ୫ଟାରୁ ଉଠି ସେ ମାର୍କେଟିଂରେ ବାହାରି ଯାଉଛନ୍ତି। ଅରୁଣ ରୋଷେଇ କରିବା ପରେ ତାଙ୍କ ବାପା ପ୍ୟାକିଂରେ ଲାଗି ପଡୁଛନ୍ତି। ମା'ବି ରୋଷେଇରେ ସାହାଯ୍ୟ କରୁଛନ୍ତି । ଅରୁଣଙ୍କ ସ୍ତ୍ରୀ ପରିବାପତ୍ର କଟାକଟି ଓ ମଜାମଜି କାର୍ଯ୍ୟ କରୁଛନ୍ତି। ସେ ରୋଷେଇ ପାଇଁ ଜଣେ ସହଯୋଗୀ ମଧ୍ୟ ରଖିଛନ୍ତି। ବୃଦ୍ଧବ୍ୟକ୍ତିମାନଙ୍କୁ ସେ ଯେଉଁ ମୂଲ୍ୟର ଖାଦ୍ୟ ଦେଉଛନ୍ତି ତା'ବଦଳରେ ସେ ପାଉଛନ୍ତି କମ୍, ହେଲେ ଏଭଳି ସେବାରୁ ସେ ଆତ୍ମସନ୍ତୋଷ ଲାଭ କରୁଛନ୍ତି ବୋଲି କହନ୍ତି ଅରୁଣ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୯୫

- ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଇଣ୍ଡୋନେସିଆ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ନିରାପତ୍ତା ରାଜିନାମା ସ୍ୱାକ୍ଷରିତ।
- ଦୁଇ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଯୋଗୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | | | | | | 6 | | E | | C | | | 0 |
| | | | | 8 | 9 | | | | | | | | | |
| C | 5 | B | | A | | | | | | 0 | | | 2 | |
| | 8 | | 5 | C | 1 | | | | | 7 | 2 | | | |
| | 2 | A | | | | | 0 | | | | | 4 | 1 | E |
| | | 5 | | | 2 | | | | | | | | | 8 |
| B | | | | | | C | | 0 | | | | 1 | 6 | |
| 9 | | | 6 | 3 | B | | 8 | | 2 | 4 | | | | C |
| | 6 | 1 | | | 0 | | D | | A | | | | E | |
| 8 | E | 7 | | 5 | | 2 | | 4 | | B | | | | A |
| | A | | | 2 | 7 | 9 | | | | | D | | B | |
| 2 | | 8 | 4 | | | A | 3 | | | | | 9 | | |
| D | 3 | | | | | | | | 8 | | 1 | | | |
| 0 | | 4 | | 9 | | 6 | | | 7 | E | | 8 | | |
| 6 | | | | 1 | | | | 5 | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 0 | A | 1 | B | D | C | 8 | 6 | 9 | 4 | 7 | 3 | 2 | 5 |
| 1 | C | B | 9 | 5 | 0 | D | 2 | 3 | 8 | A | 6 | 7 | 4 | E |
| 5 | 2 | 7 | 6 | A | 4 | 0 | 1 | 9 | 3 | E | C | B | D | 8 |
| 9 | 6 | D | 2 | 8 | 3 | 7 | 4 | E | 5 | 1 | B | A | 0 | C |
| 8 | 3 | 4 | 7 | E | C | B | A | 5 | D | 0 | 2 | 6 | 9 | 1 |
| C | 8 | 1 | E | D | 5 | 6 | 7 | B | 0 | 9 | 3 | 2 | A | 4 |
| 3 | A | 2 | B | 0 | 1 | 5 | C | 4 | E | 7 | D | 8 | 6 | 9 |
| 0 | 5 | 6 | 8 | 3 | 2 | E | 9 | D | A | C | 4 | 1 | 7 | B |
| B | 7 | 9 | 4 | C | 6 | 8 | 3 | A | 2 | 5 | 1 | 0 | E | D |
| D | 4 | E | A | 7 | 9 | 2 | 0 | 1 | B | 6 | 8 | 5 | C | 3 |
| 4 | E | 5 | C | 1 | B | 9 | 6 | 2 | 7 | 3 | A | D | 8 | 0 |
| 7 | 1 | C | 0 | 6 | A | 3 | B | 8 | 4 | D | 9 | E | 5 | 2 |
| A | B | 8 | D | 9 | E | 4 | 5 | 7 | 1 | 2 | 0 | C | 3 | 6 |
| 6 | 9 | 3 | 5 | 2 | 8 | A | D | 0 | C | B | E | 4 | 1 | 7 |
| 2 | D | 0 | 3 | 4 | 7 | 1 | E | C | 6 | 8 | 5 | 9 | B | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାରୁଅ ଶିଳ୍ପାୟନକୁ ଗୁରୁତ୍ୱ ଦିଆଯାଉ

ମହାଶୟ,

ଖୋର୍ଦ୍ଧା ଅଞ୍ଚଳରେ ଥିବା ସାରୁଅ ଗ୍ରାମରେ ଓଡ଼ିଶା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ପ୍ରଚେଷ୍ଟାରେ ଗଢ଼ି ଉଠିଥିବା ଶିଳ୍ପାଞ୍ଚଳ ଏବେ ଅବହେଳିତ ତଥା ନିନ୍ଦନୀୟ। ଏଠାରେ ସ୍ଥାପିତ ହୋଇଥିବା ଛୋଟ, ବଡ଼ ଶିଳ୍ପ ସଂସ୍ଥାଗୁଡିକ ଏବେ ପ୍ରାୟ ରୁଗ୍ଣ ଅବସ୍ଥାରେ ପଡିରହିଛି। ଏଥିପ୍ରତି କିନ୍ତୁ ସରକାରଙ୍କର ଉଦାସୀନତା ଏକମାତ୍ର ଦାୟୀ କହିଲେ ଅତ୍ୟୁକ୍ତି ହେବନାହିଁ। ବିଶେଷକରି ସରକାର ନିର୍ବାଚନ ପୂର୍ବରୁ ଗଣମାଧ୍ୟମରେ କରି ଆସିଥିବା ପ୍ରତିଶ୍ରୁତି କେବଳ କାଗଜ କଲମରେ ସରକାରଙ୍କର ବିଭାଗୀୟ ନାଳିଫିତା ତଳେ ରହିଯାଉଛି। ତେଣୁ ସରକାରଙ୍କର ନିର୍ବାଚନ ପ୍ରତିଶ୍ରୁତିକୁ ଆଖି ଆଗରେ ରଖି ପ୍ରଥମେ ରାଜ୍ୟରୁ ବେକାରି ସମସ୍ୟାକୁ ଦୂର କରିବାର ଆବଶ୍ୟକତା ରହିଛି। ସାରୁଅରେ ପୂର୍ବରୁ ଗଢ଼ି ଉଠିଥିବା ଶିଳ୍ପସଂସ୍ଥାଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ଯତ୍ନବାନ ହେବା ଉଚିତ। ଏହାଦ୍ୱାରା ରାଜ୍ୟର ବେକାରି ସମସ୍ୟାକୁ କିଛି ପରିମାଣରେ ଦୂର କରାଯିବା ସହ ସେମାନଙ୍କୁ ରୋଜଗାରକ୍ଷମ କରାଯାଇପାରିବ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

### ଚିରନ୍ତନୀ

ମଣାଣିରୁ ନିଭି ଆସେ ଜୁଇ
ନିଭେ ଯଥା ମନୁଁ ଶୋକଭୟ
ତରଳାଇ ଶୀତର ତୁଷାର
ଆଜି ଏଥି ରଚ ଅଭିସାର
କିଏ ତୁମେ ଚିର ନିର୍ଦ୍ଦୟ
ବୁହାଇଲ ମନ୍ଦ ମଳୟ ! -(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୩ ଦିନିଆ ପଶ୍ଚିମବଙ୍ଗ ଗସ୍ତରେ କେନ୍ଦ୍ରମନ୍ତ୍ରୀ**

**ଭୁବନେଶ୍ୱର,(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ୩ ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ପ୍ରଥମ ଦିନ ସେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ତଥା ସେଲ୍‌ର ବର୍ନପୁର ସ୍ଥିତ ଇସ୍କୋ ଇସ୍ପାତ କାରଖାନା ଓ ଦୁର୍ଗାପୁର ଇସ୍ପାତ କାରଖାନା ପରିଦର୍ଶନ କରିଛନ୍ତି। ବିଭାଗୀୟ ଅଫିସରଙ୍କ ସହ ପରିଚାଳନା କାର୍ଯ୍ୟର ସମୀକ୍ଷା ମଧ୍ୟ କରିଛନ୍ତି। ଇସ୍କୋ ଇସ୍ପାତ କାରଖାନା ଦେଶର ଅନ୍ୟତମ ସର୍ବପୁରାତନ ପ୍ରତିଷ୍ଠିତ ଇସ୍ପାତ କାରଖାନା ମଧ୍ୟରୁ ଅନ୍ୟତମ। ଏହାର ସମସ୍ତ କାର୍ଯ୍ୟ, ପରିଚାଳନା ଦେଖିବା ପରେ ଉତ୍ପାଦନ, ଦକ୍ଷତା ଏବଂ ପରିଚାଳନାର ଲାଭ ଉପରେ ଆଲୋଚନା କରିଛନ୍ତି।

# ୨୩ରୁ ଜଗା ଦର୍ଶନ, ପ୍ରଥମେ ସେବାୟତ

■ ଖୋଲିବ ଶ୍ରୀମନ୍ଦିର ସମେତ ଜିଲାର ସବୁ ଧର୍ମାନୁଷ୍ଠାନ

■ ଦେଖାଇବାକୁ ପଡ଼ିବ କୋଭିଡ୍ ନେଗେଟିଭ୍ ରିପୋର୍ଟ

ପୁରୀ ଅଫିସ, ୧୮।୧୨

ଭକ୍ତ-ଭଗବାନଙ୍କ ମିଳନ ନେଇ ଦୀର୍ଘ ୯ ମାସ ଧରି ଅପେକ୍ଷାର ଅନ୍ତ ହେବାକୁ ଯାଉଛି। ଆସନ୍ତା ୨୩ ତାରିଖରୁ ଶ୍ରୀମନ୍ଦିର ସମେତ ପୁରୀ ଜିଲାର ସମସ୍ତ ଧାର୍ମିକ ଅନୁଷ୍ଠାନ ଖୋଲିବ। ଏ ନେଇ ଏସ୍ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁଅର) ପ୍ରସ୍ତୁତ ହୋଇସାରିଛି। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ସହ ଏହାକୁ କାର୍ଯ୍ୟକାରୀ କରାଯିବ। ଏ ନେଇ ଶୁକ୍ରବାର ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ବୈଠକ ପରେ ଜିଲାପାଳ ବଲୱନ୍ତ ସିଂ ସବିଶେଷ ସୂଚନା ଦେଇଛନ୍ତି।

ଜିଲାପାଳ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୨୩ ଓ ୨୪ ତାରିଖରେ କେବଳ ସେବାୟତ ପରିବାରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅନୁମତି ମିଳିବ। ଏହାପରେ ପର୍ଯ୍ୟାୟକ୍ରମେ ପୁରୀ ସହରବାସୀ ବଡଦେଉଳକୁ ଯାଇପାରିବେ। ଏଥିପାଇଁ ଜିଲା ପ୍ରଶାସନ ୱାର୍ଡସ୍ତରରେ ପ୍ରସ୍ତୁତି କରୁଛି। ପୁରୀ ସହରବାସୀ ନିଜ ପରିଚୟପତ୍ର ଦେଖାଇ ଟୋକନ୍ ନେବେ ଏବଂ ଏହାକୁ ଦେଖାଇ ମନ୍ଦିରକୁ ପ୍ରବେଶ କରିବେ। ପୁରୀରେ ୩୨ଟି ୱାର୍ଡ ଥିବାବେଳେ ପ୍ରତିଦିନ ୫ରୁ ୬ଟି ୱାର୍ଡର ଲୋକଙ୍କୁ ଶ୍ରୀମନ୍ଦିର ଯିବାକୁ ଅନୁମତି ମିଳିବ। କେବଳ ପୁରୀ ସହରବାସୀଙ୍କ ପାଇଁ ଦର୍ଶନ ସୁବିଧା ୩୧ ତାରିଖରେ ଶେଷ ହେବ। ଏହାପରେ ଜାନୁୟାରୀ ୩ରୁ ବାହାର ଲୋକେ ଜଗନ୍ନାଥ ଦର୍ଶନ କରିପାରିବେ। ତେବେ ପ୍ରତ୍ୟେକଙ୍କୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇବାକୁ ପଡ଼ିବ। ସେହିପରି ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ ଗର୍ଭବତୀ ମହିଳାଙ୍କୁ ଦର୍ଶନ ପାଇଁ ନ ଆସିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ୨୩ରୁ ଅନ୍ୟ ମନ୍ଦିର ଏବଂ ଜାନୁୟାରୀ ୩ରୁ ଶ୍ରୀମନ୍ଦିରରେ ସାର୍ବଜନୀନ ଦର୍ଶନ ଆରମ୍ଭ ହେବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

ଭକ୍ତ ନିବାସରେ ଅନୁଷ୍ଠିତ ବୈଠକରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ଜେନା, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର ଏବଂ ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରଦ୍ଧାଳୁଙ୍କ ଦର୍ଶନ ସୁବିଧା ପାଇଁ ବ୍ୟାରିକେଡ୍ ତିଆରି ସହ ଟେଣ୍ଟ ବନ୍ଧାଯାଉଛି।

## ପ୍ରଥମ ପର୍ଯ୍ୟାୟରେ ପୁରୀ ସହରବାସୀଙ୍କୁ ସୁଯୋଗ

ପ୍ରଥମେ ପୁରୀ ସହରବାସୀ ଦର୍ଶନ କରିବା ନେଇ ପ୍ରଶାସନ ନିଷ୍ପତ୍ତି ନେବା ପରେ ଅନେକ ପ୍ରଶ୍ନ ଓ ଦ୍ୱନ୍ଦ୍ୱ ଉଠିଥିଲା। ଏହାର ଉତ୍ତର ରଖି ଜିଲାପାଳ କହିଛନ୍ତି ଯେ, ପୁରୀରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣରେ ରହିଛି। ଏଣୁ ହଠାତ୍ ସ୍ଥାନୀୟ ଲୋକଙ୍କ ସହ ଅନ୍ୟ ଜିଲାର ଲୋକଙ୍କୁ ମିଶାଇବା ପାଇଁ ଜିଲା ପ୍ରଶାସନ ଆଗ୍ରହ ପ୍ରକାଶ କରୁନାହିଁ। ଏଭଳି ହେବା ଦ୍ୱାରା ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ସେହିଭଳି କାଗଜ କଲମରେ କୋଭିଡ୍ ନିୟମ ପାଳନ କରି ଶ୍ରୀମନ୍ଦିରରେ ଦର୍ଶନ କରିବା ସହଜ ମନେ ହେଉଥିଲେ ମଧ୍ୟ ଏହା ବାସ୍ତବରେ କେତେ ଦୂର ସମ୍ଭବ ତାହା ଉପରେ ଆମର ନଜର ରହିବ। ସ୍ଥାନୀୟ ଲୋକଙ୍କୁ ମନ୍ଦିର ପ୍ରବେଶ କରାଇ ଏସ୍ଓପି ପାଳନ କରାଯାଇପାରିବ କି ନାହିଁ ତାହା ଆମେ ଅନୁଧ୍ୟାନ କରିବୁ। ଏହା ଏକ ପ୍ରକାରର ପ୍ରାଥମିକ ଅନୁଭୂତି। ଯଦି କୋଭିଡ୍ କଟକଣା ମାନି ଦର୍ଶନ କରାଇବା ସଫଳ ହେବ ତେବେ ଆଗକୁ ସାର୍ବଜନୀନ ଦର୍ଶନ ପାଇଁ ପଥ ପରିଷ୍କାର ହୋଇପାରିବ।

## ଜିଲାର ସବୁ ମନ୍ଦିର ଖୋଲିବ

ପୁରୀ ଜିଲାରେ ଶ୍ରୀମନ୍ଦିରକୁ ବାଦ୍ ଦେଇ ଅନେକ ପ୍ରମୁଖ ମନ୍ଦିର ରହିଛି। ଏଗୁଡ଼ିକ ମଧ୍ୟରେ ଅଲାରନାଥ, କାକଟପୁର ମଙ୍ଗଳା ମନ୍ଦିର, ରାମଚଣ୍ଡୀ, ହରଚଣ୍ଡୀ, ସାକ୍ଷୀ ଗୋପୀନାଥ ଏବଂ ବାଟମଙ୍ଗଳା ମନ୍ଦିର ଆଦି ଅନ୍ତର୍ଭୁକ୍ତ। ଏହାବ୍ୟତୀତ ଅନେକ ସ୍ଥାନୀୟ ମନ୍ଦିର ମଧ୍ୟ ରହିଛି। ଏସ୍ଓପି ପାଳନ ସହ ସମସ୍ତ ମନ୍ଦିର ଖୋଲିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ କହିଛନ୍ତି, ସ୍ଥାନୀୟ ମନ୍ଦିର ଖୋଲାଯିବା ପୂର୍ବରୁ ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ଏକ ବୈଠକ କରିବେ। ଜିଲା ପ୍ରଶାସନର ଏସ୍ଓପି ଉପରେ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହେବ। ସ୍ଥାନୀୟ କ୍ଷେତ୍ରରେ ସମସ୍ୟା ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଏସ୍ଓପି ସହ ସାଲିସ କରାଯାଇପାରିବ ନାହିଁ। କିଭଳି ଭାବେ ଏସ୍ଓପି ପାଳନ ହୋଇ ମନ୍ଦିର ଖୋଲିବ ତାହା ସ୍ଥାନୀୟ ପ୍ରଶାସନ ନିଶ୍ଚିତ କରିବ।

## ଚଳିତ ସପ୍ତାହରେ ସରିବ ସବୁ ପ୍ରସ୍ତୁତି

ଚଳିତ ସପ୍ତାହ ଶେଷ ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ପଡ଼ିବ। ଶ୍ରୀମନ୍ଦିର ସମେତ ଜିଲାର ଅନ୍ୟ ପ୍ରମୁଖ ମନ୍ଦିରଗୁଡ଼ିକ ଖୋଲିବାକୁ ଥିବାରୁ ଏହା ଉପରେ ପ୍ରଶାସନ କଡ଼ା ନଜର ରଖିବ। ସବୁ ସ୍ଥାନୀୟ ମନ୍ଦିର କମିଟି, ପ୍ରଶାସନ ଓ ଲୋକ ପ୍ରତିନିଧିମାନଙ୍କର ମିଳିତ ବୈଠକ ଏହି ସପ୍ତାହ ଶେଷ ପୂର୍ବରୁ ସରିଯିବା ଦରକାର। ସେହିଭଳି ଗ୍ରାମାଞ୍ଚଳରେ କୋଭିଡ୍ ନିୟମ ପାଳନ କରାଇବା ଜିଲା ପ୍ରଶାସନ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇପାରେ।

## ପର୍ଯ୍ୟଟକଙ୍କ ଗହଳି ବଢ଼ିପାରେ

ରାମଚଣ୍ଡୀ, ହରଚଣ୍ଡୀକୁ କେବଳ ଏକ ମନ୍ଦିର ଭାବେ ଦେଖାଯାଏ ନାହିଁ। ସାଧାରଣତଃ ଏଠାକୁ ଲୋକେ ବଣଭୋଜି କରିବାକୁ ଆସନ୍ତି। ଜିଲାରେ ଏଭଳି ଅନେକ ପୀଠ ରହିଛି। ଏବେ ଜିଲା ପ୍ରଶାସନର ଅନୁମୋଦନ ପରେ ସମସ୍ତ ଧାର୍ମିକସ୍ଥଳୀ ଖୋଲିବ। ଏଣୁ ପର୍ଯ୍ୟଟକମାନେ ପିକ୍‌ନିକ୍‌ର ମଜା ନେବା ପାଇଁ ଏସବୁ ସ୍ଥାନକୁ ଆସିବେ। ଅଧିକ ଗହଳି ହେଲେ ଏହି ସ୍ଥାନଗୁଡ଼ିକରେ କିଭଳି କୋଭିଡ୍ କଟକଣାକୁ ପାଳନ କରାଯିବ ତାହା ବଡ଼ ଆହ୍ୱାନ ହେବ। ଜିଲା ପ୍ରଶାସନର ସିଧାସଳଖ ହସ୍ତକ୍ଷେପ ସେଠାରେ ନାହିଁ। ତେଣୁ ଏସ୍ଓପି ପାଳନ ନେଇ ସ୍ଥାନୀୟ କମିଟି ଓ ପ୍ରଶାସନକୁ ଜିଲା ପ୍ରଶାସନ ତାଗିଦ କରିବ।

# ୨୦ରୁ ‘ପରୀକୁ ନ୍ୟାୟ ପଦଯାତ୍ରା’

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ):** ଓଡ଼ିଶାର ସଚେତନ ନାଗରିକ, ବୁଦ୍ଧିଜୀବୀ, ଛାତ୍ରନେତା, ସାମାଜିକ କର୍ମୀ ତଥା ସମାଜର ସମସ୍ତ କ୍ଷେତ୍ରର ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷ ‘ପରୀ’କୁ ନ୍ୟାୟ ଦେବା ଲାଗି ଆଗେଇ ଆସନ୍ତୁ। ଏହାସହ ମାତୃଶକ୍ତି ଏବଂ ଶିଶୁ ସମ୍ପଦର ସୁରକ୍ଷା ପାଇଁ ଆଗକୁ ପାଦ ବଢ଼ାନ୍ତୁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ‘ପରୀକୁ ନ୍ୟାୟ ପଦଯାତ୍ରା’ରେ ସମସ୍ତେ ସାମିଲ ହୋଇ ଏହାକୁ ସଫଳ କରାଇବା ଲାଗି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଆହ୍ୱାନ ଦେଇଛନ୍ତି। ସମୀର କହିଛନ୍ତି, ନୟାଗଡ଼ ଜିଲା ଯଦୁପୁର ଗାଁର ୫ ବର୍ଷର ଝିଅ ‘ପରୀ’କୁ ହତ୍ୟା ଏବଂ ଅଙ୍ଗଚୋରି ଘଟଣାର ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବାର କୁତ୍ସିତ ପ୍ରୟାସ କରାଯାଉଛି। ସରକାରଙ୍କ ଏଭଳି ଅପଚେଷ୍ଟାକୁ ବିରୋଧ କରି ଡିସେମ୍ବର ୨୦ଖରେ ଲିଙ୍ଗରାଜଙ୍କ ମନ୍ଦିର ପ୍ରାଙ୍ଗଣରୁ ‘ପରୀ’ ର ଗାଁ ନୟାଗଡ଼ର ଯଦୁପୁର ପର୍ଯ୍ୟନ୍ତ ୫ଦିନ ପଦଯାତ୍ରା ଚାଲିବ ବୋଲି ସମୀର ସୂଚନା ଦେଇଛନ୍ତି। ସେହିପରି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ପରୀ ହତ୍ୟାକାଣ୍ଡର ତଦନ୍ତ ଏବେ ଦିଗହରା ହୋଇଛି। ଏହି ହତ୍ୟା ଘଟଣାରେ ତଦନ୍ତ କରୁଥିବା



ଲେଖାଶ୍ରୀ ସାମନ୍ତସିଂହାର ସୂଚନା ଦେଉଛନ୍ତି।

ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରା ଯଦୁପୁର ଗାଁର ସରୋଜ ସେଠୀଙ୍କୁ ଦୋଷ ସ୍ୱୀକାର କରିବା ପାଇଁ ୫ ଲକ୍ଷ ଟଙ୍କାର ଲୋଭ ଦେଖାଇବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ତଦନ୍ତ ଆଳରେ ଅରୁଣ ବୋଥ୍ରାଙ୍କ ଏପରି କାର୍ଯ୍ୟକଳାପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାର ଅରୁଣ ବୋଥ୍ରାଙ୍କୁ ଏସ୍ଆଇଟି ମୁଖ୍ୟ ପଦବୀରୁ ପ୍ରତ୍ୟାହାର କରନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି। ଏହି ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର କରିବା ସହିତ ସିବିଆଇ ତଦନ୍ତ କଲେ ପରୀକୁ ନ୍ୟାୟ ମିଳିପାରିବ ବୋଲି ସେ କହିଛନ୍ତି।


**ADVERTISEMENT**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

**DISTRICT HEALTH SOCIETY, BARGARH**

No: 11766 /NHM/2020 Date: 18.12.2020

Applications are invited from eligible candidates for filling up of the following position under Zilla Swasthya Samiti, NHM, Bargarh on contractual basis and subject to renewal as per OSH&FW Society / ZSS terms and conditions. The position is purely temporary and co-terminus with the Scheme.

| SN | Name of the position | Vacancy | Remuneration & Performance Incentive | Last Date of submission of application |
|---|---|---|---|---|
| 01 | Data Assistant-cum-Accountant (DAA), NUHM | 1 No. | Rs.12,128/- + Performance Incentive | DT.30/12/2020 by 05.00 PM |
| 02 | RMNCH + A Counsellor | 1 No. | Rs.16,775/- + Performance Incentive | |

Interested candidates can visit the official website of Bargarh District i.e. www.bargarh.nic.in for details of vacancy, eligibility criteria, age, selection procedure etc. and submit the application in the prescribed format to the Office of **Chief District Medical & Public Health Officer, Bargarh, Odisha, PIN-768028 by Registered Post / Speed Post by 30/12/2020 up to 05.00 PM only.**

**WALK-IN-INTERVIEW FOR EMPANELMENT OF PART TIME SPECIALISTS / YOGA INSTRUCTOR**

| Position | Vacancy | Remuneration | Date of Registration/ Interview |
|---|---|---|---|
| Part Time O & G Specialist/ Paediatric Specialist/ Medicine Specialist /ENT Specialist / SKIN/VD Specialist/ Eye Specialist/ Psychiatric Specialist | 2 no. of each Category | Rs.1500/- per Session (First or Second Session) Rs.3000/- per Day | WALK-IN-INTERVIEW DT.28/12/2020 10.30 AM to 12.00 Noon |
| Part time Clinical Psychologist & Physiotherapist | 1 no. of each Category | Rs.500/- per Session (First or Second Session) Rs.1000/- per Day | |
| Yoga Instructor | - | Rs.500/- per Session (90 minutes) | |

Walk-in-Interview will be conducted for **empanelment of aforesaid Part time Specialists** to be engaged in **Geriatric & Non-Geriatric AMA CLINIC** at UPHC in Bargarh and **Yoga instructors** in HWC-PHCs/UPHCs on purely part time & temporary basis. The interested eligible candidates may attend the **WALK-IN-INTERVIEW at the office of the CDM&PHO, Bargarh on dt.28/12/2020 at 10.30 AM.** The details of eligibility criteria, remuneration & application form can be downloaded from www.bargarh.nic.in.

The vacancies and requirements may vary during the time of actual engagement. The undersigned reserves the right to cancel any or all applications without assigning any reason thereof. No personal inquiry shall be entertained.

**Sd/- Chief District Medical & Public Health Officer, Bargarh**


# ୩ରୁ ଭୁବନେଶ୍ୱରରେ ସବୁ ମନ୍ଦିର ଖୋଲିବ

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ):** ଆସନ୍ତା ୨୭ ତାରିଖରୁ ଲିଙ୍ଗରାଜ ମନ୍ଦିର ଖୋଲିବ। ଏହାପରେ ଜାନୁୟାରୀ ୩ରୁ ଭୁବନେଶ୍ୱରର ସବୁ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ଦେଇଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଏନେଇ ଶୁକ୍ରବାର ବିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଗତ ୧୫ ତାରିଖରେ ବିଭିନ୍ନ ଷ୍ଟେକ୍‌ହୋଲଡରଙ୍କ ସହ ବୈଠକ ପରେ ବିଏମ୍‌ସି ଅଞ୍ଚଳରେ ରହିଥିବା ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ତେବେ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରି ମନ୍ଦିର ଖୋଲାଯିବ। ଭକ୍ତମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବାବେଳେ ପରିସ୍ପର ମଧ୍ୟରେ ୬ଫୁଟ ଦୂରତା ରହିବ। ମନ୍ଦିର କର୍ତ୍ତୃପକ୍ଷ ହାତ ସଫା କରିବା ସହ ସାନିଟାଇଜର ବ୍ୟବସ୍ଥା କରିବେ। ତେବେ ସମସ୍ତ ମନ୍ଦିରର ସ୍ଥାନୀୟ କମିଟି ପକ୍ଷରୁ ବିଏମ୍‌ସି ପାଖରେ ଏକ ଅଣ୍ଡରଟେକିଂ ବା ଡିକ୍ଲାରେଶନ ଦେବାକୁ ପଡ଼ିବ। କେବେ ସେମାନେ ମନ୍ଦିର ଖୋଲିବେ ଓ ଏକ ସମୟରେ ୬ଫୁଟ ଦୂରତା ବଜାୟ ରଖି କେତେ ଭକ୍ତ ଦର୍ଶନ କରିବାର ବ୍ୟବସ୍ଥା ନେଇ ଉଲ୍ଲେଖ କରିବେ। ଏଥିପାଇଁ ଡେପୁଟି କମିଶନର ଶୁଭେନ୍ଦୁ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି। ଅଣ୍ଡରଟେକିଂ ଦେବା ପରେ ଏକ ସମୟରେ କେତେଜଣ ଭକ୍ତଙ୍କୁ ମନ୍ଦିରକୁ ଛଡ଼ାଯିବ ସେନେଇ ବିଏମ୍‌ସି ବଜ୍ଞପ୍ତି ଜାରି କରିବ। ମନ୍ଦିର ଭିତରେ ଓ ବାହାରେ ଛେପ ପକାଇବା ଏବଂ ପାନ ଓ ଗୁଟ୍‌ଖା ଖାଇବା ନିଷିଦ୍ଧ କରାଯାଇଛି। ତେବେ କରୋନା ଲକ୍ଷଣ ଥିବା ଶ୍ରଦ୍ଧାଳୁଙ୍କୁ ମନ୍ଦିର ମନା ହୋଇଛି। ଏଥିସହିତ ବିଭିନ୍ନ ରୋଗରେ ପୀଡିତ ବ୍ୟକ୍ତି, ବୟସ୍କ, ଗର୍ଭବତୀ ଓ ୧୦ବର୍ଷରୁ କମ୍ ବୟସର ପିଲାଙ୍କୁ ମଧ୍ୟ ମନ୍ଦିର ଯିବାକୁ ଅନୁମତି ନାହିଁ। ନିୟମ ଉଲ୍ଲଂଘନ ହେଉଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ବିଜ୍ଞପ୍ତି

ଲିଙ୍ଗରାଜ ମନ୍ଦିର ଖୋଲିବାକୁ ପୂର୍ବରୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ କିଏ କେବେ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବ ସେନେଇ ଶୁକ୍ରବାର ବିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୭ରୁ ୩୧ ପର୍ଯ୍ୟନ୍ତ ସେବାୟତ ଓ ତାଙ୍କ ପରିବାର ଦର୍ଶନ କରିବେ। ନୂଆବର୍ଷ ଅଥାତ୍ ଜାନୁୟାରୀ ୧ ଓ ୨ରେ ଲିଙ୍ଗରାଜ ମନ୍ଦିର ବନ୍ଦ ରହିବ। ଏହି ସମୟରେ କୌଣସି ଭକ୍ତ କିମ୍ବା ସେବାୟତଙ୍କ ପରିବାରକୁ ମନ୍ଦିର ଭିତରକୁ ଛଡ଼ାଯିବ ନାହିଁ। ତେବେ ୩ରୁ ୫ ତାରିଖ ପର୍ଯ୍ୟନ୍ତ ରାଜଧାନୀବାସୀଙ୍କୁ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବାର ସୁଯୋଗ ମିଳିବ। ୬ରୁ ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତଙ୍କୁ ଲିଙ୍ଗରାଜଙ୍କ ଦର୍ଶନ ନେଇ ଅନୁମତି ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କୋଭିଡ୍ ନେଗେଟିଭ ରିପୋର୍ଟ ଦେଖାଇଲେ ହିଁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିପାରିବେ ଭକ୍ତ। ଏହାସହ ଦର୍ଶନବେଳେ କୋଭିଡ୍ ଗାଇଡ୍‌ଲାଇନକୁ ଗୁରୁତ୍ୱ ଦିଆଯିବ। ତେବେ ଜାନୁୟାରୀ ୩୧ ପର୍ଯ୍ୟନ୍ତ ସାହାଣ ଦର୍ଶନ ଓ ଗର୍ଭ ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏକ ସମୟରେ ସିଂହଦ୍ୱାରରୁ ଆଡ଼କାଠ ପର୍ଯ୍ୟନ୍ତ ସର୍ବାଧିକ ୫୦୦ ଭକ୍ତଙ୍କୁ ଅନୁମତି ଦିଆଯାଇଛି। ଏହା ଜାନୁୟାରୀ ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ପରେ କୋଭିଡ୍‌ର ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, କରୋନା ପାଇଁ ୯ ମାସ ହେବ ମନ୍ଦିର ବନ୍ଦ ରହିଥିଲା। ମନ୍ଦିର ଭିତରେ ରୀତିନୀତି ଚାଲିଥିବାବେଳେ ସାଧାରଣ ଦର୍ଶନ ଓ ଶ୍ରଦ୍ଧାଳୁଙ୍କ ଯାଆସ ଉପରେ କଟକଣା ଲଗାଯାଇଥିଲା।

## ଆଇଟି କ୍ଷେତ୍ରରେ ଓଡ଼ିଶା ୧ ନମ୍ବର ହେବ: ମନ୍ତ୍ରୀ

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ):** ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ଗୋଠପାଟଣାସ୍ଥିତ ଏସ୍‌ଟିପିଆଇ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି କେନ୍ଦ୍ରରେ ପ୍ଲଗ୍ ଆଣ୍ଡ ପ୍ଲେ, ନେକ୍ସଟ୍ ଜେନେରେଶନ ଇନ୍‌କ୍ୟୁବେସନ ସେଣ୍ଟର, ଡାଟା ଷ୍ଟୋରେଜ୍, ଡାଟା ସିକ୍ୟୁରିଟି, ଇଲେକ୍‌ଟ୍ରୋ ପ୍ରିନିୟୋର ପାର୍କ, ମେଣ୍ଟର କନେକ୍ଟ ଆଦି ବିଭିନ୍ନ ଆଇଟି ଭିତ୍ତିଭୂମିକୁ ସେ ଅନୁଧ୍ୟାନ କରିଛନ୍ତି। ଏହି ଏସ୍‌ଟିପିଆଇ ଗୋଠପାଟଣା କେନ୍ଦ୍ର କାର୍ଯ୍ୟକାରୀ ହେଲେ ନୂଆଦିଲ୍ଲୀପରେ ଏହା ଦେଶରେ ଦ୍ୱିତୀୟ ଉତ୍କର୍ଷ କେନ୍ଦ୍ର ଭାବେ ପରିଗଣିତ ହେବ। ଏହାସହ ଆଇଟି କ୍ଷେତ୍ରରେ ନିଯୁକ୍ତି ବହୁମାତ୍ରାରେ ବୃଦ୍ଧି ପାଇବ ବୋଲି ଅଧିକାରୀମାନେ ମନ୍ତ୍ରୀ ବେହେରାଙ୍କୁ ଅବଗତ କରାଇଛନ୍ତି। ଏହି ଅବସରରେ ମନ୍ତ୍ରୀ ବେହେରା ଟାୟାର-୩ ଡାଟା ଷ୍ଟୋରେଜ ସେଣ୍ଟର ଓ ଫାବ୍-ଲାବ୍ ବୁଲି ଦେଖିଥିଲେ। ରାଜ୍ୟରେ ଅଧିକ ଆଇଟି ବୃତ୍ତିଧାରୀ ସୃଷ୍ଟି କରିବା ଏବଂ ଆଇଟି-ଉଦ୍ୟୋଗୀଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଆଇଟି କ୍ଷେତ୍ରରେ ଓଡ଼ିଶାକୁ ୧ ନମ୍ବର ରାଜ୍ୟଭାବେ ଗଢ଼ି ତୋଳିବା ପାଇଁ କାର୍ଯ୍ୟ କରିବାକୁ ମନ୍ତ୍ରୀ ବେହେରା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

# ପରୀ ୪ରୁ ୫ ଘଣ୍ଟା ନିଖୋଜ ଥିଲେ

**ନୟାଗଡ଼ ଅଫିସ,୧୮।୧୨:** ପ୍ରାୟ ୨ବର୍ଷ ତଳେ ପରୀ ୪ରୁ ୫ ଘଣ୍ଟା ନିଖୋଜ ହୋଇ ଯାଇଥିଲେ। ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ଟେର ମିଳି ନ ଥିଲା। ଯଦୁପୁର ଗାଁର ସରୋଜ ସେଠୀଙ୍କ ଘରେ ପରୀ ଥିବା ଜଣାପଡିଥିଲା। ୨ୟ ଥର ପାଇଁ ପରୀ ଜୁଲାଇ ମାସରେ ନିଖୋଜ ହୋଇଥିଲେ। ହେଲେ ନିଖୋଜର ୧୦ ଦିନ ପରେ ପରୀର କେତେଖଣ୍ଡ ହାଡ ମିଳିଥିଲା ବୋଲି ପରୀଙ୍କ ବାପା ଅଶୋକ ସାହୁ ଗଣମାଧ୍ୟମକୁ କହିଛନ୍ତି।

ଏବେ ପରୀ ନିଖୋଜ ଘଟଣାରେ ଏସ୍ଆଇଟି ସରୋଜଙ୍କୁ ନେଇ ଜେରା କରିଛି। ସରୋଜକୁ ଫସାଇବା ପାଇଁ ଏସ୍ଆଇଟି ଉଦ୍ୟମ କରୁଥିବା ଅଭିଯୋଗ ଉଠିଛି। ନିଜେ ସରୋଜ ଏସ୍ଆଇଟି ମୁଖ୍ୟଙ୍କ ନାଁରେ ଫସାଇବାର ଅଭିଯୋଗ ଆଣିଛନ୍ତି। ତେବେ ସରୋଜଙ୍କ କଥାରେ ତାଳମେଳ ରହୁ ନାହିଁ। କେତେବେଳେ ସେ କ’ଣ କହୁଛନ୍ତି ଜାଣି ହେଉନାହିଁ। ସେ ନାବାଳକ ହୋଇଥିବାବେଳେ ସାବାଳକ କହୁଛନ୍ତି । କିଏ ସତ ଓ ମିଛ କହୁଛନ୍ତି ତାହା ତଦନ୍ତ ପରେ ଜଣାପଡିବ। ଏନେଇ ପରୀଙ୍କ ବାପା କହିଛନ୍ତି, ଯଦୁପୁରର ସରୋଜ ସେଠୀଙ୍କ ସାନ ଭଉଣୀ ସେ ସମୟରେ ଟିଉଶନ କରୁଥିଲେ। ପରୀ ଯାଇ ଟିଉଶନ ପିଲାଙ୍କ ପାଖରେ ବସୁଥିଲା। ହେଲେ ସେଦିନ ସରୋଜଙ୍କ ଭଉଣୀ ପାଖରେ ପରୀ ରହି ଯାଇଥିଲା। ଆମେ ଜାଣି ପାରି ନ ଥିଲୁ।

**ପୋଖରୀ ଖୋଜା ଗଲାନି:** ଘରର ବାରିପଟ ପୋଖରୀ ହୁଡାରୁ ପରୀର କେଇଖଣ୍ଡ ହାଡ ଓ ଡ୍ରେସ ଅଖାବସ୍ତା ଭିତରୁ ମିଳିଥିଲା। ଏହା ପରେ ପୋଲିସ, କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ। ଏବେ ଏସ୍ଆଇଟି ତଦନ୍ତ କରୁଛି। ହେଲେ କେହି ଜଣେ ପରୀର ହାଡ ମିଳିଥିବା ପୋଖରୀକୁ ଖୋଜୁ ନାହାନ୍ତି। ଯଦି ପୋଖରୀ ଖୋଜା ଯାଇଥାନ୍ତା ଆଉ କିଛି ପ୍ରମାଣ ମିଳିପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

# ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେଲେ ଅନୁଭବ

କଟକ ଅଫିସ, ୧୮।୧୨

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଶୁକ୍ରବାର କଟକ ଏସ୍‌ଡିଜେଏମ୍ କୋର୍ଟରେ ହୋଇଥିଲା। କିଛିଦିନ ତଳେ ସ୍ତ୍ରୀ ବର୍ଷା କରିଥିବା ଏକ ପାରିବାରିକ ହିଂସା ମାମଲାରେ ନିଜ ପକ୍ଷ ରଖିବା ପାଇଁ କୋର୍ଟ ପକ୍ଷରୁ ତାଙ୍କୁ ନୋଟିସ ଜାରି କରାଯାଇଥିଲା। ଫଳରେ ଅନୁଭବ ତାଙ୍କ ଓକିଲଙ୍କ ଜରିଆରେ ଶୁକ୍ରବାର କୋର୍ଟରେ ହାଜର ହୋଇ ନିଜ ପକ୍ଷ ରଖିଛନ୍ତି। ପରେ କୋର୍ଟ ବାହାରେ ଅନୁଭବ ଗଣମାଧ୍ୟମକୁ କହିଛନ୍ତି, ଆଇନ ବ୍ୟବସ୍ଥା ଉପରେ ମୋର ଗଭୀର ଭରସା ଅଛି। ମୁଁ ମୋ ପକ୍ଷ ରଖିଛି । ଯିଏ ଦୋଷୀ ତାଙ୍କୁ ଦଣ୍ଡ ମିଳୁ।



ସୂଚନାଯୋଗ୍ୟ, କିଛି ମାସ ଧରି ବର୍ଷା ଓ ଅନୁଭବଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଛି। ବର୍ଷାଙ୍କଠାରୁ ବିବାହ ବିଚ୍ଛେଦ ନିମନ୍ତେ ଅନୁଭବ ଦିଲ୍ଲୀ ପଟିଆଲା କୋର୍ଟରେ ଆବେଦନ କରିଛନ୍ତି। ବର୍ଷା ମଧ୍ୟ ନିଜ ଭରଣପୋଷଣ ପାଇଁ କଟକ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/20-21/E-Tender/47,ତା.14.12.2020ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-237-2020,ତା.08.12.2020ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ବ୍ରହ୍ମପୁର ଅଧୀନସ୍ଥ ଛତ୍ରପୁର-ଜଗନ୍ନାଥପୁର ସେକ୍ସନ ମଧ୍ୟରେ କି.ମି.582/30-583/12 DN ଲାଇନ୍‌ଠାରେ ଟ୍ରାକ୍‌ର ନିରାପତ୍ତା ନିମନ୍ତେ ଟ୍ରାକ୍ ସାଇଡ୍ ଡ୍ରେନ୍ ସହିତ RCC ରିଟେନିଙ୍ଗ୍ ୱାଲ ଦ୍ୱାରା ପ୍ରଚଳିତ କଟିଙ୍ଗ୍ ଏବଂ ରକ୍ଷଣ କାର୍ଯ୍ୟର ପ୍ରସ୍ତାବିତ ଇସେନିଙ୍ଗ୍ (Easening) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 217.24 ଲକ୍ଷ, EMD : 2,58,600/- ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-238-2020,ତା.09.12.2020ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଉତ୍ତର) ପରିସୀମା ଅଧୀନରେ 33.16 ଟ୍ରାକ୍ କି.ମି. ଥ୍ରୁ ଫାଷ୍ଟେନିଙ୍ଗ୍ ନବୀକରଣ, 16.226 ଟ୍ରାକ୍ କି.ମି. ଥ୍ରୁ ବାଲାଷ୍ଟ ନବୀକରଣ ଏବଂ 72 ସେଟ୍ ଗ୍ଲୁଡ୍ ଜଏଣ୍ଟଗୁଡ଼ିକର ନବୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 107.11 ଲକ୍ଷ, EMD : 2,03,600/- ।

(3) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-239-2020,ତା.10.12.2020ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ହରିଚନ୍ଦନପୁର ଷ୍ଟେସନଠାରେ କି.ମି.104 ଏବଂ କି.ମି.105 ନିକଟରେ ପ୍ରିକାଷ୍ଟ RCC ବାଉଣ୍ଡାରୀ ୱାଲର ବ୍ୟବସ୍ଥା ଏବଂ ନରଣପୁର ଷ୍ଟେସନଠାରେ ପରିକ୍ଷେତ୍ରର ଉନ୍ନୟନ ସହିତ ବର୍ତ୍ତମାନର ପ୍ରତୀକ୍ଷା ହଲ(Waiting Hall)ର ପ୍ରସ୍ତାବିତ ମରାମତି ଏବଂ ପୁନଃନିର୍ମାଣ ତଥା ଅନ୍ୟ ସମ୍ପର୍କିତ କର୍ଯ୍ୟସମୂହ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 98.83 ଲକ୍ଷ, EMD : 1,97,700/- ।

(4) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-240-2020,ତା.10.12.2020ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସୀତାବିଞ୍ଜି-ଟାଙ୍ଗିରିଆପାଳ ଷ୍ଟେସନ ମଧ୍ୟରେ କି.ମି.91/16 ଠାରୁ କି.ମି.139/10 ପର୍ଯ୍ୟନ୍ତ ପ୍ୟାଚ୍‌ଗୁଡ଼ିକରେ ଟୋ ୱାଲ (Toe wall) ବ୍ୟବସ୍ଥା ସହିତ ସେସ୍ (Cess)ର ପ୍ରସ୍ତାବିତ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 246.63 ଲକ୍ଷ, EMD : 2,73,300/- ।

ଶେଷ ହେବା ଅବଧି : 10 ମାସ (କ୍ର. ସଂ. 1 ନିମନ୍ତେ), 12 ମାସ (କ୍ର. ସଂ. 2 ରୁ 4 ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.12.2020 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-427/L/20-21



**ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍**

OHPC ISO 9001, 14001 & OHSAS 18001

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହନିର୍ମାଣ ଓ କଲ୍ୟାଣ ନିଗମ କାର୍ଯ୍ୟାଳୟ
ବାଣୀବିହାର ଛକ, ଜନପଥ, ଭୁବନେଶ୍ୱର-୭୫୧୦୨୨

**ସାଧାରଣ ବିଜ୍ଞପ୍ତି**

ବିଦ୍ୟୁତ୍ ଅଧିନିୟମ, ୨୦୦୩ର ପରିଚ୍ଛେଦ ୬୪ (୨) ଅନୁଯାୟୀ, ଓଡିଶା ଜଳ ବିଦ୍ୟୁତ୍ ନିଗମର ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ ଙ୍କ ନିକଟରେ ଅନୁମୋଦନ ପାଇଁ ଦାଖଲ କରାଯାଇଥିବା ଦରଖାସ୍ତର ପ୍ରକାଶନ।

୧) କମ୍ପାନୀ ଅଧିନିୟମ, ୧୯୫୬ ଅନୁଯାୟୀ ଗଠନ ହୋଇଥିବା ଓଡିଶା ଜଳ ବିଦ୍ୟୁତ୍ ନିଗମ ଏକ ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ, ବିଦ୍ୟୁତ୍ ଅଧିନିୟମ, ୨୦୦୩ର ପରିଚ୍ଛେଦ ୬୪ ଓ ୮୬ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ତାର ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଦରଖାସ୍ତ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱରଙ୍କ ନିକଟରେ **ତା.୨୭.୧୧.୨୦୨୦ ରିଖ**ରେ ଦାଖଲ କରିଅଛି, ଯାହା କେସ୍ ନମ୍ବର ୭୦/୨୦୨୦ ରେ ପଞ୍ଜିକୃତ କରାଯାଇଅଛି।

୨) ମାନ୍ୟବର ଆୟୁକ୍ତ ଜନ ଶୁଣାଣି ମାଧ୍ୟମରେ ଏହି ବିଷୟଟିର ଫଇସଲା କରିବା ନିମନ୍ତେ ସ୍ଥିର କରିଛନ୍ତି।

୩) ଉପରୋକ୍ତ ଦରଖାସ୍ତର ନକଲ ଓଡିଶା ଜଳ ବିଦ୍ୟୁତ୍ ନିଗମ କର୍ପୋରେଟ କାର୍ଯ୍ୟାଳୟ, ବାଣୀ ବିହାର ଛକ, ଜନପଥ, ଭୁବନେଶ୍ୱର ଏବଂ ଏହାର ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରର ମୁଖ୍ୟଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଏହି ସାଧାରଣ ବିଜ୍ଞପ୍ତି ସହିତ ଦାଖଲ କରାଯାଇଥିବା ସମ୍ପୂର୍ଣ୍ଣ ଦରଖାସ୍ତ ଓଡିଶା ଜଳ ବିଦ୍ୟୁତ୍ ନିଗମର ୱେବସାଇଟ୍ www.ohpcltd.com ଏବଂ ଆୟୋଗଙ୍କ ୱେବସାଇଟ୍ www.orierc.org ରେ ଉପଲବ୍ଧ ହେବ।

୪) (କ) **ତା.୧୮.୦୧.୨୦୨୧ ରିଖ** ମଧ୍ୟରେ ଉପରଲିଖିତ ଯେକୌଣସି କାର୍ଯ୍ୟାଳୟରେ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ଖୋଲା ସମୟରେ ସଂପୃକ୍ତ ଅଧିକାରୀଙ୍କୁ ସାଧା କାଗଜରେ ଦରଖାସ୍ତ ଦେଇ, ଆଗ୍ରହୀ ବ୍ୟକ୍ତିମାନେ ଏହି ବିଷୟ ସମ୍ବନ୍ଧୀୟ ନଥିପତ୍ର ଦେଖିପାରିବେ ଏବଂ ଲେଖିକରି ଆଣି ପାରିବେ । ଉପରୋକ୍ତ ସମୁଦାୟ ଆବଶ୍ୟକ ପୁଞ୍ଜି ଦରଖାସ୍ତର ନକଲ ଉପରଲିଖିତ ଯେକୌଣସି କାର୍ଯ୍ୟାଳୟରେ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ଖୋଲା ସମୟରେ ନକଲ ଦେୟ ବାବଦକୁ ଟ.୧୦୦/- ପୈଠ କରି ପାଇପାରିବେ ।

(ଖ) ପ୍ରସ୍ତାବର ସାରାଂଶ ଆୟୋଗଙ୍କ ୱେବ୍ ସାଇଟ୍ ରେ **ତା: ୧୫.୦୧.୨୦୨୧ ରିଖ** ପରେ ସର୍ବସାଧାରଣ ଅବଗତି ନିମନ୍ତେ ଉପଲବ୍ଧ ହେବ ।

୫) ସମର୍ଥିତ କାଗଜ ପତ୍ର ସହିତ ଏହି ସମ୍ବନ୍ଧୀୟ କୌଣସି ପ୍ରସ୍ତାବ / ଆପତ୍ତି, ସଂପାଦକ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ ନଂ.୪, ଚୁନୁକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧ ନିକଟରେ ବ୍ୟକ୍ତି ବିଶେଷ କିମ୍ବା ରେଜିଷ୍ଟ୍ରି ଡାକ **E-mail ID** ଠିକଣା ସହିତ କିମ୍ବା କ୍ଷିପ୍ର ବାହକ ସେବା ମାଧ୍ୟମରେ ଦାଖଲ କରାଯାଇପାରେ, ଯାହାକି **ତା.୧୮.୦୧.୨୦୨୧ ରିଖ** ଦିନ କିମ୍ବା ତା ପୂର୍ବରୁ ତାଙ୍କ ନିକଟରେ ନିଶ୍ଚିତ ପହଞ୍ଚିବା ଆବଶ୍ୟକ । ସମ୍ବନ୍ଧୀୟ କାଗଜ ପତ୍ର ସହିତ ଉପରୋକ୍ତ ପ୍ରସ୍ତାବ / ଆପତ୍ତିର ଏକ କିତା ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କୁ ମଧ୍ୟ ଦେବା ଆବଶ୍ୟକ।

(କ) ପ୍ରସ୍ତାବ / ଆପତ୍ତି ଗୁଡିକର ୭ (ସାତ) କିତା ନକଲ ସଂପାଦକ, ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ଦାଖଲ ହେବା ଆବଶ୍ୟକ ଏବଂ ସେଥିରେ ପ୍ରସ୍ତାବ / ଆପତ୍ତି ପଠାଇଥିବା ବ୍ୟକ୍ତି / ସଂଗଠନ / ଅନୁଷ୍ଠାନର ପୁରାନାମ ଓ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ତାଙ୍କର **E-mail ID** ଓ ଯୋଗାଯୋଗ ଟେଲିଫୋନ ନଂ ରହିବା ଆବଶ୍ୟକ ଏବଂ ତାହା ଏକ ସତ୍ୟପାଠ ଦ୍ୱାରା ସମର୍ଥିତ ହୋଇଥିବା ଆବଶ୍ୟକ।

(ଖ) କୌଣସି ବର୍ଗର ଉପଭୋକ୍ତାଙ୍କ ପାଇଁ କୌଣସି ସଂଗଠନ / ଅନୁଷ୍ଠାନ ତରଫରୁ ପ୍ରସ୍ତାବ / ଅଭିଯୋଗ ପଞ୍ଜିକୃତ କରାଗଲେ, ତାହା ସ୍ପଷ୍ଟ ଭାବେ ସୂଚିତ ହେବା ଆବଶ୍ୟକ । ଯଦି ବ୍ୟକ୍ତିଗତ ଭାବରେ ଶୁଣାଣି କରାଇବାକୁ ଚାହାନ୍ତି, ତେବେ ଆୟୁକ୍ତଙ୍କୁ ସ୍ପଷ୍ଟ ଭାବେ ଜଣାଇବା ଆବଶ୍ୟକ।

(ଗ) ଉପରୋକ୍ତ ତାରିଖ ପରେ ଏବଂ ଉପରୋକ୍ତ ନିୟମାବଳୀର ସର୍ତ୍ତ ସଂପୂର୍ଣ୍ଣ ଭାବେ ପୂରଣ ନହେଲେ, ଏହା ଶୁଣାଣି ପାଇଁ ଗ୍ରହଣଯୋଗ୍ୟ ହୋଇ ନପାରେ ।କେବଳ ଯେଉଁ ଅଭିଯୋଗ / ପ୍ରସ୍ତାବ ଗୁଡିକ ସତ୍ୟପାଠ ମାଧ୍ୟମରେ ପୈଠ କରାଯାଇଥିବ, ସେହି ଗୁଡିକୁ କେବଳ ଶୁଣାଣି ପାଇଁ ଗ୍ରହଣ କରାଯିବ।

୬) ଶୁଣାଣିର ତାରିଖ ଖବରକାଗଜରେ ଯଥାବିଧି ପ୍ରକାଶ କରାଯିବ ଏବଂ ଯେଉଁ ପକ୍ଷମାନଙ୍କର ଆପତ୍ତି ଗ୍ରହଣ କରାଯିବ ସେମାନଙ୍କୁ ମଧ୍ୟ ଜଣାଇ ଦିଆଯିବ।

**ଓଡିଶା ଜଳ ବିଦ୍ୟୁତ୍ ନିଗମ ଅଧିନସ୍ଥ ବିଭିନ୍ନ ଶକ୍ତି ଉତ୍ପାଦନ କେନ୍ଦ୍ର ଗୁଡିକର ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ପ୍ରସ୍ତାବିତ କାପାସିଟି ମୂଲ୍ୟ ଓ ଏନର୍ଜି ମୂଲ୍ୟ**

| ବିଦ୍ୟୁତ୍ କେନ୍ଦ୍ରର ନାମ | ବାର୍ଷିକ ସ୍ଥାୟୀ ଖର୍ଚ୍ଚ ଦାବି (ଏ.ଆର.ଆର) (କୋଟି ଟଙ୍କାରେ) | ବାର୍ଷିକ କାପାସିଟି ମୂଲ୍ୟ (ଏ.ସି.ସି) (କୋଟି ଟଙ୍କାରେ) | ବାର୍ଷିକ ଏନର୍ଜି ମୂଲ୍ୟ (ଏ.ଇ.ସି) (କୋଟି ଟଙ୍କାରେ) | ବିକ୍ରୟ ରୂପାଙ୍କନ ଶକ୍ତି (ମିଲିୟନ ୟୁନିଟ୍ ରେ) | ଏନର୍ଜି ମୂଲ୍ୟ ହାର (ଇ.ସି.ଆର) (ପଇସା / ୟୁନିଟ୍) |
|---|---|---|---|---|---|
| ରେଙ୍ଗାଳି | ୭୦.୩୯୮ | ୩୫.୧୯୯ | ୩୫.୧୯୯ | ୫୧୯.୭୫ | ୬୭.୭୨୩ |
| ଉପର କୋଲାବ | ୭୦.୩୪୨ | ୩୫.୧୭୧ | ୩୫.୧୭୧ | ୮୨୩.୬୮ | ୪୨.୭୦୦ |
| ବାଲିମେଳା | ୮୦.୫୦୦ | ୪୦.୨୫୦ | ୪୦.୨୫୦ | ୧୧୭୧.୧୭ | ୩୪.୩୬୭ |
| ହୀରାକୁଦ | ୯୦.୬୧୪ | ୪୫.୩୦୭ | ୪୫.୩୦୭ | ୬୭୭.୧୬ | ୬୬.୯୦୭ |
| ଚିପିଲିମା | ୩୭.୯୫୬ | ୧୮.୯୭୮ | ୧୮.୯୭୮ | ୪୮୫.୧୦ | ୩୯.୧୨୨ |
| ଉପର ଇନ୍ଦ୍ରାବତୀ | ୧୮୬.୦୩୫ | ୯୩.୦୧୭ | ୯୩.୦୧୭ | ୧୯୪୨.୩୮ | ୪୭.୮୮୮ |

ସ୍ୱା/-
ନିର୍ଦ୍ଦେଶକ (ଅର୍ଥ)
ଓଡିଶା ଜଳ ବିଦ୍ୟୁତ୍ ନିଗମ

ତା. ୧୮.୧୨.୨୦୨୦

ବି.ଦ୍ର.:-

୧. ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ବିଭିନ୍ନ ଜଳ ବିଦ୍ୟୁତ୍ କେନ୍ଦ୍ର ଗୁଡିକର ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଦରଖାସ୍ତ ଓଡିଶା ଜଳ ବିଦ୍ୟୁତ୍ ନିଗମର ୱେବସାଇଟ୍ www.ohpcltd.com ଏବଂ ଆୟୋଗଙ୍କ ୱେବସାଇଟ୍ www.orierc.orgରେ ଉପଲବ୍ଧ।

୨. ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତି ରେ ଯଦି କୌଣସି ଦ୍ୱନ୍ଦ ଥାଏ, ତାହା ହେଲେ ସତ୍ୟତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯାଇପାରେ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

**ଚୌଦ୍ୱାର, ୧୮।୧୨(ଡି.ଏନ୍.ଏ.):** ଟିପିଏମ୍ ଫାଣ୍ଡି ଅଧୀନ ଡିହସାହି ଓ ନୂଆପାଟଣା ଗ୍ରାମ ମଧ୍ୟସ୍ଥ ମହାନଦୀ ପଠାରୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକଙ୍କ ନାମ ଜ୍ୟୋତି ରଞ୍ଜନ ଲେଙ୍କା(୪୦) ଓ ତାଙ୍କ ଘର କେନ୍ଦ୍ରାପଡା ଅଞ୍ଚଳରେ ବୋଲି ପୋଲିସ କହିଛି। କେତେଜଣ ଲୋକ ସକାଳେ ମହାନଦୀକୁ ଗାଧୋଇବାକୁ ଯାଇଥିବାବେଳେ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ଟିପିଏମ୍ ଫାଣ୍ଡୀ ଅଧିକାରୀ ମାନସ ମହାରଣା ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲେ। ପରେ ଏକ ମାମଲା(ନଂ.୩୨/୨୦) ରୁଜୁ କରଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ଫାଣ୍ଡି ଅଧିକାରୀ ମହାରଣା କହିଛନ୍ତି। ସୂଚନାଯୋଗ୍ୟ, ମଧୁସୂଦନ ସେତୁ ଉପରେ ଏକ ବାଇକ୍ ଓ ହେଲ୍‌ମେଟ୍ ୨ଦିନ ଧରି ରହିଥିବା ସ୍ଥାନୀୟ ଲୋକେ ଦେଖି ଗତ ୧୨ ତାରିଖରେ ଟିପିଏମ୍ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଉକ୍ତ ବାଇକ୍ ଓ ହେଲ୍‌ମେଟ୍ ଆଣି ଫାଣ୍ଡିରେ ରଖିଥିଲା। ଜ୍ୟୋତି ରଞ୍ଜନ ଉକ୍ତ ବାଇକ୍ ନେଇ ନିଖୋଜ ହୋଇଥିବା ସମ୍ପର୍କରେ ତାଙ୍କ ପରିବାର ଲୋକେ ଭୁବନେଶ୍ୱର ଶହୀଦ ନଗର ଥାନାରେ ଏତଲା ଦେଇଥିଲେ। ଶହୀଦ ନଗର ପୋଲିସ ଘଟଣାର ତଦନ୍ତ କରିବା ପରେ ଉକ୍ତ ବାଇକ୍ ଟିପିଏମ୍ ଫାଣ୍ଡିରେ ଥିବା ଜାଣିବାକୁ ପାଇଥିଲା। ପରେ ସେଠାକୁ ଯାଇ ଉକ୍ତ ବାଇକ୍‌କୁ ନିଜ ହେପାଜତକୁ ନେଇଥିଲା।

### ଏସ୍‌ସିବିରେ ଯୋଗଦେବେ ୨ ମ୍ୟାନେଜର

**କଟକ ଅଫିସ, ୧୮।୧୨-** ଏସ୍‌ସିବି ମେଡିକାଲର ସୁପରିଚାଳନା ପାଇଁ ଆଉ ୨ ମ୍ୟାନେଜର ଯୋଗଦେବେ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଗୁରୁବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି ହସ୍ପିଟାଲ ମ୍ୟାନେଜରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ଦରମା ଦିଆଯିବ। ଉଲ୍ଲେଖଯୋଗ୍ୟ, ଏସ୍‌ସିବି ମେଡିକାଲରେ ଆଗରୁ ୨ଜଣ ହସ୍ପିଟାଲ ମ୍ୟାନେଜର କାର୍ଯ୍ୟ କରୁଥିଲେ। ଏବେ ଏହି ୨ଜଣଙ୍କୁ ମିଶାଇ ସମୁଦାୟ ୪ଜଣ କାର୍ଯ୍ୟ କରିବେ।

### ଜମି ଫେରାଇବା ଦାବିରେ ବିକ୍ଷୋଭ

**ବାରଙ୍ଗ,୧୮।୧୨(ଡି.ଏନ.ଏ)-** ମୁଣ୍ଡଳି ପଞ୍ଚାୟତର ୨୦ଏକର ଜମି ଜବରଦଖଲ ରଖିଥିବା ଜଣେ ବ୍ୟକ୍ତିଙ୍କଠାରୁ ସରକାରୀ ଖାତାକୁ ଫେରାଇ ଆଣିବା ଦାବିରେ ଶୁକ୍ରବାର ଜମି ଅଧିକାର ମଞ୍ଚ ତରଫରୁ ୧୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷମାନେ ବାରଙ୍ଗ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ଓ ଧାରଣା ଦେଇଥିଲେ। ବିକ୍ଷୋଭକାରୀମାନେ ବାରଙ୍ଗ ମୁଖ୍ୟରାସ୍ତାରୁ ବାରଙ୍ଗ ତହସିଲ ଜମିମାଫିଆଙ୍କ ଭୂସ୍ୱର୍ଗ ସହ ବିଭିନ୍ନ ଜମି ସମସ୍ୟା ଉପରେ ସ୍ଲୋଗାନମାନ ଦେଇଥିଲେ। ଏହାସହ ବାରଙ୍ଗ ସବରେଜିଷ୍ଟର କାର୍ଯ୍ୟାଳୟରେ ହେଉଥିବା ଜମି କ୍ରୟବିକ୍ରୟ ଉପରେ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ।ପ୍ରକାଶ ଥାଉ କି, ସାଲେପୁର ଥାନା ବାଲିଆ ଗ୍ରାମର ଜଣେ ମହିଳାଙ୍କ ନାମରେ ମୁଣ୍ଡଳି ପଞ୍ଚାୟତର ମୁଣ୍ଡଳି, ଚକ୍ରଧରପୁର, ଗୋବିନ୍ଦପୁର ଛକ ନିକଟରୁ ପ୍ରାୟ ୭୪ଏକର ଜମି ରେକର୍ଡ ହୋଇଛି। ତେବେ ଶାନ୍ତି ଏ ଅଞ୍ଚଳର ହୋଇ ନ ଥିବା ଓ ଏହି ଅଞ୍ଚଳର ପୂର୍ବତନ ଜମିଦାର ମଧ ନ ଥିବାବେଳେ ତାଙ୍କ ନାମରେ ଏତେଗୁଡାଏ ଜମି ଥିବା ନେଇ ଅଭିଯୋଗ ହୋଇଥିଲା। ୨୦୧୮ରେ ତତ୍‌କାଳୀନ ଜିଲାପାଳ ନିର୍ମଳ ମିଶ୍ର ଏହି ସମସ୍ତ ଜମିକୁ ରାଜସ୍ୱ ବିଭାଗର ସର୍ବୋଚ୍ଚ କମିଟିକୁ ସମୀକ୍ଷା ପାଇଁ ପଠାଇଥିଲେ। କିନ୍ତୁ ତତ୍‌କାଳୀନ ତହସିଲଦାର ଚକ୍ରଧରପୁର ଓ ଗୋବିନ୍ଦପୁର ମୌଜାର ୨୦ଏକର ଜମିକୁ ସମୀକ୍ଷା ପାଇଁ ନ ପଠାଇ ଚାପି ରଖିଥିବାରୁ ମହିଳାଜଣକ ସେହି ଜାଗାକୁ ବିକ୍ରି କରିଚାଲିଛନ୍ତି। ଅନ୍ୟପଟେ ଏହି ଜାଗାରୁ ଜଣେ ତହସିଲଦାରଙ୍କ ସ୍ତ୍ରୀ ଓ କେତେଜଣ ଲୋକଙ୍କ ନାମରେ ପଟ୍ଟା ହୋଇଥିବାରୁ ସେଠାରେ ସେମାନେ ନିର୍ମାଣ ପାଇଁ ଉଦ୍ୟମ କରୁଛନ୍ତି। ଭୂମିହୀନ ସବର ଓ ମୁଣ୍ଡା ସମ୍ପ୍ରଦାୟର ଚକ୍ରଧରପୁର ଓ ଗୋବିନ୍ଦପୁର ଗ୍ରାମବାସୀ ବିରୋଧ କରୁଛନ୍ତି। ଏହାର ସୁବିଚାର ସହ ନ୍ୟାୟ ଦାବିରେ ମୁଣ୍ଡଳି ପଞ୍ଚାୟତର ଜମିଅଧିକାର ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିବାବେଳେ ଏହାକୁ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଓ ସିପିଆଇଏମ୍ ପକ୍ଷରୁ ସମର୍ଥନ ଦିଆଯାଇଥିଲା। ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ୨୦ଏକର ଜମିକୁ ଖାରଜ କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ବନ୍ଦ କୋଠରିରୁ ମା’ ଝିଅଙ୍କ ମୃତଦେହ ଜବତ

**କଟକ ଅଫିସ,୧୮।୧୨**


ବନସ୍ମିତା ।


ପୋଲିସ ଘଟଣାର ତଦନ୍ତ ଚଳାଇଛି ।

- ଝିଅକୁ ହତ୍ୟା ପରେ ମା’ଙ୍କ ଆତ୍ମହତ୍ୟା ସନ୍ଦେହ
- ଛୁରି ଜବତ, ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କଟକ ବିଡାନାସୀ ଥାନା ଅନ୍ତର୍ଗତ ସେଲ୍‌ଟର ଛକ ନିକଟ ଷ୍ଟେଟ୍‌ବ୍ୟାଙ୍କ କଲୋନୀର ଏକ ବନ୍ଦ କୋଠରିରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଶିଶୁକନ୍ୟା ଓ ତାଙ୍କ ମା’ଙ୍କ ମୃତଦେହ ଶୁକ୍ରବାର ଜବତ କରାଯାଇଛି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଷ୍ଟେଟ୍‌ବ୍ୟାଙ୍କ କଲୋନୀରେ ବନସ୍ମିତା ଓଝା(୩୫) ରୁହନ୍ତି। ସେ ଏସ୍‌ବିଆଇରେ ଚାକିରି କରିଥିବାବେଳେ ତାଙ୍କ ସ୍ୱାମୀ ଇଞ୍ଜିନିୟର ଭାବେ ଜାଇକା ପ୍ରକଳ୍ପରେ କାର୍ଯ୍ୟରତ ଥିଲେ। ସେମାନଙ୍କର ୭ ମାସର ଶିଶୁକନ୍ୟା ଅଛି। ଶୁକ୍ରବାର ସନ୍ଧ୍ୟାରେ ବନସ୍ମିତାଙ୍କ ସ୍ୱାମୀ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। କିଛି ସମୟ ପରେ ସେ ଘରକୁ ଫେରି ଦେଖିଲେ ବନସ୍ମିତାଙ୍କ ବେଡ୍‌ରୁମ୍ ବନ୍ଦ ରହିଛି। ରୁମ୍‌ର କବାଟ ବାଡେଇଲେ ଭିତରୁ କିଛି ଉତ୍ତର ଆସି ନ ଥିଲା। ଫଳରେ ସେ ପଡୋଶୀଙ୍କୁ ଡାକି କବାଟ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। କବାଟ ଭାଙ୍ଗିବା ପରେ ଘରର ଖଟ ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିଶୁକନ୍ୟାର ମୃତଦେହ ପଡିଥିବାବେଳେ ଫ୍ୟାନରେ ବନସ୍ମିତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ବିଡାନାସୀ ଥାନାକୁ ଖବର ଦିଆଯାଇଥିଲା। ତେବେ ଶିଶୁକନ୍ୟାର ଶରୀରରେ କଟା ଦାଗ ଦେଖିବାକୁ ମିଳିଛି। ଉକ୍ତ କୋଠରି ଭିତରୁ ପୋଲିସ ଏକ ଛୁରି ଜବତ କରିଛି। ତେବେ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ ଝିଅକୁ ହତ୍ୟା କରି ବନସ୍ମିତା ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ଝିଅର ମାନସିକ ସ୍ଥିତି ଭଲ ନ ଥିଲା। ଜଣେ ସୁସ୍ଥ ପିଲା ଭଳି ବଢୁ ନ ଥିବାରୁ ଝିଅର ଭବିଷ୍ୟତକୁ ନେଇ ବନସ୍ମିତା ଚିନ୍ତାରେ ଥିଲେ ବୋଲି ତାଙ୍କ ସ୍ୱାମୀ ପୋଲିସ ନିକଟରେ କହିଛନ୍ତି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ପଶ୍ଚିମବଙ୍ଗ ପୋଲିସ ସାଲେପୁରରୁ ଯୁବକଙ୍କୁ ଉଠାଇନେଲା

**ସାଲେପୁର, ୧୮।୧୨(ଡି.ଏନ୍.ଏ.)**

**କମ୍ପାନୀର ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ**

ସାଲେପୁର ଥାନାର ମହଣ ପଞ୍ଚାୟତର ବଳଭଦ୍ରପୁର ଗାଁର ଦେବପ୍ରସାଦ ପାତ୍ର (୨୫) ପଶ୍ଚିମବଙ୍ଗର ଏକ କମ୍ପାନୀରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ନେଇ ସେଠାକାର ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ସ୍ଥାନୀୟ ପୋଲିସ୍ ସହାୟତାରେ ପଶ୍ଚିମବଙ୍ଗ ପୋଲିସ୍ ପାତ୍ରଙ୍କୁ ଉଠାଇ ନେଇଥିବା ଜଣାଯାଇଛି। ବଳଭଦ୍ରପୁରର ପାତ୍ର କିଛିମାସ ତଳେ ପଶ୍ଚିମବଙ୍ଗର ହାଓଡ଼ା ଜିଲାର ଲିଲୁଆ ଥାନା ଅଞ୍ଚଳକୁ ଯାଇ ସେଠାରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। କମ୍ପାନୀରେ କାର୍ଯ୍ୟ କରିବା ସମୟରେ ସେ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଜାଲ୍ କରି ନିଜର ସାଲେପୁରରେ ଥିବା ଆନ୍ଧ୍ର ବ୍ୟାଙ୍କ୍ ବର୍ତ୍ତମାନର ୟୁନିୟନ୍ ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିଥିଲେ। ପରେ କମ୍ପାନୀ ଛାଡ଼ି ନିଜ ଗାଁ ସାଲେପୁରର ବଳଭଦ୍ରପୁର ପଳାଇ ଆସିଥିଲେ। ଏଠାରେ ଆସି ସେ ସେହି ଜମାରାଶିକୁ ବିଭିନ୍ନ ସମୟରେ ଉଠାଇ ନେଉଥିଲେ। କମ୍ପାନୀର ଟଙ୍କା ହେରଫେର ହୋଇଥିବା ଜଣାପଡିବା ପରେ ଲିଲୁଆ ଥାନାରେ ଏକ ଅଭିଯୋଗ ଦାଏର ହୋଇଥିଲା। ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଏହି ଘଟଣାରେ ସାଲେପୁର ଥାନା ମହଣ ପଞ୍ଚାୟତର ବଳଭଦ୍ରପୁର ଗାଁର ପାତ୍ର ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ସେଠାରୁ ଏକ ପୋଲିସ୍ ଟିମ୍ ଏହି ଘଟଣାରେ ସାଲେପୁର ଥାନାରେ ପହଞ୍ଚି ପୋଲିସ୍ ସହାୟତାରେ ଦେବପ୍ରସାଦଙ୍କୁ ଗିରଫ କରି ପଶ୍ଚିମବଙ୍ଗର ଲିଲୁଆ ଥାନାକୁ ନେଇ ଯାଇଥିବା ଜଣାପଡିଛି।

# ଅଲିଶା ଷ୍ଟ୍ରଙ୍ଗ ଓମ୍ୟାନ, ବିଚିତ୍ରା ଷ୍ଟ୍ରଙ୍ଗ ମ୍ୟାନ ବିବେଚିତ




**ପୁରୁଣା ଭୁବନେଶ୍ୱର, ୧୮।୧୨(ଡି.ଏନ୍.ଏ)–**

**ଅଲ୍ ଓଡ଼ିଶା କ୍ଲାସିକ୍ ଓପନ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତା**

ଓଡ଼ିଶା ପାୱାର ଲିଫ୍ଟିଙ୍ଗ ଆସୋସିଏଶନ ଏକାଡେମୀ ଦ୍ୱାରା ପ୍ରଥମ ଅଲ୍ ଓଡ଼ିଶା କ୍ଲାସିକ୍ ଓପନ ବେଞ୍ଚ ପ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରସୁଲଗଡ଼–ପଳାଶୁଣୀ ବାଇପାସ୍ ରୋଡ୍ ନିକଟରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀଙ୍କୁ ପୃଥକ ଭାବେ ପୁରସ୍କୃତ କରାଯାଇଥିଲା। ୧୫୫ କି.ଗ୍ରା ଲିଫ୍ଟିଙ୍ଗରେ ଭୁବନେଶ୍ୱରର ବିଚିତ୍ରା ଷ୍ଟ୍ରଙ୍ଗ ମ୍ୟାନ ଏବଂ ଟିଟିଲାଗଡ଼ର ଅଲିଶା ନାଗ ୫୫ କିଗ୍ରା ଲିଫ୍ଟିଙ୍ଗରେ ଷ୍ଟ୍ରଙ୍ଗ ଓମ୍ୟାନ ଭାବେ ବିବେଚିତ ହୋଇଥିଲେ। ଉଭୟଙ୍କୁ ପୁରସ୍କାର ସ୍ୱରୂପ ୧୦,୧୦୦ଟଙ୍କା ପ୍ରଦାନ କରାଯାଇଥିଲା। ଏହାସହ ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ପ୍ରତ୍ୟେକ ୯ଟି ଲିଫ୍ଟିଙ୍ଗ କାଟାଗୋରିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କୃତୀ ପ୍ରତିଯୋଗୀଙ୍କୁ ଆୟୋଜିତ ପୁରସ୍କାର ବିତରଣ ସଭାରେ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ରବିନାରାୟଣ ମିଶ୍ର, ସମ୍ମାନିତ ଅତିଥିଭାବେ ପାୱାର ଲିଫ୍ଟିଙ୍ଗର କାର୍ତ୍ତିକ ଜେନା, ଗୌତମ ଅଡ଼ଜୁଆଡ୍, ସୋମନାଥ ପଟ୍ଟନାୟକ, ତପନ ସାମଦ, ନୀଳମଣି ସାହୁ ଉପସ୍ଥିତ ଥିଲେ। ଏକାଡ଼େମୀର ସଭାପତି ରୁଦ୍ର ନାରାୟଣ ସାହୁଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଅବକାରୀ ବିଭାଗ ଚଢ଼ାଉ : ୧୮୦୦ ଲିଟର ପୋଚ ନଷ୍ଟ

**ଆଠଗଡ, ୧୮।୧୨(ସ୍ୱ.ପ୍ର.)**

କଟକ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ବିଭାଗ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଗାଁ ଅଞ୍ଚଳରୁ ବ୍ୟାପକ ଦେଶୀ ମଦ ରନ୍ଧା ଭାଟିକୁ ଭଙ୍ଗାଯାଇଛି। ଦେଶୀ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ୧୮୦୦ ଲିଟର ଗୁଡ଼ ପୋଚକୁ ନଷ୍ଟ କରାଯାଇଛି। ଆଠଗଡ଼ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ରାଓ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ରୂପେ ଯୋଗ ଦେଇଥିଲେ। ଉକ୍ତ ଚଢ଼ାଉ କାର୍ଯ୍ୟକ୍ରମରେ ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲା, ଉପନିରୀକ୍ଷକ ବିଜୟ କୁମାର ଭଞ୍ଜ, ବେଣୁଧର ସାମଲ, ନିରାକର ଦେହୁରୀ, ମାଗୁଣି ଚରଣ ମାଝିଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ସେକ୍ଟର ଅଫିସର ନିଯୁକ୍ତିରେ ଆଚରଣବିଧି ଉଲ୍ଲଂଘନ

**କଟକ ସଦର,୧୮।୧୨(ଡି.ଏନ୍.ଏ.)**

**୭ନଂ. ଜୋନ୍ ଜିଲାପରିଷଦ ଉପନିର୍ବାଚନ**

ଆସନ୍ତା ୨୨ରେ କଟକ ୭ନଂ. ଜୋନ୍ ଜିଲାପରିଷଦ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ୮ଟି ପଞ୍ଚାୟତରେ ସେକ୍ଟର ଅଫିସରମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ନିଯୁକ୍ତିକୁ ନେଇ ଭାଜପା ଆପତ୍ତି ଉଠାଇଛି। ପଞ୍ଚାୟତରେ କାର୍ଯ୍ୟ କରୁଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କୁ ସେହି ଏକା ପଞ୍ଚାୟତରେ ସେକ୍ଟର ଅଫିସର କରାଯିବା ନିର୍ଦ୍ଦେଶନାମା ଆଦର୍ଶ ଆଚରଣବିଧିର ଉଲ୍ଲଂଘନ କରୁଛି ବୋଲି ଭାଜପା ନେତା ସତ୍ୟ ଜେନା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗପତ୍ର ଦାଖଲ କରିଛନ୍ତି। କାରଣ ଏହି ସେକ୍ଟର ଅଫିସରମାନଙ୍କୁ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ରାଜୀବ ଲୋଚନ ପରିଡା ନିଯୁକ୍ତି ଦେଇଛନ୍ତି। ଗୋଟିଏ ପଞ୍ଚାୟତରେ କାର୍ଯ୍ୟ କରି ସେହି ପଞ୍ଚାୟତର ସେକ୍ଟର ଅଫିସର ଦାୟିତ୍ୱ ତୁଲାଇବା ନିର୍ବାଚନ ଆଇନରେ ଉଲ୍ଲେଖ ନାହିଁ ବୋଲି ଜେନା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଧରିଣା, ଅରିଲୋ, ସୋମପୁର, କିଶୋରନଗର ଓ ବୋଧପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସେହି ପଞ୍ଚାୟତରେ ସେକ୍ଟର ଅଫିସର ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ପ୍ରହରାଜପୁର ପଞ୍ଚାୟତରେ ଜଣେ ଯନ୍ତ୍ରୀ ନିଯୁକ୍ତି ପାଇଛନ୍ତି। ସମ୍ପୃକ୍ତ ଯନ୍ତ୍ରୀ ମଧ ୫ ବର୍ଷ ହେବ ଉକ୍ତ ପଞ୍ଚାୟତର କାର୍ଯ୍ୟ ତଦାରଖ କରୁଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରୁ ଆଚରଣବିଧି ଉଲ୍ଲଂଘନକୁ ଖଣ୍ଡନ କରିବା ସହ ଅଭିଯୋଗପତ୍ର ପାଇଲେ ପଦକ୍ଷେପ ନେବି ବୋଲି କହିଥିଲେ।

## ଶୈଳବାଳା ମହିଳା କଲେଜରେ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ, ୧୮।୧୨–**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଦର୍ଶନ ବିଭାଗରେ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ୱେବିନାର ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶବନ୍ଧୁ କଲେଜର ସହକାରୀ ପ୍ରଫେସର ଡ. ସୁଭାଷିନୀ ବାରିକ, ଆଚାର୍ଯ୍ୟ ହରିହର କ୍ୟାନ୍‌ସର ସେଣ୍ଟରର ପ୍ରଫେସର ଦିଲୀପ ଅଗ୍ରୱାଲ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ମୋହିନୀ ମହମ୍ମଦ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ପ୍ରଫେସର ଡ. ସଚ୍ଚିନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଜାୱେଦା ହୁସେନ ଏଥିରେ ଅଧକ୍ଷତା କରିଥିଲେ। ଅଧାପିକା ଡ. ମଧୁଲିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ନର୍ମଦା କୁମାରୀ ପରିଡ଼ା ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଅଧାପିକା ଆନାଷ୍ଟେସିଆ ସମରିଆ ଓ ପ୍ରିୟଙ୍କା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ପ୍ରତାପ ସାମଲ ଧନ୍ୟବାଦ ଦେଇଥିଲେ।

**ନବମ ଜନ୍ମଦିନ ଶୁଭେଚ୍ଛା**



**ସତ୍ୟପ୍ରକାଶ ପାତ୍ର (ସୋମ୍)**
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ନୀରୋଗ ଓ ଦୀର୍ଘାୟୁ କରନ୍ତୁ।
–:ଶୁଭେଚ୍ଛା ସହ:–
ତୋର ବାପା, ବୋଉ, ମାମା, ପାପା, ମାନି ମାମା, ଲିପୁ ପାପା, ଛୁଆ ପାପା, ତୋର ସାନ ଭଉଣୀ ମାମା ଓ ଅଜା ଆଈ ।
ଧ–୧୧୨୮୦

# ‘ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ କରାଯିବ’

**ସାଲେପୁର,୧୮।୧୨(ଡି.ଏନ୍.ଏ.)**

ସାଲେପୁର ବ୍ଲକର ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ କ୍ଷେତ୍ରରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ମେଡିକାଲ ଅଫିସର୍ ବୈକୁଣ୍ଠ ବିହାରୀ ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶୀଘ୍ର କାମ ଆରମ୍ଭ କରିବା ଓ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପାଚେରି, ପାଇଖାନା, ଶୌଚାଳୟ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ଉଦ୍ୟମ କରାଯିବ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଫାର୍ମାସିଷ୍ଟ ପଦବୀ ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ବିଧାୟକ ବେହେରା ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଏବିଡିଓ ସୂର୍ଯ୍ୟକାନ୍ତ ରାଉତରାୟ, ସହକାରୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁ, ସରପଞ୍ଚ ରତ୍ନପୂର୍ଣ୍ଣା ମଲ୍ଲିକ୍, ଆକୁଳି ପ୍ରଧାନ, ବିଭୁ ଭୂଷଣ ସ୍ୱାଇଁ, ଚିତ୍ତରଞ୍ଜନ ସାହୁ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସୁଶାନ୍ତ କୁମାର ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୌମ୍ୟରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# କୃଷକ ସଚେତନତା ରଥର ଶୁଭାରମ୍ଭ

**ଆଠଗଡ, ୧୮।୧୨(ସ୍ୱ.ପ୍ର.)**


ସଚେତନତା ରଥକୁ ଉପଜିଲାପାଳ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

ଆଠଗଡ଼ ଉପଖଣ୍ଡର ୪ ବ୍ଲକରୁ ଆସନ୍ତା ୨୩ ତାରିଖଠାରୁ ମଣ୍ଡିରେ ଚାଷୀମାନଙ୍କଠାରୁ ଧାନ କିଣା ଯିବାକୁ ସରକାରୀ ସ୍ତରରେ ନିର୍ଦ୍ଧାରିତ ହୋଇଛି। ଏହାର ସୁଯୋଗ ନେବାକୁ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏକ ସଚେତନତା ରଥକୁ ଶୁକ୍ରବାର ପୂର୍ବାହ୍ନରେ ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି ଶୁଭାରମ୍ଭ କରିଛନ୍ତି। ଉପଖଣ୍ଡରେ ୭୨ଟି ସେବା ସମବାୟ ସମିତି ଜରିଆରେ ଧାନ କିଣାଯାଉଛି। ପଞ୍ଜୀକୃତ କରିଥିବା ସମସ୍ତ ଚାଷୀଙ୍କଠାରୁ ସେମାନଙ୍କର ଉତ୍ପାଦିତ ଧାନକୁ କେନ୍ଦ୍ରରେ କିଣାଯିବ। ଚାଷୀ ଆଣିଥିବା ଧାନ ଏଫ୍‌ଏକ୍ୟୁ ମାନର ହୋଇଥିବା ଆବଶ୍ୟକ। ଏହାଛଡ଼ା ଗ୍ରାମାଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କ କଥାରେ ନ ପଡି ସେବା ସମବାୟ ସମିତି ଜରିଆରେ ଧାନ ବିକ୍ରୟ କରି ସହାୟକ ମୂଲ୍ୟ ନେବାକୁ ପ୍ରଶାସନ ପକ୍ଷରୁ ଚାଷୀମାନଙ୍କୁ ଅନୁରୋଧ କରାଯାଇଛି। ସପ୍ତାହର ନିର୍ଦ୍ଧାରିତ ବାରରେ ସମିତିଗୁଡିକଠାରୁ ଧାନ କିଣାଯିବାକୁ ପ୍ରଶାସନ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। କେଉଁଦିନ ତାରିଖରେ, କେଉଁ ପଞ୍ଜୀକୃତ ଚାଷୀ, କେତେ ପରିମାଣର ଧାନ ମଣ୍ଡିକୁ ଆଣିବେ ସେଥିପାଇଁ ସେମାନଙ୍କୁ ଆଗୁଆ (ଏସ୍‌ଏମ୍‌ଏସ୍) ବାର୍ତ୍ତା ମାଧ୍ୟମରେ ଜଣାଇ ଦିଆଯିବ। ଏହି ତଥ୍ୟ ମଧ ସମବାୟ ସମିତି ଓ ନିକଟସ୍ଥ କଣ୍ଟ୍ରୋଲ ଦୋକାନରେ ଉପଲବ୍ଧ ହେବ। ଅମଳ କରି ସାରିଥିବା ଚାଷୀଙ୍କର ତଥ୍ୟକୁ ନିର୍ଭର କରି ସୋସାଇଟି କର୍ତ୍ତୃପକ୍ଷ ଟୋକନ ପ୍ରଦାନ କରୁଛନ୍ତି। ମଣ୍ଡିରେ ଧାନ ବିକ୍ରି କରିବାକୁ ସବୁ ବର୍ଗର ଚାଷୀମାନଙ୍କୁ ସୁଯୋଗ ଦିଆଯାଉଛି ବୋଲି ଉପଜିଲାପାଳ ମହାନ୍ତି କହିଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଉନ୍ନତ କିସମର ତଥା ଗ୍ରେଡ୍–ଏ ଧାନର ମୂଲ୍ୟ ୧୮୬୮ ଟଙ୍କା ରହିଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଯୋଜନାରୁ ସୁଫଳ ପାଇବାକୁ କୃଷକମାନଙ୍କ ଉଦ୍ଦେଶ୍ୟରେ ଏହି ରଥ ଉପଖଣ୍ଡର ୪ଟି ଯାକ ବ୍ଲକରେ ବୁଲି ଜନସଚେତନତା ସୃଷ୍ଟି କରିବ। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମ ନାରାୟଣ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ଅନ୍ତର୍ଗତ ୪ ବ୍ଲକର ଯୋଗାଣ ଅଧିକାରୀ, ସମବାୟ ସଂଯୋଜକ ଉପସ୍ଥିତ ଥିଲେ। ସ୍ୱାଧୀନ କୁମାର ଜେନା, ଅନ୍ତର୍ଯ୍ୟାମୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ।

**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ବନ୍ଧକ ଋଣ**
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
Commitment Forever
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**All India Tower Group**
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଡାକ୍ତରଖାନା ପହଞ୍ଚାଇଲେ ମନ୍ତ୍ରୀ

ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.) : ଦୁର୍ଘଟଣାର ଆହତ ଜଣେ ଯୁବକଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ନିଜ ଗାଡ଼ିର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରି ମହାନତାର ପରିଚୟ ଦେଇଛନ୍ତି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ। ପିପିଲି ଅଞ୍ଚଳର ମୁନା ନାମକ ଜଣେ ଯୁବକ ଶୁକ୍ରବାର ପୁରୀ-ଭୁବନେଶ୍ୱର ରାସ୍ତାର ସିଫା ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡି ରହିଥିଲେ। ଏହି ସମୟରେ ମନ୍ତ୍ରୀ ଦାସ ଭୁବନେଶ୍ୱର ଫେରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ମୁନାଙ୍କୁ ଦେଖି ଅଟକିଥିଲେ। ଅବସ୍ଥା ଗୁରୁତର ଥିବାରୁ ତୁରନ୍ତ ତାଙ୍କୁ ନିଜ ଗାଡ଼ିରେ ହସ୍ପିଟାଲରେ ପହଞ୍ଚାଇଥିଲେ। ଏପରିକି ତାଙ୍କ ପାଖରେ କିଛି ସମୟ ରହି ଚିକିତ୍ସା କଥା ବୁଝିଥିଲେ। ଏପଟେ ଉତ୍ତରା ଫାଣ୍ଡି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଥିଲା।

### ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଯୁବ ଶାଖା କାର୍ଯ୍ୟକାରିଣୀ ବୈଠକ

**କୃଷି ଆଇନ ପ୍ରତ୍ୟାହାର ଦାବି**

ଭୁବନେଶ୍ୱର,୧୮।୧୨(ବ୍ୟୁରୋ): ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଯୁବ ଶାଖା ଓ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଯୁବ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଇଏନ୍‌ଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ହୋଇଥିବା କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ କୃଷକଙ୍କୁ ନୈତିକ ସମର୍ଥନ ଦେଇଥିଲେ। ସେ କହିଥିଲେ, କୃଷକ ହେଉଛନ୍ତି ଅନ୍ନଦାତା। କୃଷକ ଫସଲ ଉତ୍ପାଦନ ସହ ପ୍ରାକୃତିକ ପରିବେଶକୁ ସୁରକ୍ଷା ପ୍ରଦାନ କରେ। କୃଷକଙ୍କ ଯୋଗୁ ଦେଶର ଆର୍ଥିକ ବ୍ୟବସ୍ଥା ସୁଦୃଢ଼ ହୋଇପାରଛି। କୃଷକଙ୍କ ଏମ୍‌ଏସ୍‌ପି ପାଇବା ସମ୍ପୂର୍ଣ୍ଣ ଅଧିକାର ରହିଛି ବୋଲି କହିଥିଲେ। ରାଜ୍ୟରେ ଚାଲିଥିବା ମଣ୍ଡି ବ୍ୟବସ୍ଥା ଭିତରେ ଓ ବାହାରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ଯୋଗୁ ୮୦ପ୍ରତିଶତ ଚାଷୀ ଏମ୍‌ଏସ୍‌ପି ପାଉ ନ ଥିବା ଓ ସର୍ବଦା ଚାଷ ଓ ଚାଷୀଙ୍କୁ ସରକାରୀ ସ୍ତରରେ ମଧ୍ୟ ଅବହେଳା କରାଯାଉଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ କୃଷି ବିରୋଧୀ ବିଲ୍ ପ୍ରତ୍ୟାହାର ଦାବିରେ ପ୍ରାଣ ହରାଇଥିବା ଅନ୍ନଦାତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ମୃତଦେହ ଘରକୁ ନେବା ପାଇଁ ହସ୍ପିଟାଲରେ ପାଟିତୁଣ୍ଡ

କଟକ ଅଫିସ, ୧୮।୧୨: କଟକ ଏସ୍‌ସିବି ମେଡିକାଲ ପୁରୁଣା କୋଭିଡ୍ ୱାର୍ଡରେ ଶୁକ୍ରବାର ସନ୍ଧ୍ୟାରେ ରୋଗୀଙ୍କ ସମ୍ପର୍କୀୟ ଓ ହସ୍ପିଟାଲ ଷ୍ଟାଫଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ହସ୍ପିଟାଲ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨ଜଣ ରୋଗୀଙ୍କ ଅପରାହ୍ନରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ଜାଣିବା ପରେ ସେମାନଙ୍କ ସମ୍ପର୍କୀୟ ମୃତଦେହ ଘରକୁ ନେବା ପାଇଁ ଅଡି ବସିଥିଲେ। କିନ୍ତୁ ଏଥିରେ ହସ୍ପିଟାଲ କର୍ତ୍ତୃପକ୍ଷ ରାଜି ହୋଇ ନ ଥିଲେ। ଫଳରେ ଏହାକୁ ନେଇ କିଛି ସମୟ ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ କୌଣସିମତେ ଉକ୍ତ ରୋଗୀ ସମ୍ପର୍କୀୟମାନେ ବୁଝିପାରିଲେ ଯେ, ମୃତଦେହ ଘର ଲୋକଙ୍କୁ ଦିଆଯାଉନାହିଁ। କଟକ ମହାନଗର ନିଗମ ଦ୍ୱାରା ମୃତଦେହ ସଂସ୍କାର କରାଯାଉଛି। ଏହା ବୁଝିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ୩କୋଟିରୁ ଊର୍ଦ୍ଧ୍ୱ ଠକେଇ, ଓରିସନ୍ ଏମ୍‌ଡି ଗିରଫ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ରାଜଧାନୀରେ ଜମି ଯୋଗାଇଦେବାକୁ କହି ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇ ଲୁଚି ବୁଲୁଥିବା ଜଣେ ବିଲ୍ଡରଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଓରିସନ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ଲେଙ୍କା (୪୦)। ୨୦୦୮ରୁ ୨୦୧୯ ମଧ୍ୟରେ ସେ ବହୁ ଲୋକଙ୍କୁ ଠକେଇ କରିଥିବାବେଳେ ତାଙ୍କ ନାମରେ ଶହୀଦନଗର ଥାନାରେ ୩ଟି ଓ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ମାମଲା ରହିଛି। ଏଥିସହ ବିଭିନ୍ନ ଥାନାରେ ଆହୁରି ବହୁ ଲୋକ ଅଭିଯୋଗ କରିଥିବାରୁ ମାମଲା ସଂଖ୍ୟା ବଢ଼ିବ। ତେବେ ଏହି ଠକେଇରେ ମନୋଜଙ୍କ ଦୁଇ ସହଯୋଗୀ ଓ ଅନ୍ୟମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ ଧରାପଡିଲେ ଠକେଇର ବହୁ ଗୁମର ପଦାକୁ ଆସିବ ବୋଲି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ମନୋଜଙ୍କ ଘର କଟକ ନେମାଳ ଥାନା ଅନ୍ତର୍ଗତ ମୋହନପୁରରେ

**ପୋଲିସ ସ୍କାନରରେ ଅନ୍ୟ ଦୁଇ ସହଯୋଗୀ**



ହୋଇଥିବାବେଳେ ସେ ଭୁବନେଶ୍ୱର ନୀଳାଦ୍ରିବିହାର ବୁଦ୍ଧପାର୍କ ନିକଟରେ ରହି ଶହୀଦନଗର ଥାନାଞ୍ଚଳରେ ଉକ୍ତ ସଂସ୍ଥାର ଅଫିସ ଖୋଲିଥିଲେ। ଜମି ଦେବା ବାହାନାରେ ଲୋକଙ୍କୁ ନାନା ଭାବେ ପ୍ରଲୋଭିତ କରି ଟଙ୍କା ହାତେଇବା ପରେ ୫ରୁ ୬ବର୍ଷ ଲାଗିଯିବ ବୋଲି କୁହନ୍ତି। କିନ୍ତୁ ପରେ କାହାକୁ ଜାଗା ନ ଦେଇ ଫସାନ୍ତି। ପୁଣି ଗୋଟିଏ ଜାଗାକୁ ୫/୬ଜଣଙ୍କ ନାଁରେ ରେଜିଷ୍ଟ୍ରେଶନ କରି ଠକନ୍ତି। ଏନେଇ ଠକାମିର ଶିକାର ହୋଇଥିବା ଏକାଧିକ ଲୋକ ତାଙ୍କ ବିରୋଧରେ ବିଭିନ୍ନ ଥାନାରେ ଅଭିଯୋଗ କରିଥିଲେ। ଏହାପରଠୁ ମନୋଜ ଓ ସହଯୋଗୀମାନେ ଅଫିସରେ ତାଲା ପକାଇ ଫେରାର ହୋଇଥିଲେ।

**ଟାର୍ଗେଟ୍‌ରେ ଥିଲେ ଅଧିକାଂଶ କଲେଜ ପ୍ରଫେସର**

ଅଭିଯୁକ୍ତ ମନୋଜଙ୍କ ଟାର୍ଗେଟ୍‌ରେ ବଡ଼ବଡିଆ ବିଶେଷକରି ଅଧିକାଂଶ କଲେଜ ଲେକ୍‌ଚରର ଓ ପ୍ରଫେସର ରହୁଥିଲେ। କୌଣସି ଏକ ସୁଯୋଗରେ ସେମାନଙ୍କ ସହ ସମ୍ପର୍କ ଯୋଡ଼ିବା ସହ ନିଜ ପରିଚୟ ଓ ଓରିସନ୍ ସଂସ୍ଥା ବିଷୟରେ କହି ବିଶ୍ୱାସଭାଜନ ହେଉଥିଲେ। ଅଳ୍ପ ମୂଲ୍ୟରେ ଭଲ ସ୍ଥାନରେ ଘର ଉପଯୋଗୀ ଜମି କରାଇଦେବାର ରଙ୍ଗିନ୍ ସ୍ୱପ୍ନ ଦେଖାଇ ଲକ୍ଷଲକ୍ଷ ଟଙ୍କା ହାତେଇ ନେଉଥିଲେ। ମନୋଜ ଏହିପରି ଭାବେ ବାଙ୍କୀ କଲେଜର ୬ଜଣ ଲେକ୍‌ଚରର ଓ ପ୍ରଫେସର, ଆର୍‌ଡି ମହିଳା ବିଶ୍ୱବିଦ୍ୟାଳୟର ଜଣେ ମହିଳା ପ୍ରଫେସର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କୁ ଠକିଥିବା ନେଇ ଅଭିଯୋଗ ହୋଇଛି।

**ପୋଲିସ ଜାଲରେ ଫସିଗଲେ ମନୋଜ**

ପୋଲିସ ଆଖିରେ ଧୂଳି ଦେଇ ବାରମ୍ବାର ସ୍ଥାନ ବଦଳାଇ ଲୁଚି ରହୁଥିବାରୁ ମନୋଜଙ୍କୁ ଧରିବା କଷ୍ଟକର ହୋଇପଡୁଥିଲା। ତେଣୁ ଶହୀଦନଗର ଥାନା ପୋଲିସ ଜାଲ ବିଛାଇଥିଲା। ଠକାମିର ଶିକାର ହୋଇଥିବା ଜଣେ ଅଭିଯୋଗକାରୀଙ୍କୁ ଏହି ଅଭିଯାନରେ ସାମିଲ କରାଯାଇଥିଲା। ପୋଲିସର ଯୋଜନା ମୁତାବକ ଅଭିଯୋଗକାରୀ ଜଣକ ମନୋଜଙ୍କ ସହ ଫୋନ୍‌ରେ କଥା ହୋଇ ତାଙ୍କୁ ବୁଝାଇଶୁଝାଇ ଜରୁରୀ ଦେଖା କରିବାକୁ ଆଚାର୍ଯ୍ୟବିହାରସ୍ଥିତ ଏକ ସ୍ଥାନକୁ ଡାକିଥିଲେ। ପୋଲିସର ଏପରି ଚାଲ୍‌କୁ ମନୋଜ ବୁଝି ନ ପାରି ନିର୍ଦ୍ଧାରିତ ସମୟ ଅନୁସାରେ ଉକ୍ତ ସ୍ଥାନରେ ପହଞ୍ଚି ଅଭିଯୋଗକାରୀଙ୍କ ସହ କଥା ହେଉଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଘେରି ରହିଥିବା ପୋଲିସ ତାଙ୍କୁ କାବୁ କରିଥିଲା।



ଉଦୟଗିରିରେ ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିବାବେଳେ ଯୁବତୀମାନେ ସେଲ୍‌ଫି ଉଠାଇ ମଜା ନେଉଛନ୍ତି।

# ଆକାଶଙ୍କୁ ମୁହାଁମୁହିଁ ଜେରା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

**ସ୍କାଏ କିଙ୍ଗ୍ ସଂସ୍ଥାକୁ ଠକେଇ ମାମଲା**

ଟ୍ରାଭେଲ୍ସ ଏଜେନ୍ସି ସ୍କାଏ କିଙ୍ଗ୍‌କୁ ଠକେଇ ମାମଲାରେ କମିଶନରେଟ ପୋଲିସ ଆଇଏଫ୍‌ଏସ୍ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି। ଶୁକ୍ରବାର ରିମାଣ୍ଡର ଦ୍ୱିତୀୟ ଦିନରେ ସଂସ୍ଥାର ଜଣେ ଅଧିକାରୀଙ୍କ ଉପସ୍ଥିତିରେ ଆକାଶଙ୍କୁ ମୁହାଁମୁହିଁ ଜେରା କରାଯାଇଛି। ଏଥିସହ ସଂସ୍ଥା ସହ ହୋଇଥିବା ବହୁକୋଟିର କାରବାର ସଂକ୍ରାନ୍ତ ବ୍ୟାଙ୍କ କାଗଜପତ୍ର ଯାଞ୍ଚ ଆରମ୍ଭ କରିଛି କମିଶନରେଟ ପୋଲିସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଭୟକାନ୍ତଙ୍କ ସହ ଟାଟା ମୋଟର୍ସ ନାଁରେ ଚାକିରି ଜାଲିଆତି ଓ ବହୁ କୋଟି ଠକେଇ ଅଭିଯୋଗରେ ତାଙ୍କ ପୁଅ ଆକାଶଙ୍କୁ ଗିରଫ କରାଯାଇଥିଲା। ଏହାପରେ ଭୁବନେଶ୍ୱରର ସ୍କାଏ କିଙ୍ଗ୍ ଟ୍ରାଭେଲ ଏଜେନ୍ସି ସେମାନଙ୍କ ବିରୋଧରେ ଖାରବେଳନଗର ଥାନାରେ ଠକେଇ ଅଭିଯୋଗ ଆଣିଥିଲେ। ଉଭୟ ବାପପୁଅ ଚାର୍ଟର ଫ୍ଲାଇଟ୍‌ରେ ରାଜ୍ୟ ବାହାରକୁ ବାରମ୍ବାର ଯିବାଆସିବା କରିବା ସହ ପଞ୍ଚତାରକା ହୋଟେଲରେ ରହିଥିଲେ। ତେବେ ସ୍କାଲ କିଙ୍ଗ୍ ସଂସ୍ଥା ଦ୍ୱାରା ଆକାଶ ଏସବୁ ବୁକିଂ କରିଥିଲେ। ମୋଟ ୨କୋଟି ୭୮ ଲକ୍ଷ ୩୯ ହଜାର ୮୭ ଟଙ୍କା ବିଲ୍ ହୋଇଥିବାବେଳେ ଆକାଶ ୬୫ଲକ୍ଷ ୧୬ ହଜାର ୨୩୩ ଟଙ୍କା ବାକି ରଖି ସମୟ ଗଡ଼ାଉଥିବା ନେଇ ସଂସ୍ଥାର ମ୍ୟାନେଜିଂ ପାର୍ଟନର ପ୍ରଭାସ କୁମାର ଚୌଧୁରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୧୩/୨୦ରେ ମାମଲା ରୁଜୁ କରିବା ସହ ଖାରବେଳ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ସ୍କାଏ କିଙ୍ଗ ସଂସ୍ଥାକୁ ଯାଇ ଏ ସଂକ୍ରାନ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଆକାଶ ଟାଟା ମୋଟର୍ସର ଏମ୍‌ଡି ପରିଚୟପତ୍ର ଦେଇ ଏସବୁ କାରବାର କରୁଥିଲେ। ତେବେ ଜେରାବେଳେ ଏ ସଂକ୍ରାନ୍ତରେ ପୋଲିସ ଆବଶ୍ୟକ ପ୍ରମାଣ ଯୋଗାଡ଼ କରିଥିବା ସୂଚନା ମିଳିଛି।

**ଖୋଲିଲା ଜନଜାତି ସଂଗ୍ରହାଳୟ**



କରୋନା ପାଇଁ ବନ୍ଦ ରହିଥିବା ଭୁବନେଶ୍ୱର ସିଆର୍‌ପି ଛକ ନିକଟ ରାଜ୍ୟ ଜନଜାତି ସଂଗ୍ରହାଳୟ ଶୁକ୍ରବାର ଖୋଲିବା ପରେ ଦର୍ଶକମାନେ କଳାକୃତି ବୁଲି ଦେଖୁଛନ୍ତି।

# ହାଇକୋର୍ଟରୁ ବଦଳି ହେଲେ ୮ କର୍ମଚାରୀ

କଟକ ଅଫିସ, ୧୮।୧୨

ଓଡ଼ିଶା ହାଇକୋର୍ଟର ୮ଜଣ କର୍ମଚାରୀଙ୍କୁ ଶୁକ୍ରବାର ବଦଳି କରାଯାଇଛି। ଏମାନଙ୍କୁ ରାଜ୍ୟର ବିଭିନ୍ନ କୋର୍ଟରେ ଅବସ୍ଥାପିତ କରାଯିବ। ଏ ନେଇ ପ୍ରଶାସନିକ ରେଜିଷ୍ଟ୍ରାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୋପାଳ ଚନ୍ଦ୍ର ବେହେରାଙ୍କୁ ଡିଷ୍ଟ୍ରିକ୍ଟ ସେସନ୍ସ ଜଜ୍ କେନ୍ଦ୍ରାପଡ଼ା, ମାନସ ରଞ୍ଜନ ବାରିକଙ୍କୁ ସ୍ପେଶାଲ ଜଜ୍ ସିବିଆଇ କୋର୍ଟ-୧ ଭୁବନେଶ୍ୱର, ବାସୁଦେବ ପଣ୍ଡାଙ୍କୁ ସ୍ପେଶାଲ ଜଜ୍ ସିବିଆଇ କୋର୍ଟ-୨ ଭୁବନେଶ୍ୱର, ଶ୍ରୀକାନ୍ତ ମିଶ୍ରଙ୍କୁ ଡିଷ୍ଟ୍ରିକ୍ଟ ସେସନ୍ସ ଜଜ୍ ଯାଜପୁର, ପ୍ରତିମା ପଣ୍ଡାଙ୍କୁ ଡିଷ୍ଟ୍ରିକ୍ଟ ସେସନ୍ସ ଜଜ୍ ବୌଦ୍ଧ, ସଞ୍ଜୟ କୁମାର ସାହୁଙ୍କୁ ଡିଷ୍ଟ୍ରିକ୍ଟ ସେସନ୍ସ ଜଜ୍ ବରଗଡ, ହେମନ୍ତ କୁମାର ସେଠୀଙ୍କୁ ଏଡିଜେ ପାରଳାଖେମୁଣ୍ଡି ଓ ଅରୁଣ କୁମାର ସାହୁଙ୍କ ଏଡିଜେ ଭଞ୍ଜନଗରରେ ଅବସ୍ଥାପିତ ହେବେ।

# ପ୍ରତି ସୋମବାର ଚାଷୀଙ୍କ ସମସ୍ୟା ବୁଝିବେ କୃଷି କର୍ମୀ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

**■ଗ୍ରାମ୍ୟ କୃଷିକର୍ମୀଙ୍କ ଦକ୍ଷତା ବିକାଶ ବୈଠକ**

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ରାଜ୍ୟ ଗତ ୨୦ ବର୍ଷରେ ଅନେକ ସଫଳତା ହାସଲ କରିଛି। ଆଗକୁ କୃଷି ଉତ୍ପାଦନ ଅଧିକ ବୃଦ୍ଧି ଲାଗି ଭରପୂର ସମ୍ଭାବନା ରହିଛି। ରାଜ୍ୟ ସରକାର କୃଷିକୁ ପ୍ରାଥମିକତା ପ୍ରଦାନ କରି କୃଷକଙ୍କ ଆୟ ବହୁଗୁଣିତ କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର କରି ଉତ୍ପାଦନ ଖର୍ଚ୍ଚ କମାଇହେବ। ବିଭିନ୍ନ ଯୋଜନାର ଠିକ୍ କାର୍ଯ୍ୟାନ୍ୱୟନ ଦିଗରେ ତୃଣମୂଳସ୍ତରରେ କାର୍ଯ୍ୟକରୁଥିବା ଗ୍ରାମ୍ୟ କୃଷିକର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଶୁକ୍ରବାର ଉତ୍ତରାଞ୍ଚଳ ରାଜସ୍ୱ ଜୋନ୍ ଅନ୍ତର୍ଗତ ଜିଲାଗୁଡ଼ିକରେ କାର୍ଯ୍ୟରତ ଗ୍ରାମ୍ୟ କୃଷିକର୍ମୀଙ୍କ ଦକ୍ଷତା ବିକାଶ ନିମନ୍ତେ ଆୟୋଜିତ ଭର୍ଚୁଆଲ୍ ବୈଠକରେ ମନ୍ତ୍ରୀ ସାହୁ କହିଛନ୍ତି, ପ୍ରତ୍ୟେକ ସୋମବାର ଗ୍ରାମପଞ୍ଚାୟତ ସ୍ତରରେ ଅନୁଷ୍ଠିତ ବୈଠକରେ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଗ୍ରାମ୍ୟ କୃଷିକର୍ମୀମାନେ ତତ୍ପରତା ପ୍ରକାଶ କରନ୍ତୁ। ଫସଲରେ ରୋଗପୋକ ଲାଗିଲେ ତୁରନ୍ତ କୀଟଦମନ ନିମନ୍ତେ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦିଅନ୍ତୁ। ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ଲାଗି ହିତାଧିକାରୀଙ୍କ ଚୟନ ସମୟରେ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେଥିଲାଗି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବିଭାଗୀୟ ସଚିବ ସୌରଭ ଗର୍ଗ କହିଛନ୍ତି, ଗ୍ରାମ୍ୟ କୃଷିକର୍ମୀ ମାସର ପ୍ରଥମ ଓ ତୃତୀୟ ଶନିବାର ବ୍ଲକ୍‌ସ୍ତରୀୟ ବୈଠକରେ ଅଧିକାରୀଙ୍କ ସହ ଆଲୋଚନା କରି ଚାଷୀ ସମସ୍ୟାର ସମାଧାନ କରନ୍ତୁ। କୃଷକଙ୍କ ଏକ ନିର୍ଭୁଲ୍ ଡାଟାବେସ୍ ପ୍ରସ୍ତୁତ ଦିଗରେ ଗର୍ଗ ଗୁରୁତ୍ୱ ଦେଇଛନ୍ତି।

# ଛାତ୍ରଙ୍କ ମୁହଁକୁ କେମିକାଲ ସ୍ପ୍ରେ କରି ଲୁଟ୍

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଭୁବନେଶ୍ୱରରେ ଜଣେ ଛାତ୍ରଙ୍କ ଆଖି ଓ ମୁହଁକୁ କେମିକାଲ ସ୍ପ୍ରେ କରି ଦୁର୍ବୃତ୍ତମାନେ ମୋବାଇଲ୍ ଫୋନ୍ ଲୁଟି ନେଇଛନ୍ତି। ଲୁଟ୍ ପରେ ତାଙ୍କୁ ଏଜି ଛକ ନିକଟ ନେହେରୁ କ୍ଲବ୍ ନିକଟରେ ଅଚେତ ଅବସ୍ଥାରେ ଫିଙ୍ଗି ପକାଇଛନ୍ତି। ୨ ଘଣ୍ଟା ପରେ ଛାତ୍ରଙ୍କ ଚେତା ଫେରିବାରୁ ଅନ୍ୟ କେତେଜଣଙ୍କ ସହାୟତାରେ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ଆହତ ଛାତ୍ରଜଣକ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୬ ଅଞ୍ଚଳର ପୀୟୁଷ କୁମାର ପାତ୍ର(୧୯)। ଯୁକ୍ତ ତିନିରେ ପଢୁଥିବା ପୀୟୁଷ ଶୁକ୍ରବାର ସନ୍ଧ୍ୟାରେ ସାଇକେଲରେ ଗଙ୍ଗନଗରରୁ ଜଗନ୍ନାଥବିହାର ଅଭିମୁଖେ ଯାଉଥିଲେ। ବିବେକାନନ୍ଦ ହସ୍ପିଟାଲ ସମ୍ମୁଖରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ଆଖିକୁ କେମିକାଲ ସ୍ପ୍ରେ' ମାରିଥିଲେ। କିଛି ଦେଖା ନ ଯିବାରୁ ସେ ସାଇକେଲ ସହ ତଳେ ପଡିଯାଇଥିଲେ। ଏହାପରେ ଲୁଟେରାମାନେ ତାଙ୍କ ପକେଟ୍‌ରୁ ମୋବାଇଲ୍ ଫୋନ କାଢ଼ି ନେଇଥିଲେ। ଏଥିସହ ଦୁଇଜଣ ଲୁଟେରା ତାଙ୍କୁ ବାଇକ୍‌ରେ ଉଠାଇ ନେଇଥିଲେ। ଏହାପରେ ତାଙ୍କର ଆଉ କିଛି ମନେ ନ ଥିବା ପୀୟୁଷ କହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ୬ କୋଟି ଟଙ୍କାର ନୂତନ ଡ୍ରେନ ଶିଳାନ୍ୟାସ

ଭୁବନେଶ୍ୱର,୧୮।୧୨

ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୪୧ର ଶ୍ରୀୟାଛକସ୍ଥିତ ଗୁରୁଦ୍ୱାରଠାରୁ ମାଳିସାହି କଲଭର୍ଟ ଏବଂ ରେଲୱେ ସାଇଡ୍ ଲେପର୍ସ କଲୋନୀ ପର୍ଯ୍ୟନ୍ତ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ଏକ ନୂତନ ଡ୍ରେନର ଶିଳାନ୍ୟାସ କରାଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ଏହି ଡ୍ରେନ କାର୍ଯ୍ୟର ଶୁଭ ଦେଇଥିଲେ। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବର୍ଷା ପାଣି ସହ ଆବର୍ଜନା ନିଷ୍କାସନରେ ଆଉ ସମସ୍ୟା ରହିବ ନାହିଁ ବୋଲି ବିଧାୟକ କହିଥିଲେ। ଏହି ଅବସରରେ ଯୁବ ନେତା ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୂପକାର, ନବକିଶୋର ବେହେରା, ରବୀନ୍ଦ୍ର ଛୋଟରାୟ, ମୀରା ପରିଡ଼ା, ମମତା ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଓ ବିଭିନ୍ନ ସାହିର ମୁରବିମାନେ ଉପସ୍ଥିତ ଥିଲେ।

# ୪ ଅଭିଯୁକ୍ତଙ୍କ ଜାମିନ ଖାରଜ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

**ଇନ୍‌ଫୋସିଟି ନାବାଳିକା ଗଣବଳାତ୍କାର ମାମଲା**

ଇନ୍‌ଫୋସିଟି ନାବାଳିକା ଗଣବଳାତ୍କାର ମାମଲାରେ ଗିରଫ ହୋଇଥିବା ଓଟିଭିର ଦୁଇଜଣ କର୍ମଚାରୀଙ୍କ ସମେତ ୪ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଶୁକ୍ରବାର ଅତିରିକ୍ତ ଦୌରାଜଜ୍-୪ ତଥା ପୋକ୍‌ସୋ ଅଦାଲତ ସେମାନଙ୍କ ଜାମିନ ନାମଞ୍ଜୁର କରିଦେଇଛନ୍ତି। ଏହା ଏକ ସମ୍ବେଦନଶୀଳ ମାମଲା। ଗିରଫ ଅଭିଯୁକ୍ତମାନେ ପୀଡ଼ିତାଙ୍କ ପରିବାରକୁ ପ୍ରଭାବିତ କରିବାର ସମ୍ଭାବନା ରହିଥିବାରୁ ସେମାନଙ୍କୁ ଜାମିନ ପ୍ରଦାନ କରି ହେବନାହିଁ ବୋଲି ବିଚାରପତି ସତ୍ୟରଞ୍ଜନ ପ୍ରଧାନ ତାଙ୍କ ରାୟରେ ଦର୍ଶାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁବ୍ରତ ପ୍ରିୟଦର୍ଶୀ ଏହି ମାମଲାକୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଲକ୍‌ଡାଉନ ସମୟରେ ନାବାଳିକାଙ୍କୁ ଏକାଧିକଥର ଗଣବଳାତ୍କାର କରାଯାଇଥିବା ନେଇ ଇନ୍‌ଫୋସିଟି ଥାନାରେ ତାଙ୍କ ମା' ଅଭିଯୋଗ କରିଥିଲେ। ଏକ ଗଣମାଧ୍ୟମ ସଂସ୍ଥାର ୨ଜଣ କର୍ମଚାରୀ, ୨ ସିକ୍ୟୁରିଟି ଗାର୍ଡ ଓ ତିନିଜଣ ପୋଲିସ କର୍ମଚାରୀ ସମ୍ପୃକ୍ତ ଥିବା ନେଇ ଏତଲାରେ ଉଲ୍ଲେଖ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ସୋମବାର ଅଭିଯୁକ୍ତ ଅନିରୁଦ୍ଧ ପଣ୍ଡା, କୃଷ୍ଣଚନ୍ଦ୍ର ବେହେରା, ବିଜୟ ରାଉତ ଓ ଶ୍ରୀବତ୍ସ ସାମଲଙ୍କୁ ଗିରଫ କରିଥିଲା।



ପିପିଲି ବାଇପାସ୍ ରାସ୍ତା ପାର୍ଶ୍ୱରେ ଅସ୍ତମିତ ସୂର୍ଯ୍ୟଙ୍କ ଲାଲ୍ କିରଣରେ ଝଟକୁଥିବା କାଶତଣ୍ଡି ଫୁଲ।



ଭୁବନେଶ୍ୱର ଉପକଣ୍ଠ ହଂସପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ତୃତୀୟ ଶ୍ରେଣୀ ସ୍କଲାରଶିପ୍ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ହାତକୁ ସାନିଟାଇଜର ସ୍ପ୍ରେ କରାଯାଉଛି।

# ଜୈବିକ କୃଷି ପାଇଁ ସବୁଜ ସାର ଉତ୍ପାଦନ ବୃଦ୍ଧି ଆବଶ୍ୟକ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

କୃଷକଙ୍କ ଆୟକୁ ୨୦୨୨ ସୁଦ୍ଧା ଦ୍ୱିଗୁଣିତ କରିବାରେ ଜୈବିକ କୃଷିର ପ୍ରମୁଖ ଭୂମିକା ରହିଛି। ତେଣୁ ଜୈବିକ କୃଷିରେ ବ୍ୟବହୃତ ଖତ ବା ସବୁଜ ସାର ଆଦିର ଉତ୍ପାଦନ ସର୍ବପ୍ରଥମେ ବୃଦ୍ଧି ପାଇବା ଆବଶ୍ୟକ। ଏହା ବ୍ୟତୀତ ଅଣଧାନ ଫସଲ ଚାଷ ଓ ଜୈବିକ ଉପାୟରେ ଏହାର ଉତ୍ପାଦନ ବୃଦ୍ଧି ନିମନ୍ତେ ସବୁ ସ୍ତରରେ ଉଦ୍ୟମ ହେବା ଜରୁରୀ ବୋଲି ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର କହିଛନ୍ତି। ଶୁକ୍ରବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଏବଂ ସାମାଜିକ ସଙ୍ଗଠନ 'ଅନନ୍ୟା' ପକ୍ଷରୁ ଜୈବିକ କୃଷି ସମ୍ବନ୍ଧୀୟ ଆଲୋଚନାଚକ୍ରରେ କୃଷକ ଓ ବୈଜ୍ଞାନିକଙ୍କୁ ସମ୍ବୋଧିତ କରି ଡ. ମହାପାତ୍ର ଏହା କହିଥିଲେ। କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀପାଳନ ତଥା ଦୁଗ୍ଧ ଉତ୍ପାଦନ ବିଭାଗ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶୀୟ ପଦ୍ଧତିରେ ଜୈବିକ ଚାଷ କରିବା ନିମନ୍ତେ ଆହ୍ୱାନ ଦେବା ସହିତ ଉତ୍ପାଦର ବିକ୍ରିବଟା ଉପରେ ଗୁରୁତ୍ୱାରୋପ କରିଥିଲେ। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ବୃଷ୍ଟିପୁଷ୍ଟ ଅଞ୍ଚଳ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଶୋକ ଦଲୱାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ନିମନ୍ତେ ଆବଶ୍ୟକ ଜୈବିକ କୃଷି ଜ୍ଞାନ କୌଶଳ ବିକଶିତ କରି ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ବୈଜ୍ଞାନିକଙ୍କୁ ପରାମର୍ଶ ଦେଇଥିଲେ। ଓୟୁଏଟି କୁଳପତି ଡ. ପଓନ କୁମାର ଅଗ୍ରୱାଲ ପୌରୋହିତ୍ୟ କରି ଓଡ଼ିଶାରେ ଜୈବିକ କୃଷିର ପ୍ରସାର ନିମନ୍ତେ ଓୟୁଏଟିର କାର୍ଯ୍ୟଧାରା ଉପରେ କହିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା କୃଷିବିଜ୍ଞାନ କେନ୍ଦ୍ର ଜରିଆରେ କୃଷକମାନେ ଭର୍ଚୁଆଲ ମାଧ୍ୟମରେ ଏହି ଆଲୋଚନାଚକ୍ରରେ ଯୋଡ଼ି ହୋଇଥିଲେ। କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର, କେନ୍ଦ୍ରୀୟ କୃଷି ମହିଳା ସଂସ୍ଥାନ ଓ କେନ୍ଦ୍ରୀୟ ଜୈବିକ କୃଷି ସଂସ୍ଥାର ରାଜ୍ୟ ଶାଖା ବୈଜ୍ଞାନିକମାନେ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। 'ଅନନ୍ୟା'ର କାର୍ଯ୍ୟ ନିର୍ବାହୀ ସମ୍ପାଦକ ସୁକାନ୍ତ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଏବଂ ଓୟୁଏଟିର ଯୋଜନା, ତଦାରଖ ଓ ମୂଲ୍ୟାୟନ ବିଭାଗର ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ପାତ୍ର ଧନ୍ୟବାଦ ଦେଇଥିଲେ।

## ଯୁବତୀଙ୍କୁ ଉଦ୍ଧାର କଲା ଆନ୍ଧ୍ର ପୋଲିସ

**ବାଲେଶ୍ୱର ଅଫିସ:** ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହେଉଥିବା ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଆନ୍ଧ୍ର ପୋଲିସ ଉଦ୍ଧାର କରିଛି। ଶୁକ୍ରବାର ସ୍ଥାନୀୟ ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ ସହିତ ଆନ୍ଧ୍ର ପୋଲିସ ଉକ୍ତ କାରଖାନାରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିବା ସହ ସେମାନଙ୍କର ପାରିଶ୍ରମିକ ଟଙ୍କା ଦେବାରେ ସହଯୋଗ କରିଛନ୍ତି। ସ୍ୱତନ୍ତ୍ର ଗାଡ଼ିରେ ସେମାନଙ୍କୁ ଓଡ଼ିଶାକୁ ପଠାଇବା ପାଇଁ ଆନ୍ଧ୍ରସରକାର ଯୋଜନା କରୁଛନ୍ତି। ଉକ୍ତ ଯୁବତୀଙ୍କ ସହ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ୩ ଯୁବତୀ ଓ ୫ଜଣ ଯୁବକ ଥିବା ଜଣାପଡ଼ିଛି। ଉକ୍ତ ଯୁବତୀମାନେ ଆନ୍ଧ୍ରପ୍ରଦେଶର କଡ଼ପା ଜିଲା ଏନ୍‌ଏସ୍‌ଏଲ୍ ଡିଜିଟାଲ କଟନ ମିଲ୍‌ରେ କାମ କରିବାକୁ ଯାଇଥିଲେ।

### ସଂକ୍ଷେପରେ

## ଆଇଟିଡିଏ ଯନ୍ତ୍ରୀ ପ୍ରମୋଦ ପ୍ରଧାନ ଗିରଫ



**ନବରଙ୍ଗପୁର,୧୮।୧୨(ବି.ପ୍ର.):** ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ର ଅଫିସ ଗାଡିରେ ଟଙ୍କା ନେଇ ଅଟକ ଥିବା ୩ଜଣ ଯନ୍ତ୍ରୀଙ୍କ ମଧ୍ୟରୁ ଶୁକ୍ରବାର ପ୍ରମୋଦ କୁମାର ପ୍ରଧାନଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୩ ଲକ୍ଷ ୯ ହଜାର ୪ଶହ ଟଙ୍କା ଜବତ କରାଯାଇଛି। ଅଟକ ଥିବା ଅନ୍ୟ ୨ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରା ଓ ଶରତ କୁମାର ମାଝିଙ୍କୁ ପଚରାଉଚରା ପରେ ଛଡାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଗୁରୁବାର ଏକ ସରକାରୀ ଗାଡି (ଓଡି-୨୪ଏ-୩୩୨୮) ରେ ଯନ୍ତ୍ରୀ ପ୍ରମୋଦ ପ୍ରଧାନ, ବୈକୁଣ୍ଠ ନାଥ ବେହେରା ଓ ଶରତ କୁମାର ମାଝିଙ୍କୁ ଟଙ୍କା ନେଇ ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ପାପଡାହାଣ୍ଡିଠାରେ ଅଟକାଇ ଥିଲା। ଗାଡି ଯାଞ୍ଚ କରିବାବେଳେ ଭିଜିଲାନ୍ସ ଟିମ୍‌କୁ ଏକ ବ୍ୟାଗରେ ୩ ଲକ୍ଷ ୯ ହଜାର ୪ଶହ ଟଙ୍କା ମିଳିଥିଲା। ଏହାପରେ ଯନ୍ତ୍ରୀମାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ଟଙ୍କା ସବୁ ନିଜର ବୋଲି ଯନ୍ତ୍ରୀ ପ୍ରମୋଦ କୁମାର ଭିଜିଲାନ୍ସ ଅଧିକାରୀଙ୍କୁ କହିଥିଲେ। ଶୁକ୍ରବାର ଭିଜିଲାନ୍ସ ଟିମ୍ ପ୍ରମୋଦଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଥିଲେ। ତେବେ ୨୦ ଦିନ ମଧ୍ୟରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଯାଇ ନ ଥିବା ଜଣାପଡିଥିଲା। ଏତେ ଟଙ୍କା କାହାଠାରୁ ଓ କେଉଁଠିକୁ ନେଉଥିବା ଯନ୍ତ୍ରୀ ପ୍ରଧାନ ଏଯାଏ ସ୍ପଷ୍ଟ କରି ନ ଥିବା ଜୟପୁର ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ର ନାଥ ପାଣିଗ୍ରାହୀ କହିଛନ୍ତି। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ ନଂ.୨୮/୨୦ରେ ମାମଲା ରୁଜୁ କରାଯାଇଛି।

## ୨୩.୫ ଲକ୍ଷ ଠକେଇ, ଅରଟେଲ୍ ନାମରେ ମାମଲା

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ଅର୍‌ଟେଲ କମ୍ୟୁନିକେଶନ ଲିମିଟେଡ୍ ନାଁରେ ବଡ଼ ଧରଣର ଠକେଇ ଅଭିଯୋଗ ହୋଇଛି। ଜଗବନ୍ଧୁ ଟ୍ରାନ୍ସପୋର୍ଟ କମ୍ପାନୀ ମାଲିକ ଅଶ୍ୱିନୀ ତ୍ରିପାଠୀ ଶୁକ୍ରବାର ଅରଟେଲ୍ ବିରୋଧରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ଅରଟେଲ୍ କର୍ତ୍ତୃପକ୍ଷ ଦୀର୍ଘଦିନ ହେବ ଜଗବନ୍ଧୁ ଟ୍ରାନ୍ସପୋର୍ଟ କମ୍ପାନୀର ୨୩ ଲକ୍ଷ ୫୦ହଜାର ବକେୟା ଟଙ୍କା ଦେଉ ନ ଥିବା ଏଥିଲାରେ ଦର୍ଶାଯାଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅର୍‌ଟେଲ ନାମରେ ମାମଲା (ନଂ. ୪୭୦/୨୦) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ୨୦୦୦ ମସିହାରୁ ଅରଟେଲ୍‌ର ଟ୍ରାନ୍ସପୋର୍ଟିଂ ଦାୟିତ୍ୱ ଜଗତପୁରର ଜଗବନ୍ଧୁ ଟ୍ରାନ୍ସପୋର୍ଟ କମ୍ପାନୀ ବୁଝିଆସୁଥିଲା। ୨୦୧୫ରୁ ୨୦୧୭ ଭିତରେ ଟ୍ରାନ୍ସପୋର୍ଟିଂ ବାବଦକୁ ପ୍ରାୟ ୨୩ ଲକ୍ଷ ୫୦ହଜାର ଟଙ୍କା ଅରଟେଲ୍ ବାକି ରଖିଥିଲା। ବକେୟା ଟଙ୍କା ସଂକ୍ରାନ୍ତରେ ଟ୍ରାନ୍ସପୋର୍ଟ କମ୍ପାନୀର ମାଲିକ ଅଶ୍ୱିନୀ ଅର୍‌ଟେଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ସେ ବାରମ୍ବାର ଅରଟେଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଟଙ୍କା ମିଳି ନ ଥିଲା। ଓଲଟି ଜିଓ କମ୍ପାନୀ ଅରଟେଲ୍‌କୁ କିଣିବାର ଅଛି। ସମସ୍ତ ବକେୟା ଅର୍ଥ ଜିଓ ପକ୍ଷରୁ ଜମା କରାଯିବ ବୋଲି କର୍ତ୍ତୃପକ୍ଷ ଆଶ୍ୱାସନା ଦେଉଥିଲେ। ଶେଷରେ ନିରାଶ ହୋଇ ଅଶ୍ୱିନୀ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଏ ସଂକ୍ରାନ୍ତରେ ଅର୍‌ଟେଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି।

## ପିହୁ ଅପହରଣ ଘଟଣାରେ ଜଣେ ଅଟକ

**ବିଞ୍ଝାରପୁର,୧୮।୧୨(ଡି.ଏନ.ଏ.):** ବିଞ୍ଝାରପୁର ଥାନା ମଧୁସୂଦନପୁର ପଞ୍ଚାୟତ ରଥସାହି ଗ୍ରାମର ୨ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ(ପିହୁ)ଙ୍କୁ ଅପହରଣ ଘଟଣାରେ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସମ୍ପର୍କରେ ପୋଲିସ କିଛି ବି ସୂଚନା ଦେଉନାହିଁ କିନ୍ତୁ ପୋଲିସ ଉକ୍ତ ଯୁବକଙ୍କୁ ଉତ୍ତରପ୍ରଦେଶର କାନପୁରରୁ ଉଠାଇ ଆଣିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଯୁବକ ଜଣକ ମଧୁସୂଦନପୁର ଅଞ୍ଚଳର ହୋଇଥିବାବେଳେ ସେ କାନପୁର ସହରରେ ରହୁଛନ୍ତି। ଦୀର୍ଘଦିନ ଅବହେଳା ଯୋଗୁ ଏବେ ପ୍ରବଳ ଚାପରେ ଥିବା ପୋଲିସ ପିହୁକୁ ଖୋଜି ଆଣିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛି।

# ଓଡ଼ିଶା ଭିତରେ ରାସ୍ତା ନିର୍ମାଣ କଲା ଆନ୍ଧ୍ର

## କୋରାପୁଟ ଜିଲା ପ୍ରଶାସନ ନୀରବ

**ପଟ୍ଟାଙ୍ଗୀ,୧୮।୧୨(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ ସମ୍ବାଇ ପଞ୍ଚାୟତର ସୁନାବେଡା ଗ୍ରାମ ସହ ପଡୋଶୀ ଆନ୍ଧ୍ରର ୫ଟି ଗ୍ରାମର ବାସିନ୍ଦାଙ୍କ ମଧ୍ୟରେ ପଟ୍ଟା ଜମି ଏବଂ ଜଙ୍ଗଲ ଜମିକୁ ନେଇ ବିବାଦ ଆରମ୍ଭ ହୋଇଛି। ଏହି ବିବାଦ ଥମି ନ ଥିବା ବେଳେ ଶୁକ୍ରବାର ପୁଣି ଏକ ବିବାଦ ଭିତରକୁ ପଶିଛି ଆନ୍ଧ୍ର। ଆନ୍ଧ୍ରର ଠିକାଦାରମାନେ ରାତି ଅଧିଆ ଓଡ଼ିଶାର ସୀମାନ୍ତରେ ପଶି ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶୁକ୍ରବାର ସକାଳୁ ସୁନାବେଡା ଓ ଜାମୁଗୁଡା ଗ୍ରାମର ଦୁଇଜଣ ଗ୍ରାମବାସୀ ଏହା ଦେଖି କୋରାପୁଟ ଜିଲା ପ୍ରଶାସନକୁ ଜଣାଇଥିଲେ। ଖବର ପାଇ ତହସିଲଦାର ହରିପଦ ମଣ୍ଡଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା , ପୁକାଲି ରାଜସ୍ୱ ନିରୀକ୍ଷକ ଶୋଭା ହରିଜନ ଓ ରାଜସ୍ୱ ସହାୟକ ଭାସ୍କର ଚରଣ ଡାକୁଆ ନିର୍ମାଣ ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଆନ୍ଧ୍ରର ଡେକାପାର ଓ କୋଇଲାପୁଟ ଗ୍ରାମର ଦୁଇ ଜଣ ଗ୍ରାମବାସୀ ଓଡ଼ିଶାର ଘଟଣା ସ୍ଥଳକୁ ଯାଇଥିବା ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗାଳିଗୁଲଜ କରି ସୀମାନ୍ତ ସ୍ଥାନକୁ ପଶିବାକୁ ଦେଇ ନ ଥିଲେ। କୋରାପୁଟ ଜିଲା ପ୍ରଶାସନ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଆନ୍ଧ୍ର ସୀମାନ୍ତ ଗ୍ରାମବାସୀ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ବୋଲି କେତେ ଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି ସମସ୍ୟା ଲାଗି ରହିଲେ ଆମେ ଶେଷରେ ଆନ୍ଧ୍ର ସହ ମିଶିଯିବୁ ବୋଲି କେତେ ଜଣ ଗ୍ରାମବାସୀ କହିଛନ୍ତି। ଏନେଇ ତହସିଲଦାର ମଣ୍ଡଳଙ୍କୁ ପଚାରିବାରୁ ସେ କହିଲେ , ତହସିଲ କାର୍ଯ୍ୟାଳୟରୁ ସୀମାନ୍ତ ସ୍ଥାନକୁ ଗସ୍ତ କରିଥିବା ତିନି ଅଧିକାରୀଙ୍କ ରିପୋର୍ଟକୁ ଭିତ୍ତି କରି ଜିଲା ପ୍ରଶାସନକୁ ଏନେଇ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ସୀମା ଚିହ୍ନଟ ପାଇଁ ଗଠିତ ୧୬ ଜଣିଆ କମିଟିର ମୁଖ୍ୟ ଡେପୁଟି କଲେକ୍ଟର ଅର୍ଚ୍ଚନା ଦାଶଙ୍କୁ ଏ ସମ୍ପର୍କରେ ପଚାରିବା ଲାଗି ଯୋଗାଯୋଗ କରିବାରୁ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ପରିଚୟ ଶୁଣି ଫୋନ କାଟି ଦେଇଥିଲେ।



ଓଡ଼ିଶା ଭିତରେ ପଶି ଆନ୍ଧ୍ର ପକ୍ଷରୁ ତିଆରି କରାଯାଇଥିବା ରାସ୍ତା।

# ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରାଯାଇଥିଲା

**ଧର୍ମଶାଳା,୧୮।୧୨(ଡି.ଏନ.ଏ.)**

**କଲେଜ ଛାତ୍ରୀ ଅପହରଣ ଘଟଣା**
- ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର
- ଜେଲ ଗଲେ ଅଭିଯୁକ୍ତ

ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳରୁ ଅପହରଣ ହୋଇଥିବା କଲେଜ ଛାତ୍ରୀଙ୍କୁ ଗୁରୁବାର ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଥିଲା। ଶୁକ୍ରବାର ପୋଲିସ ଉଭୟଙ୍କ ଡାକ୍ତରୀମାଇନା କରାଇବା ସହ ଅଭିଯୁକ୍ତ ଯୁବକ ଅବଦୁଲ ସେହମତ ଖାଁଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହିତ ଅପହୃତ ଛାତ୍ରୀଙ୍କ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ବୟାନ ରେକର୍ଡ କରାଯାଇଛି। ଛାତ୍ରୀ ଯେଉଁ ବୟାନ ଦେଇଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ଛାତ୍ରୀ ତାଙ୍କ ବୟାନରେ କହିଛନ୍ତି, ତାଙ୍କୁ ବଳପୂର୍ବକ ଅପହରଣ କରାଯାଇଥିଲା ଓ ଧର୍ମ ପରିବର୍ତ୍ତନ କରି ଇସଲାମ ରୀତିନୀତିରେ ବିବାହ କରିବାକୁ ବାଧ୍ୟ କରାଯାଇଥିଲା। ପୁରୀଠାରେ ଏକ ହୋଟେଲରେ ରଖି ତାଙ୍କୁ ମାଡ଼ ମରାଯିବା ସହ ବାରମ୍ବାର ବଳାତ୍କାର କରାଯାଇଥିଲା। ବୟାନ ରେକର୍ଡ ପରେ ଛାତ୍ରୀଙ୍କୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ପରିବାର ଜିମାରେ ଦିଆଯାଇଛି।

ସୂଚନାଯୋଗ୍ୟ, ଛାତ୍ରୀ ଗତ ୫ ତାରିଖରେ ବ୍ୟାସନଗର କଲେଜକୁ ମାଇଗ୍ରେଶନ୍ ସାର୍ଟିଫିକେଟ ଆଣିବାକୁ ଯାଇ ଫେରି ନ ଥିଲେ। ଘର ଲୋକ ଖୋଜି ନିରାଶ ହେବା ପରେ ୬ତାରିଖରେ ଝିଅକୁ ଅପହରଣ କରାଯାଇଥିବା ବାପା ଥାନାରେ ଅଭିଯୋଗ କରିଥିଲେ। ୧୨ତାରିଖରେ ଅପହୃତ ଛାତ୍ରୀ ତାଙ୍କ ମା'ଙ୍କୁ ଅପହରଣକାରୀଙ୍କ କବଳରୁ ଉଦ୍ଧାର ପାଇଁ ଫୋନ ଯୋଗେ ଆକୁଳ ନିବେଦନ କରିଥିଲେ। ଏନେଇ ଏକ ଅଡିଓ ଭାଇରାଲ ହୋଇଥିଲା। ପରେ ପୋଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀ କଟକ ଜଗତପୁରର ପଦ୍ମପୁର ଅଞ୍ଚଳରେ ଥିବାବେଳେ ପୋଲିସ ଚଢ଼ାଉ କରି ସେଠାରୁ ତାଙ୍କୁ ଉଦ୍ଧାର କରିଥିଲା। ତେବେ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଯାଜପୁରରୋଡ୍ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ସୂଚନା ଦେଇଛନ୍ତି।





ସ୍ଥାୟୀ ନିଯୁକ୍ତି ଦାବିରେ କୋଭିଡ୍-୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀମାନେ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଥାଳି ବାଡ଼େଇ ଅଭିନବ ପ୍ରତିବାଦ ଜଣାଉଛନ୍ତି।

## ୩୧ ସୁଦ୍ଧା ଆର୍‌ଟିଓ ଟେଷ୍ଟିଂ ପଏଣ୍ଟରେ ସିସି କ୍ୟାମେରା

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ଡିସେମ୍ବର ଶେଷସୁଦ୍ଧା ରାଜ୍ୟର ୩୮ ଆର୍‌ଟିଓ କାର୍ଯ୍ୟାଳୟର ସମସ୍ତ ଲର୍ନର ଲାଇସେନ୍ସ ଟେଷ୍ଟ ପଏଣ୍ଟରେ ସିସିଟିଭି କ୍ୟାମେରା ଲଗାଯିବ। ଏହାଦ୍ୱାରା ଟେଷ୍ଟିଂରେ ସ୍ୱଚ୍ଛତା ରହିବ। ଏହାଛଡା କଟକଠାରେ ଥିବା ଲର୍ନର ଟେଷ୍ଟିଂ ପଏଣ୍ଟରେ ହେଉଥିବା ଟେଷ୍ଟିଂ ଦେଖିପାରିବେ। କଟକ ଆର୍‌ଟିଓ କାର୍ଯ୍ୟାଳୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଲିଙ୍କ ଏସ୍‌ଟିଏ ୱେବସାଇଟ୍‌ରେ ଉପଲବ୍ଧ ହେବ। ଆଗରୁ ୧୦ଟି ପ୍ରଶ୍ନର ଦେଉଥିବା ପରୀକ୍ଷା ୨୦ଟି ପ୍ରଶ୍ନକୁ ବୃଦ୍ଧି ପାଇଛି। ପରୀକ୍ଷା ବେଳେ କମ୍ପ୍ୟୁଟର ମାଉସ ପରିଚାଳନାରେ ଅସୁବିଧା ଏଡ଼ାଇବାକୁ ମାର୍ଚ୍ଚ ସୁଧା ଟଚ୍ ସ୍କ୍ରିନର ବ୍ୟବସ୍ଥା କରାଯିବ। ଲର୍ନର ଲାଇସେନ୍ସ ଟେଷ୍ଟିଂର ମକ୍ ଟେଷ୍ଟ ଲାଗି ଆର୍‌ଟିଓରେ କିଓସ୍କ ବ୍ୟବସ୍ଥା ରହିବ। ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀ ସାଧାରଣ ଜ୍ଞାନ ବୃଦ୍ଧି ଲାଗି ପରିବହନ ୱେବସାଇଟ ମାଧ୍ୟମରେ ଟ୍ରାଫିକ ରୁଲ୍ ସମ୍ପର୍କରେ ଜାଣିପାରିବେ।

## 'ଶ୍ରେୟାସଙ୍କୁ ପରୀକ୍ଷା ପାଇଁ ଅନୁମତି ଦିଅ'



**କଟକ ଅଫିସ,୧୮।୧୨:** ଜଣେ ଇଞ୍ଜିନିୟରିଂ ଛାତ୍ର ପରୀକ୍ଷା ଦେବା ପାଇଁ ଆଡ୍‌ମିଟ୍ କାର୍ଡ ଇସ୍ୟୁ କରିବା ଲାଗି ରାଜ୍ୟ ବୈଷୟିକ ଶିକ୍ଷା ପରିଷଦ ସେକ୍ରେଟାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଞ୍ଜୁ ପଣ୍ଡା ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏ ସମ୍ପର୍କିତ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଶ୍ରେୟାସ ପଣ୍ଡା କଳାହାଣ୍ଡି ସରକାରୀ ପଲିଟେକ୍‌ନିକ୍ କଲେଜର ସିଭିଲ ଇଞ୍ଜିନିୟରିଂ ଛାତ୍ର। ସେ ୨୦୧୯ରେ ପ୍ରଥମ ସେମିଷ୍ଟର ପରୀକ୍ଷା ଦେଇଥିଲେ। ଇଞ୍ଜିନିୟରିଂ ମେକାନିକ୍ସ ପେପରରେ ତାଙ୍କର ବ୍ୟାକ୍ ଲାଗିଥିଲା। ଉକ୍ତ ପେପର ପରୀକ୍ଷା ଦେବା ପାଇଁ ସେ ୧୧।୧୨।୨୦ରେ ଫର୍ମ ଫିଲ୍‌ଅପ୍ କରିଥିଲେ। ଫର୍ମ ଫିଲଅପ୍‌ର ଶେଷ ତାରିଖ ୧୩।୧୨।୨୦ ବୋଲି ରାଜ୍ୟ ବୈଷୟିକ ଶିକ୍ଷା ପରିଷଦ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ପରୀକ୍ଷା ଦେବା ପାଇଁ ଆଡ୍‌ମିଟ୍ କାର୍ଡ ଏସ୍‌ଏମ୍‌ଏସ୍ କିମ୍ବା ଇ-ମେଲ ଯୋଗେ ପଠାଇବାର ବ୍ୟବସ୍ଥା ରାଜ୍ୟ ବୈଷୟିକ ଶିକ୍ଷା ପରିଷଦ ପକ୍ଷରୁ କରାଯାଇଛି। କିନ୍ତୁ ୧୭ ତାରିଖ ଯାଏ ଶ୍ରେୟାସଙ୍କୁ ଆଡ୍‌ମିଟ୍ କାର୍ଡ ନ ମିଳିବାରୁ ସେ ଉକ୍ତ ଦିନ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଫାଇଲ କରିଥିଲେ। ଅଦାଲତ ଏହାର ଶୁଣାଣି କରି ଶ୍ରେୟାସଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦେବା ପାଇଁ ରାଜ୍ୟ ବୈଷୟିକ ଶିକ୍ଷା ପରିଷଦ ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଶେଷ ପର୍ଯ୍ୟାୟରେ ଟିକାକରଣ ପ୍ରସ୍ତୁତି

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ କମିଯାଇଛି। ଏହି ବିଶ୍ୱ ମହାମାରୀକୁ ପୂରା ହଟାଇବା ପାଇଁ ଭାରତ ସମେତ ବିଭିନ୍ନ ଦେଶରେ ଟିକାର ବିଭିନ୍ନ ପରୀକ୍ଷାନିରୀକ୍ଷା ଜାରି ରହିଛି। ଆସନ୍ତା ଜାନୁୟାରୀରେ ଟିକା ଆସିବାର ଅଛି। ଟିକାକରଣ ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଥିବାବେଳେ ଏହା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟରେ ଟିକାକରଣ ସୁପରିଚାଳନା ପାଇଁ ୩ ଲକ୍ଷ ୨୦ ହଜାର ସ୍ୱାସ୍ଥ୍ୟକର୍ମୀ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କ ଡାଟା 'କୋୱିନ' ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇ ସାରିଛି। ତେବେ ଟିକାକରଣ ପାଇଁ ରାଜ୍ୟରେ ୮,୨୭୬ ଟିକା କର୍ମୀ ନିୟୋଜିତ ହୋଇଥିବାବେଳେ ୨୯, ୨୭୬ ଟିକାକରଣ ସ୍ଥାନ ଚିହ୍ନଟ ହୋଇଛି। ଟିକା ସଂରକ୍ଷଣ ପାଇଁ ୧,୨୨୨ କୋଲ୍ଡ ଚେନ୍ ରହିଛି। ଟିକାକରଣ ପାଇଁ ଷ୍ଟେଟ୍ ଷ୍ଟିୟରିଂ କମିଟି, ଷ୍ଟେଟ୍ ଟାସ୍କ ଫୋର୍ସ କମିଟି, ଜିଲାସ୍ତରୀୟ ଟାସ୍କ ଫୋର୍ସ କମିଟି ଓ ବ୍ଲକସ୍ତରୀୟ ଟାସ୍କ ଫୋର୍ସ କମିଟି ଗଠନ ହୋଇଛି। ବିଭିନ୍ନ ସ୍ତରରେ ପ୍ରତିଦିନ ଟିକାକରଣ ପ୍ରସ୍ତୁତି ନେଇ ସମୀକ୍ଷା ହେଉଛି। ରାଜ୍ୟ ଓ ଜିଲାସ୍ତରୀୟ ଏଇଏଫ୍‌ଆଇ(Adverse events following immunization) କମିଟି ଗଠନ କରାଯାଇଛି। କଟକ ଏସ୍‌ସିବି ମେଡିକାଲକୁ ଏଇଏଫ୍‌ଆଇ ପରିଚାଳନା ପାଇଁ ରାଜ୍ୟ ବୈଷୟିକ ସହଯୋଗ କେନ୍ଦ୍ର କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଆଉ ୩୫୮ ଚିହ୍ନଟ, ୪ ମୃତ**

ଅନ୍ୟପକ୍ଷରେ ରାଜ୍ୟରେ କରୋନା ପରୀକ୍ଷା ୬୫ଲକ୍ଷ ଟପିଛି। ଏଯାବତ୍ ୬୫,୩୬,୨୧୨ ନମୁନା ପରୀକ୍ଷା ହୋଇଥିବା ବେଳେ ୪.୯୮% ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶେଷ ୨୪ ଘଣ୍ଟାରେ ୩୩,୭୬୧ ନମୁନା ପରୀକ୍ଷା ହୋଇଥିଲା। ମାତ୍ର ୩୫୮ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ଅନୁଗୋଳରୁ ସର୍ବାଧିକ ୫୨ଜଣ ରହିଛନ୍ତି। ଏହାକୁ ମିଶାଇ ସଂକ୍ରମିତ ସଂଖ୍ୟା ୩୨,୫,୫୦୫ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଆଉ ୪ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୨୯କୁ ବୃଦ୍ଧି ପାଇଛି। ସେହିଭଳି ଆଉ ୩୬୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୩,୨୦,୯୪୭ ଛୁଇଁଛି। ବର୍ତ୍ତମାନ ରାଜ୍ୟରେ ୨,୬୭୬ ସକ୍ରିୟ ରୋଗୀ ରହିଛନ୍ତି।

## ରେଳଧାରଣାରୁ ୨ଯୁବକଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ, ୧୮।୧୨:** ପାନପୋଷ ରେଳଷ୍ଟେଶନ ନିକଟ ବ୍ରାହ୍ମଣୀ ନଦୀ ପୋଲ ରେଳଧାରଣା ଉପରୁ ଶୁକ୍ରବାର ୨ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ଟ୍ରେନ୍ ଧକ୍କାରେ ଏମାନଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ରେଲୱେ ଏସ୍‌ପି ତ୍ରିନାଥ ପଟେଲ କହିଛନ୍ତି, ଶୁକ୍ରବାର ସକାଳ ପ୍ରାୟ ୭ଟାବେଳେ ଅହମ୍ମଦାବାଦ-ହାୱଡା ଏକ୍ସପ୍ରେସ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲ ଦେଇ ବେଦବ୍ୟାସ ପଟୁ ଆସୁଥିବାବେଳେ ଏକ୍ସପ୍ରେସ ଧକ୍କା ଦେଇଥିବା ସନ୍ଦେହ କରାଯାଉଛି।

## ପରୀ ମୃତ୍ୟୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ: ପୋଲିସ

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

- ଏସ୍‌ଆଇଟି ତଦନ୍ତ ବାଟବଣା ହେବାକୁ ଦିଆ ନ ଯାଉ
- ତଦନ୍ତକୁ ଖୋଦ୍ ହାଇକୋର୍ଟ ମନିଟରିଂ କରୁଛନ୍ତି

ନୟାଗଡ଼ ଯଦୁପୁରର ଶିଶୁକନ୍ୟା ପରୀ ମୃତ୍ୟୁର ତଦନ୍ତ କ୍ରାଇମବ୍ରାଞ୍ଚର ଏସ୍‌ଆଇଟି ଟିମ କରୁଛି। ତଦନ୍ତରେ ସମ୍ପୃକ୍ତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି। ହେଲେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଏସ୍‌ଆଇଟି ତଦନ୍ତ ଉପରେ ପ୍ରଶ୍ନ ଉଠାଇବା ସହ ବାଟବଣା କରିବାକୁ ଚେଷ୍ଟା ଚଳାଇଛନ୍ତି। ସମ୍ପୃକ୍ତ ବ୍ୟକ୍ତଙ୍କୁ କେତେକ ଗଣମାଧ୍ୟମ ଉତ୍ସାହିତ କରୁଥିବାରୁ ତଦନ୍ତକାରୀ ଅଧିକାରୀମାନେ ହତୋତ୍ସାହିତ ହେଉଛନ୍ତି। ଏପରି କରିବା ଦ୍ୱାରା ତଦନ୍ତ ବାଟବଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରି ନ କରି ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବାକ ଓଡ଼ିଶା ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ସମେତ ଗଣମାଧ୍ୟମକୁ ଅନୁରୋଧ କରିଛି। ଶୁକ୍ରବାର ଓଡ଼ିଶା ପୋଲିସ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ପରୀ ମାମଲାରେ ଏସ୍‌ଆଇଟି ପ୍ରମାଣ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଛି। ଏକାଧିକ ଲୋକଙ୍କୁ ପଚରାଉଚରା କରିବା ସହ ଅନେକ ତଥ୍ୟ ପ୍ରମାଣ ମଧ୍ୟ ଯୋଗାଡ଼ କରିଛି। ଫଳରେ ମାମଲାର ତଦନ୍ତରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଅଧିକାରୀମାନେ ସତ୍ୟ ଉନ୍ମୋଚନ ପାଇଁ ଏକାଗ୍ରତାର ସହ କାମରେ ଲାଗିଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ମାମଲାର ଅଗ୍ରଗତି ତଥା ଏସ୍‌ଆଇଟି ତଦନ୍ତକୁ ଖୋଦ୍ ହାଇକୋର୍ଟ ମନିଟର କରୁଛନ୍ତି। ନିୟମିତ ବ୍ୟବଧାନରେ ଏସ୍‌ଆଇଟି କୋର୍ଟରେ ରିପୋର୍ଟ ମଧ୍ୟ ଦାଖଲ କରୁଛି। ଏଣୁ ତଦନ୍ତ ଚାଲିଥିବାବେଳେ ତଦନ୍ତକୁ ପ୍ରଭାବିତ କରିବା ଭଳି କୌଣସି କାର୍ଯ୍ୟକୁ ପ୍ରୋତ୍ସାହନ ନ ଦେବାକୁ ପୋଲିସ ଅନୁରୋଧ କରିଛି। ତଦନ୍ତରେ କୌଣସି ଦିଗକୁ ଏସ୍‌ଆଇଟି ଛାଡ଼ିବ ନାହିଁ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ଆଶ୍ୱାସନା ଦିଆଯାଇଛି।

## ଔପଦା ମହାବିଦ୍ୟାଳୟରେ ଭିଜିଲାନ୍ସ



ଔପଦା ମହାବିଦ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ।

**ବାଲେଶ୍ୱର ଅଫିସ, ୧୮।୧୨**

ବାଲେଶ୍ୱର ଜିଲା ଔପଦା ଯୁକ୍ତ ୨ କଲେଜରେ ଅର୍ଥ ହେରଫେର ନେଇ ଅଭିଯୋଗ ହେବା ପରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଚେକବୁକ୍ ଓ କ୍ୟାଶବୁକ୍ ଜବତ କରାଯାଇଛି। ଉପଜିଲାପାଳ ତଥା ଔପଦା ଯୁକ୍ତ ୨ କଲେଜ ସଭାପତି ହରିଶ୍ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅଧ୍ୟକ୍ଷ ନିତ୍ୟାନନ୍ଦ ଦାସଙ୍କୁ ନିଲମ୍ବନ କରାଯାଇ ବ୍ରଜକିଶୋର ପାଲଙ୍କୁ ଅସ୍ଥାୟୀ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି।

ଚଢାଉ ବେଳେ ଭିଜିଲାନ୍ସ ଅଧ୍ୟକ୍ଷ ନିତ୍ୟାନନ୍ଦ ଦାସଙ୍କୁ ଜେରା କରିଥିଲେ।

**ନିଲମ୍ବିତ ହେଲେ ଅଧ୍ୟକ୍ଷ**

ଅଧ୍ୟକ୍ଷ ଦାସ କେଉଁ ପରିସ୍ଥିତିରେ କ୍ୟାଶବୁକ୍ ଏବଂ ଚେକବୁକ୍ ମହାବିଦ୍ୟାଳୟ କୋଷାଧ୍ୟକ୍ଷଙ୍କଠାରୁ ନେଇଥିଲେ ସେ ନେଇ ଏକ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି। ତେବେ ଅଧ୍ୟକ୍ଷ ଦାସ କ୍ୟାଶବୁକ୍ ନେଇ ନିଜ ଘରେ ରଖିଥିବା କଥା କହୁଥିବା ବେଳେ ପୁଣି ଅନ୍ୟ ଏକ ଜାଗାରେ ରଖିଥିବା କହିଥିଲେ। ତାଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ରାଉତରା ଅଧ୍ୟକ୍ଷ ଦାସଙ୍କୁ ନେଇ କ୍ୟାଶବୁକ୍ ଜବତ କରିଛନ୍ତି।

# ସ୍ୱାତୀଙ୍କ ଗାଁରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା

**ନୟାଗଡ଼ ଅଫିସ,୧୮।୧୨**

ଗାଁ ଦାଣ୍ଡରୁ ଅପହରଣ ପରେ ପରୀ ଓ ସ୍ୱାତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ୨ ଘଟଣା ପରେ ଶିଶୁଙ୍କ ସୁରକ୍ଷା ଚାଲେଞ୍ଜ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ୱାତୀଙ୍କ ନୟାଗଡ଼ ଜିଲା ରଣପୁର ବ୍ଲକ ବଧିପାଟଣା ଗାଁରେ ଶୁକ୍ରବାର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କ ନେତୃତ୍ୱରେ ୨ଜଣିଆ ଟିମ୍ ଗସ୍ତ କରିଥିଲେ। ଏହି ଟମ୍ ସ୍ୱାତୀଙ୍କ ମୃତଦେହ ଉଦ୍ଧାର ସ୍ଥାନ ଦେଖିବା ସହ ଗାଁର କେତେଜଣ ଲୋକଙ୍କ ସହ ତାଙ୍କ ମା'ବାପାଙ୍କୁ ପଚରାଉଚୁରା କରିଥିଲେ। ଏ ନେଇ ଆୟୋଗର ଅଧ୍ୟକ୍ଷା କହିଛନ୍ତି, ଆମେ ସ୍ୱାତୀର ପରିବାର ସଦସ୍ୟଙ୍କୁ ଭେଟିଲୁ। ରଣପୁର ଆଇଆଇସି, ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ସ୍ୱାତୀ ସମ୍ପର୍କରେ ଆଲୋଚନା କରିଛୁ। ଠିକ୍ ତଦନ୍ତ ରିପୋର୍ଟ ସଂଗ୍ରହ କରାଯାଇ ମୃତ୍ୟୁର କାରଣ ଖୁବ୍ ଶୀଘ୍ର ଉନ୍ମୋଚନ ହେବ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଫରେନ୍‌ସିକ୍ ଲାବୋରଟାରୀ ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଛି। ଯଦି ପାଣିରେ ବୁଡି ସ୍ୱାତୀଙ୍କ ମୃତ୍ୟୁ ଘଟିଥାଏ ତୁରନ୍ତ ତାଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଦିଆଯିବ। ଏନେଇ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି ବୋଲି ସେ କହିଛନ୍ତି।

**ଚାପ ପ୍ରୟୋଗ କଲେ ତଦନ୍ତରେ ସ୍ୱଚ୍ଛତା ରହିବନି**

ଆୟୋଗର ଅଧ୍ୟକ୍ଷା ପ୍ରଧାନ ଶୁକ୍ରବାର ନୟାଗଡ ସର୍କିଟ ହାଉସରେ ସ୍ୱାତୀ ଓ ପରୀ ଘଟଣାରେ ଗଣମାଧ୍ୟମର ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି, ପରୀକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ ଥିଲା। ବଳାତ୍କାର ପରି ଅନୁମାନ କରାଯାଉଥିଲା। କାରଣ ବଳାତ୍କାର ପରେ ପ୍ରମାଣ ଲୁଚାଇବାକୁ ଅପରାଧି ଚେଷ୍ଟା କରିଥାଏ। ୧୨ ବର୍ଷର କମ୍ ପିଲାଙ୍କୁ ବଳାତ୍କାର କଲେ ଦଣ୍ଡର ଭୟାବହତାକୁ ଆଖି ଆଗରେ ରଖି ପରୀ ଘଟଣାରେ ଏପରି କରାଯାଇଥାଇପାରେ। କାରଣ ଅପରାଧି ପରୀର ଶରୀରକୁ ନଷ୍ଟ କରି ଦେଇଛନ୍ତି। ଯେପରି କିଛି ପ୍ରମାଣ ମିଳିବ ନାହିଁ ସେ ଚେଷ୍ଟା କରିଛନ୍ତି । ଅନ୍ୟପକ୍ଷେ ପରୀର ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଦେବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ତଦନ୍ତ ଶେଷ ପରେ ସହାୟତା ମିଳିବ। ଶିଶୁ ନିଖୋଜ, ହତ୍ୟା, ବଳାତ୍କାର ପରି ଘଟଣାରେ ତଦନ୍ତ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ ଦରକାର। ଅଧିକାଂଶ ସମୟରେ ଦୋଷୀ ଖସି ଯାଆନ୍ତି। ଅତ୍ୟଧିକ ଚାପ ପ୍ରୟୋଗ କଲେ ଓ ସମୟ ନ ଦେଲେ ତଦନ୍ତରେ ସ୍ୱଚ୍ଛତା ରହିବନି। ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି ସେ କହିଛନ୍ତି ।



ସ୍ୱାତୀଙ୍କ ପରିବାର ଲୋକଙ୍କ ସହ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଆଲୋଚନା କରୁଛନ୍ତି ।

**କୁନାଲ କାମ୍ରାଙ୍କୁ ସୁପ୍ରିମକୋର୍ଟ ନୋଟିସ**

ଅଦାଲତ ଅବମାନନା ଅଭିଯୋଗରେ ହାସ୍ୟାଭିନେତା କୁନାଲ କାମ୍ରା ଏବଂ ବ୍ୟଙ୍ଗ ଚିତ୍ରକର ରଚିତା ତାନେଜାଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ସେମାନେ ନ୍ୟାୟ ବ୍ୟବସ୍ଥାକୁ ତାଚ୍ଛଲ୍ୟ କରିଥିବା ଅଭିଯୋଗ ହୋଇଥିଲା। ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଶସ୍ତା ଚିକିତ୍ସା ମୌଳିକ ଅଧିକାର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୮।୧୨:** ଶସ୍ତା ସ୍ୱାସ୍ଥ୍ୟସେବା ସୁବିଧା ପାଇବା ଏକ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। କୋଭିଡ୍-୧୯ ବିରୋଧରେ ଲଢ଼େଇ ଏକ 'ବିଶ୍ୱଯୁଦ୍ଧ' ଥିଲା ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଶସ୍ତା ଚିକିତ୍ସା ଯୋଗାଇଦେବା ରାଷ୍ଟ୍ରର ଦାୟିତ୍ୱ ବୋଲି କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ସ୍ୱାସ୍ଥ୍ୟ ଏକ ମୌଳିକ ଅଧିକାର। ଶସ୍ତା ଚିକିତ୍ସା ଏହାର ଅନ୍ତର୍ଭୁକ୍ତ। ଏଥିପାଇଁ ବ୍ୟବସ୍ଥା କରିବା ରାଷ୍ଟ୍ରର ଦାୟିତ୍ୱ ବୋଲି ଜଷ୍ଟିସ୍ ଅଶୋକ ଭୂଷଣ, ଆର୍. ସୁଭାଷ ରେଡ୍ଡୀ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। କରୋନାରେ ପ୍ରାଣ ହରାଉଥିବା ରୋଗୀଙ୍କ ମୃତଦେହକୁ ମର୍ଯ୍ୟାଦାର ସହ ସତ୍କାର କରାଯାଉ ନ ଥିବାବେଳେ ସ୍ୱାସ୍ଥ୍ୟସେବା ସମସ୍ୟାକୁ ନେଇ ଅଦାଲତ ନିଜଆଡୁ ବିଚାର କରି ଏହି ମତ ଦେଇଛନ୍ତି।

### ସ୍ୱେଚ୍ଛାକୃତ ହେବ କୋଭିଡ୍ ଟିକାକରଣ

**ନୂଆଦିଲ୍ଲୀ, ୧୮।୧୨(ପି.ଟି.):** କୋଭିଡ୍ ଟିକାକରଣ ସ୍ୱେଚ୍ଛାକୃତ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତରେ ଦିଆଯିବାକୁ ଥିବା ଟିକା ଅନ୍ୟ ଦେଶରେ ବିକଶିତ ଯେକୌଣସି ଟିକା ଭଳି ଫଳପ୍ରଦ। ଭୂତାଣୁ ଦ୍ୱାରା ଅତୀତରେ ସଂକ୍ରମିତ ହୋଇଥାନ୍ତୁ କି ନାହିଁ, ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେବା ଆବଶ୍ୟକ। କାରଣ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି। ଦ୍ୱିତୀୟ ଡୋଜ୍ ନେବାର ଦୁଇ ସପ୍ତାହ ପରେ ଆଣ୍ଟିବଡିର ପ୍ରତିକାର ସ୍ତର ବିକଶିତ ହୋଇଥାଏ। ଟିକାକରଣକୁ ନେଇ ବାରମ୍ବାର ପଚରାଯାଉଥିବା ବିଭିନ୍ନ ପ୍ରଶ୍ନ (ଏଫ୍ଏକ୍ୟୁ)ର ତାଲିକା ମନ୍ତ୍ରଣାଳୟ ଦେବା ସହ ସେଗୁଡ଼ିକର ଉତ୍ତର ରଖିଛି। ଟିକା ନେବା ବାଧ୍ୟତାମୂଳକ କି ନୁହେଁ, କେତେଦିନ ପରେ ଆଣ୍ଟିବଡି ବିକଶିତ ହେବ ଏବଂ କରୋନାରୁ ଆରୋଗ୍ୟ ହୋଇଥିବା ବ୍ୟକ୍ତି ଟିକା ନେବା ଆବଶ୍ୟକ କି ନାହିଁ ବୋଲି ପ୍ରଶ୍ନ ପଚରାଯାଇଥିଲା।

### ମଡର୍ନା ଟିକାକୁ ଆମେରିକାର ମଞ୍ଜୁରୀ

**ୱାଶିଂଟନ, ୧୮।୧୨:** ଫାଇଜର ପରେ ମଡର୍ନା କୋଭିଡ୍ ଟିକାକୁ ଜରୁରୀ ବ୍ୟବହାର ନିମନ୍ତେ ଆମେରିକା ମଞ୍ଜୁରୀ ପ୍ରଦାନ କରିଛି। ଖୁବ୍‌ଶୀଘ୍ର ଏହାର ଯୋଗାଣ ଆରମ୍ଭ ହେବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟୁଇଟ୍ କରିଛନ୍ତି। ଆମେରିକାରେ ମଡର୍ନା ଟିକାକୁ ବ୍ୟବହାର ପାଇଁ ଅନୁମତି ଦେବା ନିମନ୍ତେ ବିଶେଷଜ୍ଞମାନଙ୍କ କମିଟି ଗୁରୁବାର ସୁପାରିସ କରିଥିଲା। ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍‌ଡିଏ) ଆନୁଷ୍ଠାନିକ ମଞ୍ଜୁରୀ ଦେବା ପୂର୍ବରୁ ଟ୍ରମ୍ପ୍ ଏଭଳି ଘୋଷଣା କରିଛନ୍ତି।

### ୨୪ ଘଣ୍ଟାରେ ଟିଏମ୍‌ସି ଛାଡ଼ିଲେଣି ୪ ନେତା

**କୋଲକାତା, ୧୮।୧୨:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଆଉ ୪ ମାସ ଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ୨୪ ଘଣ୍ଟା ମଧ୍ୟରେ ୪ ଜଣ ନେତା ଇସ୍ତଫା ଦେଲେଣି। ଗୁରୁବାର ଦୁଇ ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଜିତେନ୍ଦ୍ର ତିୱାରୀ ଦଳ ଛାଡ଼ିଥିବାବେଳେ ଶୁକ୍ରବାର ଟିଏମ୍‌ସି ବିଧାୟକ ଶୀଳଭଦ୍ର ଦତ୍ତ ଏବଂ ସଂଖ୍ୟାଲଘୁ ସେଲ୍ ନେତା କବିରୁଲ ଇସ୍‌ଲାମ ଦଳରୁ ଇସ୍ତଫା ଦେଇଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଶକ୍ତ ଝଟକା ଲାଗିଛି। ତେବେ ଶୁଭେନ୍ଦୁଙ୍କ ଇସ୍ତଫାକୁ ବାଚସ୍ପତି ବିମାନ ବାନାର୍ଜୀ ଅଗ୍ରାହ୍ୟ କରିଦେଇ ସୋମବାର ଦେଖା କରିବାକୁ ତାଙ୍କୁ କହିଛନ୍ତି।

### ୩୦ ଆତଙ୍କବାଦୀ ନିହତ, ୧୧ ଶିଶୁ ମୃତ

**କାବୁଲ,୧୮।୧୨:** ଆଫଗାନିସ୍ତାନର ଗଜନି ପ୍ରଦେଶରେ ଶୁକ୍ରବାର ଭୋରରେ ତାଲିବାନ ଉପରେ ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏଥିରେ ୩୦ ଆତଙ୍କବାଦୀ ନିହତ ହୋଇଛନ୍ତି। କାରାବାକ୍ ଜିଲାର କାର୍ସି ଅଞ୍ଚଳରେ ସୁରକ୍ଷା ବଳକୁ ଟାର୍ଗେଟ କରିବା ପାଇଁ ତାଲିବାନ ବିଦ୍ରୋହୀମାନେ ଏକତ୍ରିତ ହୋଇଥିବାବେଳେ ବିମାନରୁ ବୋମାମାଡ଼ କରାଯାଇଥିଲା। ଅନ୍ୟପକ୍ଷେ ଗଜନିର ଜିଲାନ୍ ଜିଲାରେ ଧାର୍ମିକ ଉତ୍ସବ ପାଳନ କରାଯାଉଥିବା ଘର ନିକଟରେ ବିସ୍ଫୋରକ ଭର୍ତ୍ତି ଏକ ରିକ୍ସାକୁ ଆତଙ୍କବାଦୀମାନେ ଉଡ଼ାଇଦେଇଛନ୍ତି। ଏହି ଆକ୍ରମଣରେ ୧୧ ଶିଶୁଙ୍କ ମୃତ୍ୟୁ ଘଟିଛି।



## ସିଙ୍ଘୁ ସୀମାରେ ସ୍ୱରା

**ନୂଆଦିଲ୍ଲୀ,୧୮।୧୨:** ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ନିଜ ଗ୍ଲାମରସ୍ ଲୁକ୍ ଓ ଯାଦୁକରୀ ଅଭିନୟ ପାଇଁ ଜଣାଶୁଣା। ଏବେ ସେ ଏକ ଭିନ୍ନ କାରଣକୁ ନେଇ ଚର୍ଚ୍ଚାରେ। ସ୍ୱରା ଭାସ୍କର ଆନ୍ଦୋଳନରତ କୃଷକଙ୍କ ସହ ସାମିଲ ହୋଇଛନ୍ତି। କେନ୍ଦ୍ରର କୃଷି ଆଇନ ବିରୋଧରେ ଦିଲ୍ଲୀ ସିଙ୍ଘୁ ସୀମାରେ ଚାଷୀଙ୍କ ବିକ୍ଷୋଭରେ ସ୍ୱରାଙ୍କୁ ଦେଖିବାକୁ ମିଳିଛି। ଏହି ଅବସରରେ ସେ କୃଷକମାନଙ୍କ ଧୈର୍ଯ୍ୟ ଓ ଦୃଢ଼ ମନୋବଳକୁ ପ୍ରଶଂସା କରି ଏକ ଫଟୋ ଟୁଇଟ୍ କରିଛନ୍ତି। ଏହା ପୂର୍ବରୁ ପଞ୍ଜାବୀ ଗାୟକ ଦିଲଜିତ୍ ଦୋସାନ୍‌ଝ ଏହି ଆନ୍ଦୋଳନରେ ସାମିଲ ହୋଇ କୃଷକମାନଙ୍କୁ ଦାବି ପୂରଣ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ସେହିପରି ତାପସୀ ପନ୍ନୁ, ରିଚା ଚଢ଼ା, ସୋନୁ ସୁଦ୍, ହଂସାଲ ମେହେଟ୍ଟା, ମହମ୍ମଦ ଜିଶାନ ଆୟୁବ, ଦିବ୍ୟା ଦତ୍ତା ଓ ନେହା ଶର୍ମାଙ୍କ ଭଳି କଳାକାର ମଧ୍ୟ କୃଷକଙ୍କ ସମର୍ଥନରେ ବାହାରିସାରିଛନ୍ତି।

## ସାନିଟାଇଜର ବାଣ୍ଟିଲେ ସାଣ୍ଟା



**ମୁମ୍ବାଇ,୧୮।୧୨:** ମୁମ୍ବାଇରେ ସାଣ୍ଟା ସାନିଟାଇଜର ବାଣ୍ଟୁଛନ୍ତି। ସାଣ୍ଟା କ୍ଲଜ୍ ପୋଷାକଧାରୀ ଜଣେ ବ୍ୟକ୍ତି ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ଲକ୍ଷ୍ମୀ ଚୌକ୍ ଏରିଆରେ ଲୋକଙ୍କୁ ସାନିଟାଇଜର ଓ ମାସ୍କ ବାଣ୍ଟୁଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ପିଲାମାନଙ୍କୁ ମୁଁ ଚକୋଲେଟ, ଖେଳଣା ଓ ଉପହାର ବାଣ୍ଟିଥାଏ। କିନ୍ତୁ ଏଥର ଖ୍ରୀଷ୍ଟମାସ୍‌ରେ କୋଭିଡ୍-୧୯ ବିରୋଧରେ ଲଢ଼େଇ ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନେଇଛି। ଭୂତାଣୁ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛି ବୋଲି କହିଛନ୍ତି ସାଣ୍ଟା ବେଶଧାରୀ ସିଓନ୍ ଫ୍ରେଣ୍ଡ ସର୍କଲ ଫାଉଣ୍ଡେଶନ ଅଧ୍ୟକ୍ଷ ଅଶୋକ କୁର୍ମୀ। କେବଳ ସେତିକି ନୁହେଁ, ଅଶୋକ ବସ୍‌ଷ୍ଟାଣ୍ଡ, ଅଟୋ ଓ ଅନ୍ୟ କେତେକ ସ୍ଥାନ ବୁଲି ବୁଲି ସାନିଟାଇଜ୍ କରୁଛନ୍ତି। ଅଭାବୀ ପିଲାଙ୍କୁ ମାସ୍କ ଓ ସାନିଟାଇଜର ଦେଇ ଖୁସି ଅନୁଭବ କରୁଛନ୍ତି। ଏହାଦ୍ୱାରା ପିଲାମାନେ କରୋନା ଭୂତାଣୁରୁ ନିଜକୁ ରକ୍ଷା କରିପାରିବେ ବୋଲି ଅଶୋକ ଆଶାବାଦୀ।

# ଥରୁଛି ଉତ୍ତର ଭାରତ

**ହିମାଳୟର ହିମଛାୟା ତଳୁ ବୋହୁଛି ଥଣ୍ଡା ପବନ । ଏହାର ପ୍ରଭାବରେ ଦିଲ୍ଲୀ ସମେତ ସମଗ୍ର ଉତ୍ତର ଭାରତ ଥରି ଉଠିଛି । କରୋନା କାଳରେ ଜାତୀୟ ରାଜଧାନୀର ତାପମାତ୍ରା ନିମ୍ନଗାମୀ ହେବାରେ ଲାଗିଥିବାବେଳେ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଛି ବାୟୁ ପ୍ରଦୂଷଣ । ଏଭଳି ସମୟରେ କେନ୍ଦ୍ରର କୃଷି ଆଇନ ବିରୋଧରେ ଚାଷୀଙ୍କ ଆନ୍ଦୋଳନ ୨୩ ଦିନରେ ପହଞ୍ଚିଛି । ଲୋକେ ଘରୁ ବାହାରିପାରୁ ନ ଥିବାବେଳେ ହାଡ଼ଭଙ୍ଗା ଶୀତରେ ଦାବି ପୂରଣ ପାଇଁ ଅଡ଼ିବସିଛନ୍ତି କୃଷକ ସଙ୍ଗଠନ।**




**ନୂଆଦିଲ୍ଲୀ,୧୮।୧୨**

ସମଗ୍ର ଉତ୍ତର ଭାରତକୁ ଥରାଇ ଦେଇଛି ଶୀତ। ହିମାଳୟର ଥଣ୍ଡା ପବନ ରାଜସ୍ଥାନର ମାଉଣ୍ଟ ଆବୁରେ ତାପମାତ୍ରାକୁ ନିମ୍ନଗାମୀ କରିବାରେ ଲାଗିଛି। ଆରାବଳୀ ପର୍ବତମାଳାର ଏହି ହିଲ୍ ଷ୍ଟେଶନରେ ଶୁକ୍ରବାର ତାପମାତ୍ରା ବିୟୁକ୍ତ ୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ଚୁରୁରେ ପାରା ମାଇନସ୍ ୦.୩ ଓ ସିକାରରେ ବିୟୁକ୍ତ ୦.୫ ଡିଗ୍ରୀ ସେଲସିୟସ୍‌କୁ ଖସିଥିବା ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ସେହିପରି ଦିଲ୍ଲୀକୁ ମଧ୍ୟ ଉତ୍ତରା ପବନ ଥଣ୍ଡା କରିଦେଇଛି। ଜାତୀୟ ରାଜଧାନୀରେ ମହାମାରୀ କରୋନା କାଳରେ ପ୍ରବଳ ଶୀତ ସାଙ୍ଗକୁ ବାୟୁ ପ୍ରଦୂଷଣ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ସଫଦରଜଙ୍ଗ ଅବ୍‌ଜର୍ଭେଟୋରିରେ ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୪.୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ପାରାଠାରୁ ୩ ଡିଗ୍ରୀ କମ୍। ପାଲମ୍ ୱେଦର ଷ୍ଟେଶନରେ ତାପମାତ୍ରା ୩.୪ ଡିଗ୍ରୀ ସେଲସିୟସ୍ ମାପ କରାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁସାରେ ଡିସେମ୍ବର ୨୧ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ପଶ୍ଚିମ ହିମାଳୟରୁ ବହୁଥିବା ତୁଷାର ବହୁଳ ପବନକୁ ଏଥିପାଇଁ ଦାୟୀ କରାଯାଇଛି। ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୩୫ ରହିଛି, ଯାହାକୁ 'ଖରାପ' ଭାବେ ବର୍ଗୀକୃତ କରାଯାଇଛି। ଅନୁରୂପ ଭାବେ ଉତ୍ତର ପ୍ରଦେଶର କେତେକ ସ୍ଥାନରେ ଗୁରୁବାର ବର୍ଷା ହୋଇଥିଲା। ଏଥିଯୋଗୁ ବରେଲି ୩.୩ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ସହ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଥିଲା। ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ଗୋରଖପୁରରେ ୨୪.୬ ଡିଗ୍ରୀ ଥିଲା। ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଉତ୍ତର ରାଜସ୍ଥାନରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଦିଲ୍ଲୀ ସମେତ ରାଜଧାନୀ ସଂଲଗ୍ନ ସିଙ୍ଘୁ, ଟିକ୍ରି, ଗାଜିପୁର ଓ ଗାଜିଆବାଦ ସୀମାରେ କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଲକ୍ଷ ଲକ୍ଷ ଚାଷୀ ଏକତ୍ରିତ ହୋଇ ଆନ୍ଦୋଳନ କରୁଛନ୍ତି। ସରକାର ସେମାନଙ୍କ କଥା ଶୁଣୁ ନ ଥିବାରୁ ଡିସେମ୍ବର ୨୧ରୁ ଅଲ୍ ଇଣ୍ଡିଆ କିଷାନ ସଭା ନାସିକରୁ ଦିଲ୍ଲୀ ଯାଇ ଆନ୍ଦୋଳନରେ ସାମିଲ ହେବ ବୋଲି ନିଷ୍ପତ୍ତି ନେଇଛି। ଇତିମଧ୍ୟରେ ଆମେରିକାରୁ ଆସିଥିବା ୨୦ ଜଣିଆ ଭାରତୀୟ ଡାକ୍ତରୀ ଟିମ୍ ଟିକ୍ରି ବର୍ଡରକୁ ଯାଇ ଆନ୍ଦୋଳନରତ କୃଷକଙ୍କୁ ସେବା ଯୋଗାଇବ ବୋଲି ଘୋଷଣା କରିଛି। ଏସବୁ ଭିତରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ବର୍ଷ ଶେଷ ସୁଦ୍ଧା ସମାଧାନର ବାଟ ବାହାରିଯିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଫସିଛନ୍ତି ହଜାରେ ଡ୍ରାଇଭର

**ଟୋକିଓ,୧୮।୧୨**

ବରଫ ଝଡ଼ ଯୋଗୁ ଜାପାନର ବିଭିନ୍ନ ସ୍ଥାନରେ ବହୁ ଲୋକ ଫସିରହିଛନ୍ତି। ୧୦,୦୦୦ରୁ ଊର୍ଦ୍ଧ୍ୱ ଘରର ବିଦ୍ୟୁତ୍‌ସଂଯୋଗ କଟିଯାଇଛି। ରାଜଧାନୀ ଟୋକିଓ ସହ ନିଗାଟାକୁ ସଂଯୋଗ କରୁଥିବା କାନେଟ୍‌ସୁ ଏକ୍ସପ୍ରେସ୍‌ୱେ ବରଫ ଦ୍ୱାରା ଆଚ୍ଛାଦିତ ହୋଇଛି। ସେଠାରେ ବୁଧବାର ସନ୍ଧ୍ୟାରୁ ୧,୦୦୦ କାର୍ ସହ ଡ୍ରାଇଭରମାନେ ଫସିରହିଛନ୍ତି। ୧୬.୫ କି.ମି. ରାସ୍ତାରେ ଟ୍ରାଫିକ୍ ଜାମ୍ ହୋଇଯାଇଥିବାରୁ ଶୁକ୍ରବାର ରେସ୍କ୍ୟୁ ଟିମ୍ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଚଳାଇଛନ୍ତି।



## ଆଲୋଚନା ପାଇଁ ପ୍ରସ୍ତୁତ

**ନୂଆଦିଲ୍ଲୀ, ୧୮।୧୨(ପି.ଟି.)**



**ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଇଲେ ପ୍ରଧାନମନ୍ତ୍ରୀ**

କେନ୍ଦ୍ରର ନୂଆ କୃଷି ଆଇନକୁ ନେଇ ଚାଷୀମାନେ ଆନ୍ଦୋଳନ ଚଳାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ସେମାନଙ୍କ ଆଗରେ ମୁଣ୍ଡ ନୁଆଇବା ସହ ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ଶୁକ୍ରବାର କହିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ମଧ୍ୟପ୍ରଦେଶର କିଷାନ ମହାସମ୍ମିଳନୀକୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ଚାଷୀଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ୩ କୃଷି ଆଇନ କୃଷକଙ୍କ ଜୀବନକୁ ଉନ୍ନତ କରିବ। ତରବରିଆ ଭାବେ ଉକ୍ତ ଆଇନ ପାର୍ଲାମେଣ୍ଟରେ ଗୃହୀତ ହୋଇନାହିଁ, ଦୀର୍ଘ ଦଶନ୍ଧି ଧରି ଏହା ଉପରେ ଆଲୋଚନା ଚାଲିଥିଲା। ଏବେ ଏହି ଆଇନକୁ ବିରୋଧ କରଥିବା ଦଳଗୁଡ଼ିକ ନିର୍ବାଚନୀ ଇସ୍ତାହାରରେ କୃଷି ସଂସ୍କାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂତନ କୃଷି ଆଇନକୁ ନେଇ ମିଛ ପ୍ରଚାର ଚାଲିଛି। ଏହାକୁ ବିଶ୍ୱାସ କରନ୍ତୁ ନାହିଁ। ଏହା ପରେ ଯଦି କୃଷକମାନଙ୍କର କୌଣସି ଚିନ୍ତା ରହିଛି, ତେବେ ସରକାର ନତମସ୍ତକ ହୋଇ ସେମାନଙ୍କ କଥା ଶୁଣିବେ। ଚାଷୀଙ୍କ ଲାଭ ହିଁ ସରକାରଙ୍କ ପ୍ରାଥମିକତା। ଏହି ଅବସରରେ ମୋଦି ବିରୋଧୀ ଦଳକୁ କଡ଼ା ସମାଲୋଚନା କରିଥିଲେ। ସେମାନେ କୃଷି ଆଇନକୁ ନେଇ ମିଥ୍ୟା ଗୁଜବ ପ୍ରଚାର କରୁଛନ୍ତି। ସେ ତାଙ୍କ ସରକାରର କୃଷି ରିପୋର୍ଟ କାର୍ଡ ସହ ପୂର୍ବ ସରକାରର ରିପୋର୍ଟ କାର୍ଡକୁ ତୁଳନା କରିଥିଲେ। ବିରୋଧୀ ଦଳଗୁଡ଼ିକ ପରାଜିତ କ୍ଷେତ୍ରରେ ସ୍ଥିତି ସୁଧାରିବାକୁ କୃଷକଙ୍କୁ ବିଭ୍ରାନ୍ତ କରୁଛନ୍ତି। କେନ୍ଦ୍ରକୁ ଟାର୍ଗେଟ କରିବାକୁ ଯାଇ କୃଷକଙ୍କ କାନ୍ଧକୁ ବିରୋଧୀ ବ୍ୟବହାର କରୁଛନ୍ତି।

## ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା

**ହାଥରସ୍ ମାମଲାରେ ସିବିଆଇ ଚାର୍ଜଶିଟ୍**

**ଲକ୍ଷ୍ନୌ,୧୮।୧୨(ପି.ଟି.)**

ଉତ୍ତରପ୍ରଦେଶର ହାଥରସ୍‌ରେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ବହୁଚର୍ଚ୍ଚିତ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ସେମାନେ ହେଲେ ସନ୍ଦୀପ୍, ଲବକୁଶ, ରବି ଓ ରାମୁ। ହାଥରସ୍‌ର ସ୍ଥାନୀୟ ଅଦାଲତ ସିବିଆଇ ଚାର୍ଜଶିଟ୍‌କୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ହାଥରସ୍‌ର ୧୯ ବର୍ଷୀୟା ଦଳିତ ଯୁବତୀଙ୍କୁ ସେପ୍ଟେମ୍ବର ୧୪ରେ ଉଚ୍ଚଜାତିର ୪ ଜଣ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ୧୫ ଦିନର ଚିକିତ୍ସା ପରେ ସେପ୍ଟେମ୍ବର ୨୯ରେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ପୀଡ଼ିତାଙ୍କର ମୃତ୍ୟୁ ହୋଇଥିଲା। ସେହିଦିନ ରାତିରେ ଅତି ତରବରିଆ ଭାବେ ପୀଡ଼ିତାଙ୍କ ଶେଷକୃତ୍ୟ କରାଯାଇଥିଲା। ଏଥିପାଇଁ ପରିବାର ଉପରେ ପୋଲିସ ଚାପ ପକାଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ଅଭିଯୁକ୍ତମାନଙ୍କୁ ଜେରା କରିବା ସହ ଫୋରେନ୍‌ସିକ୍ ପରୀକ୍ଷା କରାଇଥିଲା। ଏଥିସହିତ ପୀଡ଼ିତା ପ୍ରଥମେ ଚିକିତ୍ସିତ ହେଉଥିବା ଜବାହରଲାଲ୍ ନେହେରୁ ମେଡିକାଲ କଲେଜ ହସ୍ପିଟାଲର ଡାକ୍ତରମାନଙ୍କଠାରୁ ତଦନ୍ତକାରୀ ଅଧିକାରୀମାନେ ବୟାନ ନେଇଥିଲେ। ହାଥରସ୍ ମାମଲାକୁ ନେଇ ସେତେବେଳେ ଜୋର୍‌ଦାର ତୁମ୍ବିତୋଫାନ ହେବା ସହ ଯୋଗୀ ଆଦିତ୍ୟନାଥ ସରକାର ସମାଲୋଚିତ ହୋଇଥିଲେ। ଫଳରେ ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସିବିଆଇ ତଦନ୍ତ ପାଇଁ ଏକ ଟିମ୍ ଗଠନ କରିବା ସହ ଏହାର ଗାଜିଆବାଦ ଶାଖାକୁ ତଦନ୍ତ ଦାୟିତ୍ୱ ଦେଇଥିଲା।




### ସତ୍ୟମେବ ଜୟତେ



ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଅନ୍ୟାୟକୁ ସୁରକ୍ଷା ଦେବା ପାଇଁ ଉଦ୍ୟମ କରିଥିଲେ। ଏହା ସତ୍ତ୍ୱେ ସତ୍ୟର ବିଜୟ ହୋଇଛି ବୋଲି ହାଥ୍‌ରସ୍ ମାମଲାରେ ସିବିଆଇ ପକ୍ଷରୁ ଚାର୍ଜଶିଟ୍ ଦାଖଲ ପରେ ଏଆଇସିସି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟୁଇଟ୍ କରିଛନ୍ତି। ପ୍ରିୟଙ୍କା କହିଛନ୍ତି, ଗୋଟିଏପଟେ ସରକାର ଅନ୍ୟାୟକୁ ସୁରକ୍ଷା ଦେଉଥିବାବେଳେ ଅନ୍ୟପଟେ ନ୍ୟାୟ ଆଶାରେ ପୀଡ଼ିତାଙ୍କ ପରିବାର ଅପେକ୍ଷା କରିଥିଲେ। ପୀଡ଼ିତାଙ୍କ ମୃତଦେହକୁ ଜୋରଜବରଦସ୍ତ ପୋଡ଼ି ଦିଆଯାଇଥିଲା। ଏପରି କି ପୀଡ଼ିତାଙ୍କୁ ବଦନାମ କରିବାକୁ ମଧ୍ୟ ଉଦ୍ୟମ ହୋଇଥିଲା। କିନ୍ତୁ ଶେଷରେ ସତ୍ୟର ବିଜୟ ହୋଇଛି ବୋଲି ପ୍ରିୟଙ୍କା ସିବିଆଇକୁ ପ୍ରଶଂସା କରିଛନ୍ତି।

## ଭୂତ ଡଙ୍ଗାରେ ଡ୍ରଗ୍ସ

**ୱାଶିଂଟନ,୧୮।୧୨**



ସମୁଦ୍ରରେ ବହୁ ସଂଖ୍ୟକ 'ଭୂତ ଜାହାଜ' ଅଛି। ଅତଳ ସାଗରରେ ଜାହାଜ ଓ ଡଙ୍ଗାଗୁଡ଼ିକରୁ ନାବିକମାନେ ରହସ୍ୟଜନକ ଭାବେ ଉଭାନ ହୋଇଯିବା ପଛରେ ଅନେକ କାହାଣୀ ଥାଏ। ପ୍ରତ୍ୟେକ କାହାଣୀ ସହ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରହେଳିକା ଜଡ଼ିତ ହୋଇ ରହିଥାଏ। ଏଭଳି ବଡ଼ ବଡ଼ ଘଟଣାର ଏକ କ୍ଷୁଦ୍ର ସଂସ୍କରଣ ପ୍ରଶାନ୍ତ ମହାସାଗରର ମାର୍ଶଲ ଆଇଲାଣ୍ଡ ଉପକୂଳରେ ଦେଖିବାକୁ ମିଳିଛି।

ଦ୍ୱୀପରାଷ୍ଟ୍ର ମାର୍ଶଲ ଆଇଲାଣ୍ଡ ଉପକୂଳ ବିସ୍ତୃତ ଜଳରାଶି ଉପରେ ଡିସେମ୍ବର ୧୫ ତାରିଖରେ ଏକ ଭୂତ ଡଙ୍ଗା ହଠାତ୍ ଦୃଶ୍ୟମାନ ହୋଇଥିଲା। ସେଥିରେ କେହି ନ ଥିବାରୁ ତାକୁ ଠାବ କରିଥିବା ସ୍ଥାନୀୟ ଲୋକେ ବିସ୍ମିତ ହୋଇଯାଇଥିଲେ। ସେମାନେ ପ୍ରଥମେ ଏହାକୁ ଠେଲାପେଲା କରିଥିଲେ। କିନ୍ତୁ ଡଙ୍ଗାଟି ଏତେ ଓଜନିଆ ଥିଲା ଯେ ସେମାନେ ତାକୁ ହଲାଇ ପାରି ନ ଥିଲେ। ପୋଲିସ ଖବର ପାଇ ସେଠାରେ ପହଞ୍ଚିବା ପରେ ୫.୫ ମିଟର ଲମ୍ବ ଏହି ଫାଇବରଗ୍ଲାସ୍ ବୋଟ୍‌କୁ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ସେଥିରୁ ୬୪୯ କେ.ଜି. (୧୪୩୦ ପାଉଣ୍ଡ) କୋକେନ ମିଳିବା ପରେ ପୋଲିସ ଅଧିକାରୀମାନେ ଚକିତ ହୋଇଯାଇଥିଲେ। କୋକେନ ଭର୍ତ୍ତି କରାଯାଇଥିବା ପ୍ୟାକେଟଗୁଡ଼ିକ ଉପରେ 'କେଡବ୍ଲ୍ୟୁ' ଲେଖାଯାଇଥିଲା। ଆମେରିକାର ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଆଡ୍‌ମିନିଷ୍ଟ୍ରେଶନକୁ ପରୀକ୍ଷା ପାଇଁ ପଠାଯାଇଥିବା ଜବତ କୋକେନର ମୂଲ୍ୟ ୮୦ ନିୟୁତ ଡଲାର ବା ୫,୮୮,୦୨,୫୨,୦୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପୂର୍ବରୁ ମାର୍ଶଲ ଆଇଲାଣ୍ଡ ଉପକୂଳରେ ଏତେ ପରିମାଣର କୋକେନ କେବେ ମିଳି ନ ଥିଲା। ମାର୍ଶଲ ଆଇଲାଣ୍ଡ ଆଟର୍ନି ଜେନେରାଲ ରିଚାର୍ଡ ହିକ୍‌ସନ କହିଛନ୍ତି, ଦକ୍ଷିଣ କିମ୍ବା କେନ୍ଦ୍ରୀୟ ଆମେରିକାର କୌଣସି ସ୍ଥାନରୁ ଏହି ଡଙ୍ଗା ଭାସିଆସିଛି। ଏହା ଆବିଷ୍କୃତ ହେବା ପୂର୍ବରୁ ସମୁଦ୍ରରେ ଦୁଇବର୍ଷ ରହିଥିବା ମନେକରାଯାଉଛି।

**୬୦,୦୦୦ ଜନସଂଖ୍ୟା ବିଶିଷ୍ଟ ମାର୍ଶଲ ଆଇଲାଣ୍ଡ ଉପକୂଳରେ ଡ୍ରଗ୍ସ ଚାଲାଣ ବଢ଼ିବାରେ ଲାଗିଛି। ଏହି ଦ୍ୱୀପରାଷ୍ଟ୍ରରେ ଡ୍ରଗ୍ସ ବ୍ୟବହାର କରି ରୋଗଗ୍ରସ୍ତ ହେବା ପରେ ହସ୍ପିଟାଲକୁ ଧାଉଁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି।**



**ଅନେକ ସମୟରେ ସ୍ଥାନୀୟ ଲୋକେ ଭୂତ ଡଙ୍ଗାରୁ ଡ୍ରଗ୍ସ ପାଇବା ପରେ ତାକୁ ବିକ୍ରି କରିଦିଅନ୍ତି। କିନ୍ତୁ ଏଥର ସେମାନେ ପୋଲିସକୁ ଖବର ଦେଇଥିଲେ। ଆମେରିକାର ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଆଡ୍‌ମିନିଷ୍ଟ୍ରେଶନକୁ ପରୀକ୍ଷା ପାଇଁ ପଠାଯାଇଥିବା ଏହି କୋକେନର ମୂଲ୍ୟ ୫,୮୮,୦୨,୫୨,୦୦୦ ଟଙ୍କା ହେବ।**

# ବୋଲରଙ୍କ କମାଲ, ଭାରତ ଅଗ୍ରଣୀ

**ପ୍ରଥମ ଟେଷ୍ଟ**

- ଦ୍ୱିତୀୟ ଦିବସରେ ୧୫ ଉଇକେଟ ପତନ
- ଅଶ୍ୱିନ ୪, ଉମେଶ ୩, ବୁମ୍‌ରା ୨





ଖୁସି ମୁହୂର୍ତ୍ତରେ ଉମେଶ ଯାଦବ ଓ ରବିଚନ୍ଦ୍ରନ୍ ଅଶ୍ୱିନ।

**ଆଡିଲେଡ୍, ୧୮।୧୨**

ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସ ଶୁକ୍ରବାର ୧୫ ଉଇକେଟ ପଡ଼ିଛି। ବୋଲରଙ୍କ କମାଲ ବଳରେ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସକ୍ଷମ ହୋଇଛି। ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୪, ଉମେଶ ଯାଦବ ୩ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଉଇକେଟ ନେଇ ଭାରତକୁ ଫାଇଦାରେ ରଖିଛନ୍ତି। ଭାରତ ପ୍ରଥମ ଇନିଂସରେ ୨୪୪ ରନ କରିଥିବାବେଳେ ଅଷ୍ଟ୍ରେଲିଆ ୧୯୧ ରନରେ ଅଲ୍‌ଆଉଟ ହୋଇଛି। ଫଳରେ ଭାରତକୁ ୫୩ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ମିଳିଛି। ତେବେ ପୃଥ୍ୱୀ ଶ’ଙ୍କ ଦୁର୍ବଳ ଟେକ୍ନିକ ଯୋଗୁ ଭାରତ ଦ୍ୱିତୀୟ ଇନିଂସ ଆରମ୍ଭରେ ଝଟ୍‌କା ଖାଇଛି। ଦ୍ୱିତୀୟ ଦିବସ ଶେଷ ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୯ ରନ କରିଛି। ୯ ଉଇକେଟ ସୁରକ୍ଷିତ ଥାଇ ଦଳ ମୋଟ ୬୨ ରନରେ ଅଗ୍ରଣୀ ହୋଇଛି।

## ୧୧ ରନରେ ୪ ଉଇକେଟ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୩୩/୬ରୁ ଖେଳ ଆରମ୍ଭ କରିଥିବା ଭାରତ ଆଉ ୧୧ ରନ ଯୋଗକରି ୪ ଉଇକେଟ ହରାଇଥିଲା। ଫଳରେ ଭ୍ରମଣକାରୀ ଦଳର ପ୍ରଥମ ଇନିଂସ ୨୪୪ରେ ସୀମିତ ହୋଇଯାଇଥିଲା। ଅଷ୍ଟ୍ରେଲିଆର ଦୁଇ ସ୍ୱିଙ୍ଗ୍‌ଷ୍ଟର ମିଚେଲ ଷ୍ଟାର୍କ ସର୍ବାଧିକ ୪ଟି ଓ କମିନ୍ସ ୩ ଉଇକେଟ ପାଇଥିଲେ।

## ପେନ୍ ଲଢ଼ିଲେ

ଅଷ୍ଟ୍ରେଲିଆ ଇନିଂସ ଆରମ୍ଭରୁ ଭାରତୀୟ ବୋଲରମାନେ ଅତି ଚମତ୍କାର ବୋଲିଂ କରିଥିଲେ। ଫଳରେ ଘରୋଇ ବ୍ୟାଟ୍ସମ୍ୟାନମାନେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ। ପେସ୍ ସେନ୍‌ସେଶନ ଯଶପ୍ରୀତ୍ ବୁମ୍‌ରା ଦୁଇ ଓପନର ମାଥ୍ୟୁ ୱାଡେ(୮) ଓ ଜୋ ବର୍ନ୍ସ(୮)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିବାବେଳେ ଅଶ୍ୱିନ ଅଭିଜ୍ଞତାର ଉପଯୋଗ କରି ମିଡିଲ ଅର୍ଡରକୁ ପର୍ଯ୍ୟାପ୍ତ କ୍ଷତି ପହଞ୍ଚାଇଥିଲେ। ଗୋଧୂଳି ସମୟରେ ପରିବେଶରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇ ଉମେଶ ଯାଦବ ଘରୋଇ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଷ୍ଟିଭ୍ ସ୍ମିଥ ୧, ଟ୍ରାଭିସ୍ ହେଡ୍ ୭, କାମେରନ ଗ୍ରୀନ୍ ୧୧, କମିନ୍ସ ୦, ନାଥାନ ଲିୟନ ୧୦ ଓ ଜୋଶ୍ ହାଜେଲଉଡ୍ ୮ ରନରେ ଆଉଟ ହୋଇଥିଲେ। ଭାରତର ଫିଲ୍ଡିଂ ଭଲ ହୋଇ ନ ଥିଲା। ଅତି କମ୍‌ରେ ୩ଟି ସହଜ କ୍ୟାଚ ହାତଛଡ଼ା ହୋଇଥିଲା। ଏହାର ଫାଇଦା ମାର୍ନସ ଲାବୁସ୍କାନଙ୍କୁ ମିଳିଥିଲା। ସେ ୨ ଥର ଜୀବନଦାନ ପାଇ ୪୭(୧୧୯ ବଲ, ୭ ଚୌକା)ରନ କରିଥିବାବେଳେ ଅଧିନାୟକ ଟିମ୍ ପେନ୍ ଗୋଟିଏ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନକୁ ଦୃଷ୍ଟିରେ ରଖି କାଉଣ୍ଟର ଆଟାକ୍ କରିଥିଲେ। ଫଳରେ ସେ ସର୍ବାଧିକ ୭୩(୯୯ ବଲ, ୧୦ ଚୌକା) ରନ କରି ଅପରାଜିତ ରହିଥିଲେ। ତାଙ୍କର ଏହି ରଣନୀତି କାମ ଦେଇଥିଲା। ଏକଦା ୧୩୯ ରନରେ ୮ ଉଇକେଟ ହରାଇଥିବା ଅଷ୍ଟ୍ରେଲିଆ ଅବଶିଷ୍ଟ ୨ ଉଇକେଟରେ ୫୨ ରନ କରିପାରିଥିଲା। ଶେଷରେ ଅଷ୍ଟ୍ରେଲିଆ ଅଲ୍‌ଆଉଟ ହୋଇଥିଲେ ହେଁ ପେନ୍ ଅପରାଜିତ ରହିଥିଲେ। ଭାରତର ମହମ୍ମଦ ସାମି ଭଲ ବୋଲିଂ କରିଥିଲେ ହେଁ କ୍ୟାଚ ମିସ୍ ହେବାରୁ ଉଇକେଟ ପାଇ ନ ଥିଲେ। ପ୍ରଥମ ଥରପାଇଁ ଅଷ୍ଟ୍ରେଲିଆ କୌଣସି ଦିବାରାତ୍ର ଟେଷ୍ଟରେ ପ୍ରଥମ ଇନିଂସ ଅଗ୍ରଣୀ ପାଇନାହିଁ। ପୂର୍ବ ୭ ଟେଷ୍ଟରେ ଦଳ ଯଥାକ୍ରମେ ୨୨, ୧୨୪, ୨୮୭, ୨୧୫, ୧୭୯, ୨୮୭ ଓ ୨୫୦ ରନରେ ଅଗ୍ରଣୀଲାଭ କରିଥିଲା।

### ବିଦେଶରେ ଅଶ୍ୱିନଙ୍କ ତୃତୀୟ ଶ୍ରେଷ୍ଠ

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ଅଶ୍ୱିନ ୫୫ ରନ ଦେଇ ୪ଟି ଉଇକେଟ ନେଇଛନ୍ତି। ବିଦେଶ ମାଟିରେ ଏହା ତାଙ୍କର ତୃତୀୟ ଶ୍ରେଷ୍ଠ ବୋଲିଂ ସଫଳତା। ପୂର୍ବରୁ ସେ ୨୦୧୬ରେ ନର୍ଥସାଉଣ୍ଡରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୮୩ ରନ ବିନିମୟରେ ସର୍ବାଧିକ ୭ଟି ଏବଂ ସେହିବର୍ଷ କିଙ୍ଗଷ୍ଟନରେ ସମାନ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୫୨ ରନରେ ୫ ଉଇକେଟ ନେଇଥିଲେ। ୨୦୧୮ରେ ଏଜବାଷ୍ଟନଠାରେ ଇଂଲଣ୍ଡ ବିପକ୍ଷରେ ମଧ୍ୟ ସେ ୬୨ ରନ ବିନିମୟରେ ୪ ଉଇକେଟ ପାଇଥିଲେ।

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ**
ପୃଥ୍ୱୀ-ବୋ-ଷ୍ଟାର୍କ-୦
ମୟଙ୍କ-ବୋ-କମିନ୍ସ-୧୭
ପୂଜାରା-କ-ଲାବୁସ୍କାନ-ବୋ-ଲିୟନ-୪୩
କୋହଲି-ରନ୍‌ଆଉଟ-୭୪
ରାହାନେ-ଏଲବିଡବ୍ଲ୍ୟୁ-ଷ୍ଟାର୍କ-୪୨
ହନୁମା-ଏଲବିଡବ୍ଲ୍ୟୁ-ହାଜେଲ୍‌ଉଡ୍-୧୬
ଋଦ୍ଧିମାନ-କ-ପେନ୍-ବୋ-ଷ୍ଟାର୍କ-୯
ଅଶ୍ୱିନ-କ-ପେନ୍-ବୋ-କମିନ୍ସ-୧୫
ଉମେଶ-କ-ୱାଡେ-ବୋ-ଷ୍ଟାର୍କ-୬
ବୁମ୍‌ରା-ନଟଆଉଟ-୪
ଶାମି-କ-ହେଡ୍-ବୋ-କମିନ୍ସ-୦
ଅତିରିକ୍ତ-୧୮
ମୋଟ(ଅଲଆଉଟ, ୯୩.୧ ଓଭର) ୨୪୪।
ଉଇକେଟ ପତନ୧/୦, ୨/୩୨, ୩/୧୦୦, ୪/୧୮୮, ୫/୧୯୬, ୬/୨୦୬, ୭/୨୩୩, ୮/୨୩୫, ୯/୨୪୦।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୨୧-୫-୫୩-୪
ହାଜେଲ୍‌ଉଡ୍ ୨୦-୬-୪୭-୧
କମିନ୍ସ ୨୧.୧-୭-୪୮-୩
ଗ୍ରୀନ୍ ୯-୨-୧୫-୦
ଲିୟନ ୨୧-୨-୬୮-୧
ଲାବୁସ୍କାନ ୧-୦-୩-୦।

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**
ୱାଡେ-ଏଲବିଡବ୍ଲ୍ୟୁ-ବୁମ୍‌ରା-୮
ବର୍ନ୍ସ-ଏଲବିଡବ୍ଲ୍ୟୁ-ବୁମ୍‌ରା-୮
ଲାବୁସ୍କାନ-ଏଲବିଡବ୍ଲ୍ୟୁ-ଉମେଶ-୪୭
ସ୍ମିଥ-କ-ରାହାନେ-ବୋ-ଅଶ୍ୱିନ-୧
ହେଡ୍-କ ଆଣ୍ଡ ବୋ-ଅଶ୍ୱିନ-୭
ଗ୍ରୀନ୍-କ-କୋହଲି-ବୋ-ଅଶ୍ୱିନ-୧୧
ପେନ୍-ନଟଆଉଟ-୭୩
କମିନ୍ସ-କ-ରାହାନେ-ବୋ-ଉମେଶ-୦
ଷ୍ଟାର୍କ-ରନଆଉଟ-୧୫
ଲିୟନ-କ-କୋହଲି-ବୋ-ଅଶ୍ୱିନ-୧୦
ହାଜେଲଉଡ୍-କ-ପୂଜାରା-ବୋ-ଉମେଶ-୮
ଅତିରିକ୍ତ-୩
ମୋଟ(ଅଲଆଉଟ, ୭୨.୧ ଓଭର) ୧୯୧
ଉଇକେଟ ପତନ: ୧/୧୬, ୨/୨୯, ୩/୪୫, ୪/୬୫, ୫/୭୯, ୬/୧୧୧, ୭/୧୧୧, ୮/୧୩୯, ୯/୧୬୭।
ବୋଲିଂ(ଭାରତ)
ଉମେଶ ୧୬.୧-୫-୪୦-୩
ବୁମ୍‌ରା ୨୧-୭-୫୨-୨
ଶାମି ୧୭-୪-୪୧-୦
ଅଶ୍ୱିନ ୧୮-୩-୫୫-୪

**ଭାରତ ଦ୍ୱିତୀୟ ଇନିଂସ**
ପୃଥ୍ୱୀ-ବୋ-କମିନ୍ସ-୪
ମୟଙ୍କ-ନଟଆଉଟ-୫
ବୁମ୍‌ରା-ନଟଆଉଟ-୦
ଅତିରିକ୍ତ-୦
ମୋଟ(୧ ଉଇକେଟ, ୬ ଓଭର) ୯
ଉଇକେଟ ପତନ:୧/୭।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୩-୧-୩-୦
କମିନ୍ସ ୩-୨-୬-୧।

## ଫାଇନାଲରେ ସିମରନଜିତ



**ନୂଆଦିଲ୍ଲୀ, ୧୮।୧୨(ପି.ଟି.):** ବିଶ୍ୱ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ସିମରନଜିତ କୌର (୬୦ କେଜି) ଜର୍ମାନୀର କଲୋନରେ ଚାଲିଥିବା ବକ୍ସିଂ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଶୁକ୍ରବାର ୟୁକ୍ରେନର ମାରିଆନା ବାସନେଟ୍ସଙ୍କୁ ୪-୧ରେ ପରାସ୍ତ କରିଛନ୍ତି। ଶନିବାର ଫାଇନାଲ ଅନୁଷ୍ଠିତ ହେବ। ଏକ ଲଢ଼େଇରେ ୨ ଥର ବିଶ୍ୱ ପଦକ ବିଜେତା ସୋନିଆ ଲାଥର (୫୭ କେଜି) ୟୁକ୍ରେନର ସ୍ନିଝାନା ଖୋଲୋଡକୋଭାଙ୍କୁ ୩-୨ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ପୂର୍ବରୁ ବାଇ ପାଇଥିବା ନିଜ ଦେଶର ମନୀଷାଙ୍କୁ ସେମିରେ ଭେଟିବେ ସୋନିଆ। ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ସତୀଶ କୁମାର (+୯୧ କେଜି) ୫-୦ରେ ମାଲଡୋଭାର ଜାଭାଷ୍ଟିନ ଆଲେକ୍ସେଲଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ସେ ଅତିକମ୍‌ରେ ଏକ ବ୍ରୋଞ୍ଜ ଜିତିବା ନିଶ୍ଚିତ କରିଛନ୍ତି। ୫୭ କେଜି ବିଭାଗରେ ମହମ୍ମଦ ହୁସାମୁଦ୍ଦିନ ମଧ୍ୟ ଜର୍ମାନୀର ଉମର ବାଜୱାଙ୍କୁ ୫-୦ରେ ହରାଇ ସେମିରେ ପହଞ୍ଚିଛନ୍ତି। ଅନ୍ୟ ଦୁଇ ୫୭ କେଜି ବିଭାଗ ଲଢ଼େଇରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଗୌରବ ସୋଲାଙ୍କି ସ୍ଥାନୀୟ ଖେଳାଳି ମୁରାଟ ୟିଲ୍ଡିରିମ୍‌ଙ୍କୁ ୩-୨ ଏବଂ କବିନ୍ଦର ସିଂ ଫ୍ରାନ୍ସର ସାମିଏଲ କିଷ୍ଟୋହୁରଙ୍କୁ ପରାସ୍ତ କରିଛନ୍ତି। ଗୁରୁବାର ହୋଇଥିବା ଲଢ଼େଇରେ ଅମିତ ଫଙ୍ଗାଲ ୫୨ କେଜି ବିଭାଗ ସେମିଫାଇନାଲରେ ପ୍ରବେଶ କରିଥିଲେ।

# ପ୍ରଥମ ଟି୨୦: ପାକିସ୍ତାନକୁ ହରାଇଲା ନ୍ୟୁଜିଲାଣ୍ଡ

**ଅକ୍‌ଲାଣ୍ଡ, ୧୮।୧୨(ଏପି)**

ଭ୍ରମଣକାରୀ ପାକିସ୍ତାନ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚରେ ପଦାର୍ପଣ କରି ଦ୍ରୁତ ବୋଲର ଜାକବ ଡୁଫି ୩୩ ରନ ବିନିମୟରେ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରି ନ୍ୟୁଜିଲାଣ୍ଡକୁ ବିଜୟୀ କରାଇଛନ୍ତି। ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୫୩ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୮.୫ ଓଭରରେ ୫ ଉଇକେଟ ହରାଇ ୧୫୬ ରନକରି ବିଜୟୀ ହୋଇଛି। ଜ୍ୟାକବ ଡୁଫି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ୩ ମ୍ୟାଚବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହୋଇଛି।



ଟିମ୍ ସିଫର୍ଟ

୧୫୪ ରନ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ୨୧ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୬ ଓ ଡେଭନ କନୱେ ୫ ରନ କରି ପ୍ରଥମେ ଆଉଟ ହୋଇଥିଲେ। ତେବେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟିମ୍ ସିଫର୍ଟ ୫୭ ରନ(୪୩ ବଲ, ୬ ଚୌକା, ୧ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳି ସ୍ଥିତି ସମ୍ଭାଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କ ଚାପ୍‌ମ୍ୟାନ ୩୪ (୨୦ ବଲ, ୪ ଚୌକା, ୧ ଛକା), ଗ୍ଲେନ ଫିଲିପ୍ସ ୨୩ ରନ କରି ଆଉଟ ହୋଇଥିଲେ। ଶେଷରେ ଜେମ୍ସ ନିଶାମ ୧୫ ଓ ଅଧିନାୟକ ମିଚେଲ ସାଣ୍ଟନର ୧୨ ରନ କରି ଅପରାଜିତ ରହି ଦଳକୁ ଜିତାଇଥିଲେ। ବୋଲିଂରେ ପାକିସ୍ତାନ ପକ୍ଷରୁ ହାରିସ ରୌଫ ୩ ଓ ଶାହିନ ଆଫ୍ରିଦି ୨ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ଅଧିନାୟକ ସଦାବ ଖାଁ ସର୍ବାଧିକ ୪୨ ରନ (୩୨ ବଲ, ୨ ଚୌକା, ୩ ଛକା) ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫହିମ ଆଶ୍ରଫ୍ ୩୧, ଇମାଦ ୱାସିମ ୧୯, ଖୁସ୍‌ଦିଲ ଶାହା ୧୬, ମହମ୍ମଦ ରିଜ୍‌ୱାନ ୧୭ ରନକରି ଆଉଟ ହୋଇଥିବା ବେଳେ ଶାହିନ ଆଫ୍ରିଦି ୧୦ ରନକରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ନିୟମିତ ଅନ୍ତରରେ ଉଇକେଟ ହରାଇବା କାରଣରୁ ପାକିସ୍ତାନ ବଡ଼ ସ୍କୋର କରିପାରି ନ ଥିଲା। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଜ୍ୟାକବ ସର୍ବାଧିକ ୪, ସ୍କଟ କୁଗେଲେଜିନ ୩, ଇଶ୍ ସୋଧି ଓ ବ୍ଲେୟାର ଟିକ୍‌ନର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୫୩/୯ (ସଦାବ- ୪୨, ଫହିମ- ୩୧, ରିଜ୍‌ୱାନ- ୧୭, ଇମାଦ-୧୯, ଖୁସ୍‌ଦିଲ- ୧୬, ଜ୍ୟାକବ- ୪/୩୩, କୁଗେଲେଜିନ୍- ୩/୨୭)। ନ୍ୟୁଜିଲାଣ୍ଡ ୧୮.୫ ଓଭରରେ ୧୫୬/୫ (ସିଫର୍ଟ- ୫୭, ଚାପମ୍ୟାନ- ୩୪, ଫିଲିପ୍ସ- ୨୩, ନିଶାମ- ୧୫*, ସାଣ୍ଟନର- ୧୨, ଶାହିନ- ୨/୨୭, ହାରିସ- ୩/୨୯ )।

# ଲକି, ଲେୱାଣ୍ଡୋସ୍କି ଫିଫା ଶ୍ରେଷ୍ଠ



ରବର୍ଟ ଲେୱାଣ୍ଡୋସ୍କି

**ଜେନିଭା, ୧୮।୧୨(ଏପି)**

ତାରକା ଫୁଟବଲର ତଥା ପୋଲାଣ୍ଡ ଅଧିନାୟକ ରବର୍ଟ ଲେୱାଣ୍ଡୋସ୍କି ଫିଫା ଶ୍ରେଷ୍ଠ ପୁରୁଷ ଖେଳାଳି ବିବେଚିତ ହୋଇଛନ୍ତି। ମତଦାନ ମାଧ୍ୟମରେ ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଭଳି ସୁପରଷ୍ଟାରଙ୍କୁ ପଛରେ ପକାଇ ଲେୱାଣ୍ଡୋସ୍କି ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ତରଫରୁ ଏହି ପୁରସ୍କାର ହାସଲ କରିଛନ୍ତି। ଏହି ତାରକା ଷ୍ଟ୍ରାଇକର ୨୦୨୦ରେ ୫୫ଟି ଗୋଲ ସ୍କୋର କରି ବେୟର୍ନ ମ୍ୟୁନିକ୍‌କୁ ଏକାଧିକ ଅନ୍ତର୍ଜାତୀୟ ତଥା ଘରୋଇ ଟୁର୍ନାମେଣ୍ଟରେ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରି ଏହି ସମ୍ମାନ ହାସଲ କରିଛନ୍ତି। ପୁରସ୍କାର ପାଇଁ ୩ ଜଣ ଖେଳାଳିଙ୍କୁ ସଂକ୍ଷିପ୍ତ ତାଲିକାରେ ସାମିଲ କରାଯାଇଥିଲା। ମେସି ଓ ରୋନାଲ୍ଡୋ ଏହି ତାଲିକାର ସାମିଲ ଥିଲେ ମଧ୍ୟ ଲେୱାଣ୍ଡୋସ୍କି ଶୀର୍ଷରେ ରହିଥିଲେ। ପୁରସ୍କାର ଚୟନ ପାଇଁ ହୋଇଥିବା ମତଦାନରେ ବିଭିନ୍ନ ଦେଶର ଅଧିନାୟକ, କୋଚ୍ ଓ ବଛାଯାଇଥିବା କେତେଜଣ ଖବରଦାତା ଓ ପ୍ରଶଂସକ ସାମିଲ ଥିଲେ। ଏ ନେଇ ଜୁରିକ୍‌ରେ ଫିଫା ଏକ ଭର୍ଚୁଆଲ ଉତ୍ସବର ଆୟୋଜନ କରିଥିଲା। ତେବେ ଫିଫା ଅଧ୍ୟକ୍ଷ ଜିଆନି ଇନ୍‌ଫାଣ୍ଟିନୋ ମ୍ୟୁନିକ ଯାଇ ବ୍ୟକ୍ତିଗତ ଭାବେ ଟ୍ରଫି ପ୍ରଦାନ କରିଥିଲେ। ୨୦୧୮ରେ ମଧ୍ୟ ଲେୱାଣ୍ଡୋସ୍କି ଏହି ପୁରସ୍କାର ଦୌଡ଼ରେ ଥିଲେ। ତେବେ ସେତେବେଳେ କ୍ରୋଏସିଆ ଓ ରିୟଲ ମାଡ୍ରିଡ ମିଡ୍‌ଫିଲ୍ଡର ଲୁକା ମୋଡ୍ରିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ରୋନାଲ୍ଡୋ ଓ ମେସିଙ୍କ କାରଣରୁ ଗତ ୧୩ ବର୍ଷ ହେଲା ଲିୱାଣ୍ଡୋସ୍କି ଏହି ପୁରସ୍କାର ହାସଲରୁ ବଞ୍ଚିତ ହୋଇଆସୁଥିଲେ। ମତଦାନରେ ଲେୱାଣ୍ଡୋସ୍କି ୫୨ ଭୋଟିଂ ପଏଣ୍ଟ ପାଇଥିବା ବେଳେ ରୋନାଲ୍ଡୋ ୩୮ ପାଇ ଦ୍ୱିତୀୟ ଓ ମେସି ୩୫ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଇଂଲଣ୍ଡର ଲକି ବ୍ରୋଞ୍ଜ୍ ମତଦାନ ମାଧ୍ୟମରେ ଶ୍ରେଷ୍ଠ ମହିଳା ଫୁଟବଲର ବିବେଚିତ ହୋଇଛନ୍ତି। ଇଂଲଣ୍ଡର ପ୍ରଥମ ଖେଳାଳିଭାବେ ବ୍ରୋଞ୍ଜ୍ ଫିଫାର କୌଣସି ବ୍ୟକ୍ତିଗତ ପୁରସ୍କାର ହାସଲ କରିଛନ୍ତି। ଲିୟନ କ୍ଲବ ତରଫରୁ ପ୍ରତିନିଧିତ୍ୱ କରି ସେ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିଥିଲେ। ଏବେ ସେ ମାଞ୍ଚେଷ୍ଟର ସିଟିରେ ଯୋଗ ଦେଇଛନ୍ତି। ବ୍ରୋଞ୍ଜ୍ ତାଙ୍କ ଲିୟନ ଦଳୀୟ ସାଥୀ ୱେଣ୍ଡି ରେନାର୍ଡ ଓ ପେରନାଇଲ ହାର୍ଡରଙ୍କୁ ପଛରେ ପକାଇ ଏହି ପୁରସ୍କାର ପାଇଛନ୍ତି। ବ୍ରୋଞ୍ଜଙ୍କୁ ୫୨ ପଏଣ୍ଟ ମିଳିଥିଲା। ସେହିପରି ହାର୍ଡର ୪୦ ପଏଣ୍ଟ ପାଇ ଦ୍ୱିତୀୟ ଓ ରେନାର୍ଡ ୩୫ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୦୮ରେ ରୋନାଲ୍ଡୋ ଏହି ପୁରସ୍କାର ଜିତିଥିଲେ। ତେବେ ଏହାପରଠାରୁ ସ୍ୱେନ୍ ବାହାରୁ ଲେୱାଣ୍ଡୋସ୍କି ପ୍ରଥମ ପୁରୁଷ ଖେଳାଳିଭାବେ ଏହି ପୁରସ୍କାର ଜିତିଛନ୍ତି। ୧୯୯୧ରେ ଫିଫା ଏହି ପୁରସ୍କାର ପ୍ରଦାନ କରିଆସୁଛି। ତେବେ ପୂର୍ବରୁ କୌଣସି ବେୟର୍ନ ଖେଳାଳି ଏହି ପୁରସ୍କାର ପାଇ ନ ଥିଲେ।

ସେହିପରି ବୋରୁସିଆ ଡର୍ଟମଣ୍ଡ ପୂର୍ବତନ କୋଚ୍ ଜର୍ଜେନ କ୍ଲୋପ୍ କ୍ରମାଗତ ଦ୍ୱିତୀୟବର୍ଷ ପାଇଁ ଶ୍ରେଷ୍ଠ କୋଚ୍ ବିବେଚିତ ହୋଇଛନ୍ତି। କ୍ଲୋପ୍‌ଙ୍କ ତତ୍ତ୍ୱାବଧାନରେ ଲିଭରପୁଲ ଇଂଲଣ୍ଡ ପାଇଁ ଗତ ୩୦ ବର୍ଷ ମଧ୍ୟରେ ପ୍ରଥମଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ବେୟର୍ନ ମ୍ୟୁନିକ କୋଚ୍ ହାନ୍ସି ଫ୍ଲିକ୍ ମଧ୍ୟ ସମାନ ଭୋଟ ପାଇଥିଲେ। ତେବେ କ୍ଲୋପ୍ ଜାତୀୟ ଟିମ୍ କୋଚ୍‌ମାନଙ୍କ ଭୋଟ ଅଧିକ ପାଇଥିବାରୁ ଟାଇବ୍ରେକରରେ ବାଜି ମାରିଥିଲେ। ନେଦରଲାଣ୍ଡ୍ସର ସାରିନା ୱିଗମ୍ୟାନ ଶ୍ରେଷ୍ଠ ମହିଳା କୋଚ୍ ବିବେଚିତ ହୋଇଛନ୍ତି। ଏହି କ୍ରମରେ ସେ ଲିୟନର ଜିନ- ଲୁକ ଭାସେଉର ଓ ଚେଲିସିର ଇମ୍ମା ହାୟେସଙ୍କୁ ପଛରେ ପକାଇଛନ୍ତି। ସାରିନାଙ୍କ ତତ୍ତ୍ୱାବଧାନରେ ନେଦରଲାଣ୍ଡ୍ସ ୨୦୧୯ ମହିଳା ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ସେ ଆସନ୍ତାବର୍ଷ ଇଂଲଣ୍ଡର କୋଚ୍ ପଦ ସମ୍ଭାଳିବେ। ସେହିପରି କୋରିଆ ଫୁଟବଲର ତଥା ଟୋଟେନହାମ୍ ହଟ୍ସପୁର ତରଫରୁ ଖେଳୁଥିବା ସନ୍ ହେଉଙ୍ଗ-ମିନ୍ ଶ୍ରେଷ୍ଠ ଗୋଲ ପାଇଁ ପୁସ୍କାସ ପୁରସ୍କାର ଜିତିଛନ୍ତି।

ସେହିପରି ଶିଶୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅଭିଯାନ ଚଳାଇଥିବା ମାଞ୍ଚେଷ୍ଟର ୟୁନାଇଟେଡ ତଥା ଇଂଲଣ୍ଡ ଫରୱାର୍ଡ ମାର୍କସ ରାଶଫୋର୍ଡଙ୍କୁ ଫିଫା ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଛି। ସମାଜ ମଙ୍ଗଳ କାର୍ଯ୍ୟପାଇଁ ଫିଫା ତାଙ୍କୁ ୧ଲକ୍ଷ ଆମେରିକୀୟ ଡଲାର ପ୍ରଦାନ କରିଛି। ସେହିପରି ଶ୍ରେଷ୍ଠ ଗୋଲକିପର ଭାବେ ଜର୍ମାନୀ ତଥା ବେୟର୍ନ ମ୍ୟୁନିକର ମାନୁଏଲ ନେଉର ସମ୍ମାନିତ ହୋଇଛନ୍ତି। ଫ୍ରାନ୍ସ ଓ ଲିୟନ ଗୋଲକିପର ସାରା ବୌହାଡି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ନିଜ ଫେଭରାଇଟ୍ ଦଳ ବ୍ରାଜିଲର ମ୍ୟାଚ ଦେଖିବା ପାଇଁ ୧୧ ଘଣ୍ଟା ଚାଲିକରି ଆସିଥିବା ମାରିଭାଲ୍ଡୋ ଫ୍ରାନ୍ସିସ୍କୋ ଡା’ ସିଲଭାଙ୍କୁ ଫ୍ୟାନ୍ ଆୱାର୍ଡ ପ୍ରଦାନ କରାଯାଇଥିଲା।

### ଫିଫା ପୁରସ୍କାର ତାଲିକା ୨୦୨୦

- ➢ଶ୍ରେଷ୍ଠ ପୁରୁଷ ଖେଳାଳି: ରବର୍ଟ ଲେୱାଣ୍ଡୋସ୍କି (ପୋଲାଣ୍ଡ/ ବେୟର୍ନ ମ୍ୟୁନିକ୍)
- ➢ଶ୍ରେଷ୍ଠ ମହିଳା ଖେଳାଳି: ଲକି ବ୍ରୋଞ୍ଜ୍ (ଇଂଲଣ୍ଡ/ ମାଞ୍ଚେଷ୍ଟର ସିଟି)
- ➢ଶ୍ରେଷ୍ଠ ପୁରୁଷ ଗୋଲକିପର: ମାନୁଏଲ ନେଉର (ଜର୍ମାନୀ/ ବେୟର୍ନ ମ୍ୟୁନିକ୍)
- ➢ଶ୍ରେଷ୍ଠ ପୁରୁଷ କୋଚ୍: ଜର୍ଜେନ କ୍ଲୋପ (ଲିଭରପୁଲ)
- ➢ଶ୍ରେଷ୍ଠ ମହିଳା ଗୋଲକିପର: ସାରା ବୌହାଡି (ଫ୍ରାନ୍ସ)
- ➢ଶ୍ରେଷ୍ଠ ମହିଳା କୋଚ୍: ସାରିନା ୱିଗ୍‌ମ୍ୟାନ (ନେଦରଲାଣ୍ଡ୍ସ)
- ➢ଫେୟାର ପ୍ଲେ ଆୱାର୍ଡ: ମାଟିଆ ଆଗ୍ନିସ(ଇଟାଲୀ)
- ➢ପୁସ୍କାସ ଆୱାର୍ଡ: ସନ ହେଉଙ୍ଗ-ମିନ(ଦକ୍ଷିଣ କୋରିଆ/ ଟୋଟେନହାମ)
- ➢ଫ୍ୟାନ ଆୱାର୍ଡ: ମାରିଭାଲ୍ଡୋ ଫ୍ରାନ୍ସିସ୍କୋ ଡା ସିଲ୍‌ଭା (ବ୍ରାଜିଲ)



ପୁରସ୍କାର ସହ ଲେୱାଣ୍ଡୋସ୍କି



ଲକି ବ୍ରୋଞ୍ଜ୍

# ସ୍ମୃତିରେ... ୨୦୨୦

ଆଉ ଦିନ କେତୋଟି ପରେ ବିଦାୟ ନେବ ୨୦୨୦। ଆରମ୍ଭରୁ ଅଜଣା ଆଶଙ୍କା ପୁଣି ପରବର୍ତ୍ତୀ ସମୟରେ ଭୟ। ବିଦାୟୀ ବର୍ଷକୁ କବଳିତ କରିଥିଲା ମହାମାରୀ କରୋନା। ଉତ୍ତର ଓଡ଼ିଶାରେ ସଂକ୍ରମଣ ବୃଦ୍ଧିର ଅନ୍ୟତମ କାରଣ ସାଜିଥିଲେ ପଶ୍ଚିମବଙ୍ଗ ଫେରନ୍ତା। ଜୀବନ ଜୀବିକାକୁ ନେଇ ସବୁଆଡ଼େ ସୃଷ୍ଟି ହୋଇଥିଲା ବିଷମ ପରିସ୍ଥିତି। ଏହି ସଙ୍କଟ ସମୟରେ ନିଜର କରିସ୍ମା ଦେଖାଇ କେତେଜଣ ଆସିଥିଲେ ଚର୍ଚ୍ଚାର ପରିଧିକୁ। ଏଥିସହ ବାତ୍ୟା ଅମ୍ଫାନର ପ୍ରକୋପ, ଉପ ନିର୍ବାଚନ ତାତି, ବନ୍ୟପ୍ରାଣୀଙ୍କ ଜୀବନହାନି ଆଦି ବିଦାୟୀବର୍ଷ ପାଇଁ ଥିଲା ଘଟଣା ବହୁଳ....

# ମହାମାରୀରେ ଚର୍ଚ୍ଚିତ



## ପୋଷ୍ଟକାର୍ଡରେ ଜଉକଣ୍ଢେଇ

ଜଉକଣ୍ଢେଇ, ବାଲେଶ୍ୱର କଳା ସଂସ୍କୃତିର ଅନ୍ୟତମ ପ୍ରତୀକ। ତେବେ ଏଇ ଜଉକଣ୍ଢେଇ ଏବର୍ଷ ପୋଷ୍ଟକାର୍ଡରେ ସ୍ଥାନ ପାଇଛି। ପାରମ୍ପରିକ ଲୋକକଳା ଜଉକଣ୍ଢେଇକୁ ଶଙ୍ଖାରି ଜାତିର ଲୋକେ ପୁରୁଷାନୁକ୍ରମେ ଗଢ଼ି ଆସୁଛନ୍ତି। ଦୁଇ ଦଶନ୍ଧି ଧରି ବାଲେଶ୍ୱରର କଳାକାର, କଳାପ୍ରେମୀ, ବୁଦ୍ଧିଜୀବୀମାନେ ଏହାକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ଦେଶର ପାରମ୍ପରିକ କଣ୍ଢେଇ କଳାକୁ ଉଜ୍ଜୀବିତ କରାଯାଉଛି। ବିଶ୍ୱ ପୋଷ୍ଟକାର୍ଡ ଦିବସ (ଅକ୍ଟୋବର-୧) ଅବସରରେ ବିଭିନ୍ନ ରାଜ୍ୟର ପ୍ରମୁଖ ୧୨ଟି ପାରମ୍ପରିକ କଣ୍ଢେଇକୁ ପୋଷ୍ଟକାର୍ଡରେ ସ୍ଥାନିତ କରି ଅନ୍‌ଲାଇନ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ଏଥିରେ ଓଡ଼ିଶାର ପାରମ୍ପରିକ କଣ୍ଢେଇ ଭାବରେ ବାଲେଶ୍ୱର ଜଉକଣ୍ଢେଇକୁ ସ୍ଥାନିତ କରାଯାଇଥିଲା।

## ୟୁଟ୍ୟୁବ୍ ହିରୋ


ପରେଶ ପାତ୍ର

କରୋନା ମହାମାରୀ ତାଙ୍କୁ ଦେଇଛି ଭିନ୍ନ ପରିଚୟ। ଏବେ ସାଜିଛନ୍ତି ୟୁଟ୍ୟୁବ୍ ହିରୋ। ସେ ହେଲେ କେନ୍ଦୁଝର ସହର ନିହାଲସିଂସାହିର ପରେଶ ପାତ୍ର। କମ୍ ବୟସରେ ୟୁଟ୍ୟୁବ୍‌ରେ ୬୦ରୁ ଉର୍ଦ୍ଧ୍ୱ ଭିଡିଓରେ ଆଲବମ୍ ହିରୋ ଭାବେ ଅଭିନୟ କରି ସାରିଛନ୍ତି। ହିଟ୍ ଗୀତର ଟ୍ରାକ୍‌ରେ ନୃତ୍ୟ କରିବା ସହ ତାକୁ ଏଡିଟିଂ ବି କରିଥାନ୍ତି। ପାଠ ପଢ଼ା ସାଙ୍ଗକୁ ନୃତ୍ୟଗୀତରେ ରୁଚି ଯୋଗୁ ସହରର କେତେକ ସଙ୍ଗୀତ ଅନୁଷ୍ଠାନରେ ନୃତ୍ୟଗୀତ ଶିକ୍ଷା ଲାଭ କରିଥିଲେ ସେ। ଏହା ପରେ ନିଜେ ଏକ ସଙ୍ଗୀତ ଅନୁଷ୍ଠାନ ଖୋଲି ଶିକ୍ଷାଦେବା ସହ ନିଜେ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଛନ୍ତି। ଚାକିରି ଆଶା ରଖିଥିଲେ ବି ଏବେ ଅଭିନୟ ସାଙ୍ଗକୁ ନିଜର ଅଟୋ ଚଳାଉଛନ୍ତି। ମାସିକ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ପରେଶ ଅଭିନୟ ସହ ଅନ୍ୟ କାମକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛନ୍ତି।

## ମିଷ୍ଟର ଇଣ୍ଡିଆ ହଙ୍କ ଅନୁପମ୍




ମିଷ୍ଟର ଇଣ୍ଡିଆ ହଙ୍କ-୨୦୨୦' ଟାଇଟଲ ହାସଲ କରିଛନ୍ତି ବାଲେଶ୍ୱର ସହର ରାଣୀପାଟଣାସ୍ଥିତ ବ୍ୟାଙ୍କ କଲୋନୀର ଅନୁପମ୍ ମିଶ୍ର। ଚଳିତବର୍ଷ କରୋନା ମହାମାରୀ ସମୟରେ ଦିଲ୍ଲୀଠାରେ ସର୍ବଭାରତୀୟ ସ୍ତରର ଷ୍ଟାଇଲ୍ ଫିଏଷ୍ଟା ଆସୋସିଏଟ୍ ପାର୍ଟନର୍ସ ଆମାଜିଙ୍ଗ ଏଗ୍ରା ଆଣ୍ଡ ଗ୍ରୁମ ଆଣ୍ଡ ଗ୍ଲାମର ପକ୍ଷରୁ ଆୟୋଜିତ 'ଇଣ୍ଡିଆସ ଅନଲାଇନ୍ ଫ୍ୟାଶନ୍ ପେଜାଣ୍ଟ' ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମା' ଅନୁପମା ଓ ପିତା ପରମେଶ୍ୱର ମିଶ୍ରଙ୍କ ପୁତ୍ର ଅନୁପମ୍ ଶିଶୁ କଳାକାର ଭାବେ 'ପଥର ଖସିଲା ବଡ଼ଦେଉଳୁ' ଓଡ଼ିଆ ଫିଲ୍ମରେ ଅଭିନୟ କରି ପ୍ରଶଂସା ସାଉଁଟିଥିଲେ।

## ସାଇକେଲରେ ମୁମ୍ବାଇରୁ


ଦିବ୍ୟରଞ୍ଜନ

ଲକ୍‌ଡାଉନ ବେଳେ ସଙ୍ଗିନ ହୋଇପଡ଼ିଥିଲା ଜୀବନ ଜୀବିକା। ବାହାର ରାଜ୍ୟରେ କାମ କରୁଥିବା ଓଡ଼ିଆ ଘରକୁ ଫେରିବାକୁ ବ୍ୟାକୁଳ ହୋଇପଡ଼ିଥିଲେ। କିଏ ଚାଲି ଚାଲି ତ ଆଉ କେହି ଲୁଚି ଛପି ଘରକୁ ପଳାଇ ଆସିଥିଲେ। ତେବେ ମହାମାରୀରୁ ରକ୍ଷା ପାଇବା ପାଇଁ ଦୀର୍ଘ ୧୬ଶହ କି.ମି ସାଇକେଲ ଯୋଗେ ମୁମ୍ବାଇରୁ ନିଜ ଗ୍ରାମ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଗେଣ୍ଡାଗଡ଼ିଆ ଗ୍ରାମକୁ ଫେରିଥିଲେ ଦିବ୍ୟରଞ୍ଜନ ଲେଙ୍କା। ସୁଦୂର ରାସ୍ତାକୁ ୧୦ଦିନ ମଧ୍ୟରେ ଅତିକ୍ରମ କରି ନିଜ ଲକ୍ଷ୍ୟସ୍ଥଳରେ ସେ ପହଞ୍ଚି ପାରିଥିଲେ। ସେହିପରି ଲକ୍‌ଡାଉନରେ ଫସି ରହିଥିବା ପ୍ରବାସୀଙ୍କ ମଧ୍ୟରୁ ବିଶୋଇ ବ୍ଲକ ଲୁହାକାନି ଅଞ୍ଚଳର ଜଣେ ମହିଳାଙ୍କ ସମେତ ୮ଜଣ ସାଇକେଲ ଯୋଗେ ଚେନ୍ନାଇରୁ ନିଜ ଜନ୍ମ ମାଟିକୁ ଫେରିଥିଲେ। ଦୀର୍ଘ ୧୬ଶହ କିମି ରାସ୍ତା ଅତିକ୍ରମ କରିବାକୁ ସେମାନଙ୍କୁ ବହୁ ବାଧାବିଘ୍ନ ସହିବାକୁ ପଡ଼ିଥିଲା।

## ବାଣ୍ଟିଲେ ହଜାର, ହଜାର ମାସ୍କ



କରୋନା ମହାମାରୀର ଭୟାବହତା ଭିତରେ ସେବା ଯୋଗାଇ ଦେଉଥିବା ସ୍ୱାସ୍ଥ୍ୟକର୍ମୀ ଓ ପୋଲିସ ବାହିନୀ ପାଇଁ ମାସ୍କର ଘୋର ଅଭାବ ପଡ଼ିଥିଲା। ଏହି ସମୟରେ ସହଯୋଗର ହାତ ବଢାଇଥିଲେ ମୟୂରଭଞ୍ଜ ଜିଲା ବାରିପଦା ସହର ତକତପୁର ଅଞ୍ଚଳର ରାଜେନ୍ଦ୍ର କବାଟଙ୍କ ପରିବାର। ହଜାର ହଜାର ମାସ୍କ ତିଆରି କରି ବିନା ପାରିଶ୍ରମିକରେ କୋଭିଡ୍ ଯୋଦ୍ଧାଙ୍କୁ ବାଣ୍ଟିଥିଲେ। ଏହି ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଉକ୍ତ ପରିବାରକୁ ପ୍ରଶଂସା ସହିତ ଶୁଭେଚ୍ଛା ଜଣାଇଥିଲେ। ସ୍ୱାସ୍ଥ୍ୟ ସଙ୍କଟ ସମୟରେ ରାଜେନ୍ଦ୍ରଙ୍କ ପରିବାରର ଏଭଳି ମହତ୍ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟରରେ ଉଲ୍ଲେଖ କରିଥିଲେ। ସମ୍ପୃକ୍ତ ପରିବାର ଲୋକେ ହାତକୁ ସାନିଟାଇଜ କରି ଉତ୍ସାହର ସହ ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିଲେ। ୧୦ ହଜାରରୁ ଉର୍ଦ୍ଧ୍ୱ ମାସ୍କ ତିଆରି କରି ବାରିପଦା, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ଅଞ୍ଚଳର କୋଭିଡ୍ ଯୋଦ୍ଧାମାନଙ୍କୁ ଯୋଗାଇଥିବା କହିଥିଲେ ରାଜେନ୍ଦ୍ର।

## ପରପାରିରେ ଦୁଇ ପୂର୍ବତନ ମନ୍ତ୍ରୀ


ଅର୍ଜୁନ ଚରଣ ସେଠୀ     ଜଗନ୍ନାଥ ରାଉତ

ଭଦ୍ରକର ଧୂରୀଣ ରାଜନୀତିଜ୍ଞ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅର୍ଜୁନ ଚରଣ ସେଠୀଙ୍କର ଜୁନ୍ ୯ରେ ପରଲୋକ। ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କର ଜାନୁୟାରୀ ୨୪ରେ ଦେହାନ୍ତ ହୋଇଥିଲା।

## କେନ୍ଦୁଝରରେ ୫ ହାତୀ ମୃତ୍ୟୁ



କେନ୍ଦୁଝର ଜିଲା କୁଶକଳା ଗ୍ରାମରେ ନଭେମ୍ବର ୧୬ରେ କାଦୁଅରେ ଫଶି ୨ବର୍ଷର ହାତୀ ଛୁଆ, ସେପ୍ଟେମ୍ବର ୧୧ରେ ଜଘିରା ସେକ୍‌ସନରେ ୩ ବର୍ଷର ମାଈ ହାତୀ ଛୁଆର ମୃତ୍ୟୁ ହୋଇଥିବାବେଳେ ମେ' ୨୫ରେ ଚମ୍ପୁଆର ଚମକପୁଠାରେ ଥିବା ଧାନ ବିଲରୁ ଏକ ଅଣ୍ଡିରା ହାତୀର ମୃତଦେହ ଜବତ କରାଯାଇଥିଲା। ସେହିପରି ଯୋଡ଼ା ଅଞ୍ଚଳରେ ଜୁନ୍ ୧୪ରେ ବିଦ୍ୟୁତ ତାରରେ ୨ ହାତୀ ଶିକାର ହୋଇଥିଲେ। ଯେଉଁଥିରେ ହାତୀଙ୍କ ଦାନ୍ତ ଆଉ ଶୁଣ୍ଢ ନ ଥିଲା।

## ଉପନିର୍ବାଚନ ତାତି



ବାଲେଶ୍ୱର ନିର୍ବାଚନମଣ୍ଡଳୀର ବିଧାୟକ ମଦନମୋହନ ଦତ୍ତଙ୍କ ଜୁନ୍ ୧୭ରେ ମୃତ୍ୟୁ ହେବା ପରେ ନଭେମ୍ବର ୩ରେ ଉପନିର୍ବାଚନ ହୋଇଥିଲା। ଭାଜପା ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ପୁତ୍ର ମାନସ କୁମାର ଦତ୍ତଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ସୁପ୍ରିମୋ ସ୍ୱରୂପ କୁମାର ଦାସଙ୍କୁ ପ୍ରାର୍ଥୀ କରାଇ ସମସ୍ତଙ୍କୁ ଚକ୍‌ମା ଦେଇଥିଲେ। ସେହିପରି କଂଗ୍ରେସରୁ ମମତା କୁଣ୍ଡୁଙ୍କ ସମେତ ଅନ୍ୟ ୩ଜଣ ସ୍ୱାଧୀନ ପ୍ରାର୍ଥୀ ମୋଟ୍ ୬ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିଲେ। ଉପନିର୍ବାଚନ ମଇଦାନରେ ବିଜେଡି ପ୍ରାର୍ଥୀ ସ୍ୱରୂପ ବିଜୟ ମୁକୁଟ ପିନ୍ଧିଥିଲେ। କରୋନା ମହାମାରୀ ସମୟରେ ଉପନିର୍ବାଚନ ପରିଚାଳନା କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ଭୋଟରମାନେ ସାମାଜିକ ଦୂରତା ଓ ମାସ୍କ ପିନ୍ଧିବା ସହ କୋଭିଡ୍ ଗାଇଡ୍‌ଲାଇନ୍ ଅନୁସରଣ କରି ମତଦାନ କରିଥିଲେ।

## ଅମନଙ୍କ 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ'



ସିସିଟିଭି ପରେ ଲୋକଙ୍କ ସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ' ଯନ୍ତ୍ରାଂଶ ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଥିଲେ ୧୭ବର୍ଷୀୟ ଅମନ ଖାନ୍। ବାଲେଶ୍ୱର ସହର ଆଜିମାବାଦସ୍ଥିତ ଖପରାପଦାର ଅମନ ଏକ ଘରୋଇ ଆଇଟିଆଇ କଲେଜର ଇଲେକ୍ଟ୍ରିକାଲ ବିଭାଗର ୨ୟ ବର୍ଷର ଛାତ୍ର। ବିନା ଡାଟା ଏବଂ ବିଦ୍ୟୁତ୍ ସଂଯୋଗରେ ନିଜର ପ୍ରାଇଭେସି ଏରିଆକୁ କେହି ପ୍ରବେଶ କଲେ 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ' ଦ୍ୱାରା ସୂଚନା ମିଳିପାରିବ। ପୂର୍ବରୁ ବାଇ ସାଇକେଲ୍‌ରେ 'ସେନସର ବ୍ରେକଲାଇଟ୍', 'ଅଟୋମେଟିକ୍ ହ୍ୟାଣ୍ଡ ସାନିଟାଇଜର ମେଶିନ୍' ପ୍ରସ୍ତୁତ କରିସାରିଛନ୍ତି ସେ।

## ଅମ୍ଫାନ ଉଜାଡ଼ିଲା ୬୪ କୋଟି

ମେ' ମାସରେ ସଂଗଠିତ ହୋଇଥିଲା ବାତ୍ୟା 'ଅମ୍ଫାନ୍'। ଏଥିରେ ପ୍ରଭାବିତ ହୋଇଥିଲା ଭଦ୍ରକ ଜିଲା। କେତେକ ସ୍ଥାନରେ ଫସଲ ଉଜୁଡିଗଲା, ଛପର ଘର ମାଟିରେ ମିଶିଗଲା ତ ବଡ଼ ବଡ଼ ଗଛ ଆଉ ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ ହୋଇଥିଲା। କ୍ଷୟକ୍ଷତି ଆକଳନ ପାଇଁ ୪ ଜଣିଆ କେନ୍ଦ୍ରୀୟ ଟିମ୍ ଭଦ୍ରକ ଗସ୍ତରେ ଆସିଥିଲେ। ଅମ୍ଫାନ ପ୍ରଭାବରେ ଜିଲାରେ ୬୪ କୋଟି ୨୨ ଲକ୍ଷ ୯୬ ହଜାର ଟଙ୍କା କ୍ଷତି ହୋଇଥିବା ଏହି ଟିମ୍‌କୁ ସୂଚନା ଦେଇଥିଲେ ଜିଲାପାଳ ଜ୍ଞାନରଞ୍ଜନ ଦାସ।





## ଡାକ୍ତର ନିଯୁକ୍ତି ପାଇଁ ଚାଲିଲେ ୪୦ କି.ମି.

ଭଦ୍ରକ ଜିଲା ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଲାଗି ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଅଞ୍ଚଳର ଯୁବଗୋଷ୍ଠୀ ଜାନୁୟାରୀ ୧୬ରେ ୪୦ କି.ମି. ଚାଲି ଚାଲି ଯାଇ ଭଦ୍ରକରେ ପହଞ୍ଚିଥିଲେ। ସେଠାରେ ସେମାନେ ଜିଲା ପ୍ରଶାସନକୁ ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

## ଇଲେକ୍ଟ୍ରିକ୍ ବୟ ଜ୍ୟୋତିରଞ୍ଜନ



ଜ୍ୟୋତିରଞ୍ଜନ ପଣ୍ଡିତ, ଇଲେକ୍ଟ୍ରିକ୍ ବୟ ଭାବେ ଜଣାଶୁଣା। ବାଲେଶ୍ୱର ଜିଲା ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ମାଧପୁର ଗ୍ରାମର ଏହି ତରୁଣ ଭିନ୍ନ ଭିନ୍ନ ଇଲେକ୍ଟ୍ରୋନିକ୍ ସାମଗ୍ରୀ ତିଆରି କରନ୍ତି। ଆଉ ଶସ୍ତାରେ ବିକି ହୋଇଛନ୍ତି ଚର୍ଚ୍ଚିତ। ପିଲାଟି ଦିନରୁ ବିଭିନ୍ନ ଇଲେକ୍ଟ୍ରୋନିକ୍ ସାମଗ୍ରୀ ତିଆରି ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ହେଲେ ତାଙ୍କୁ ସେତେବେଳେ ଆବଶ୍ୟକ ଉପକରଣ ମିଳୁ ନ ଥିଲା। ତେବେ ମାଟ୍ରିକ ପାସ୍ କରିବା ପରେ ପ୍ରଥମେ ଟର୍ଚ୍ଚଲାଇଟ୍ ମରାମତି କାମ ଆରମ୍ଭ କରିଥିଲେ ସେ। ସେଥିରୁ କିଛି ଟଙ୍କା ରୋଜଗାର ହେଲା। ସେହି ଅର୍ଥରେ ସେ ଏଲ୍‌ଇଡ଼ି ବଲ୍‌ବ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ କିଣିଥିଲେ। ଆଉ ଭଳିକି ଭଳି ରଙ୍ଗର ଏଲ୍‌ଇଡ଼ି ବଲ୍‌ବ ପ୍ରସ୍ତୁତ କରି ଅଳ୍ପ ଦାମ୍‌ରେ ବିକ୍ରି କରିବା ଆରମ୍ଭ କରିଥିଲେ ଜ୍ୟୋତିରଞ୍ଜନ। ଯେତେବେଳେ ମାର୍କେଟ୍‌ରେ ଗୋଟିଏ ଏଲ୍‌ଇଡ଼ି ବଲ୍‌ବର ମୂଲ୍ୟ ୪୫୦ଟଙ୍କା, ସେ ସେହି ବଲ୍‌ବକୁ ମାତ୍ର ୧୫୦ଟଙ୍କାରେ ବିକ୍ରି କରିଥିଲେ। ଏହିପରି ଢେର ବଲ୍‌ବ ବିକିବାକୁ ସେ ସକ୍ଷମ ହୋଇଥିଲେ। ଏଥିସହିତ ପାୱାର ବ୍ୟାଙ୍କ୍, ଇନ୍‌ଭର୍ଟର୍, ଡ୍ରୋନ୍ ଭଳି ସାମଗ୍ରୀ ସେ ପ୍ରସ୍ତୁତ କରିସାରିଛନ୍ତି। ଅନ୍ୟପକ୍ଷରେ ଅଣ୍ଡାରୁ କୁକୁଡ଼ାଚିଆଁ ଫୁଟାଇବା ମେଶିନ ପ୍ରସ୍ତୁତ କରି ସ୍ଥାନୀୟ କୁକୁଡ଼ା ଚାଷୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି।

## ଖିଲିଖିଲି ହସ

ପପୁ– ବାପା ତୁମ ପାଇଁ ଗୋଟେ ଗୁଡ୍ ନ୍ୟୁଜ ଅଛି।
ବାପା– କ'ଣ, କହିଲୁ।
ପପୁ– ତମେ କହିଥିଲ ମୁଁ ପରୀକ୍ଷାରେ ଖାଲି ପାସ୍ କରିଗଲେ ମତେ ତମେ ୫ହଜାର ଟଙ୍କା ଦବ।
ବାପା– ହଁ, ତା'ହେଲେ...
ପପୁ– ଜାଣି ଖୁସି ହେବେ ଯେ ତମ ଟଙ୍କା ବଞ୍ଚିଗଲା।

...............

ବାପା– ପୁଅ ତୁ ଯଦି ତୋ ବୋଉ ପର୍ସରୁ ମତେ ଶହେ ଟଙ୍କା ଆଣି ଦବୁ ତା'ହେଲେ ମୁଁ ତତେ ୧୦ ଟଙ୍କା ଦେବି।
ପୁଅ– ନାଇଁ ବାପା, ଏତେ ଶସ୍ତାରେ ମୁଁ ଏ କାମ କରିପାରିବିନି। କାରଣ ତୁମ ପର୍ସରୁ ଏଇ କାମ କରିବା ପାଇଁ ବୋଉ ମତେ ୨୦ ଟଙ୍କା ଦିଏ।

## ତୁମ ପଢ଼ିବା ପାଇଁ

### ମୋ ଆଶା



ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଚଳିତ ବର୍ଷର ପୂଜାସଂଖ୍ୟାରେ ସୁନାର ଆତ, ପୁରୁଣା ବନ୍ଧୁତାର ମୂଲ୍ୟ, ଭାଲୁ ଭାଇନାର ବୁଦ୍ଧି ଆଦି ଶିକ୍ଷଣୀୟ ବିଷୟ ରହିଛି। ସୁମନ୍ତ ମହାରଣାଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ରହିଛି ୧୫ ଟଙ୍କା। ଯୋଗାଯୋଗ : 'ମୋ ଆଶା', ଲିଟିଲ୍ ଷ୍ଟାର୍ ଗ୍ରୁପ୍, ପାଟପୁର, ନିମାପଡା, ପୁରୀ, ପିନ୍–୭୫୨୧୦୬।

## ଆଇନା



ପ୍ରିନ୍ସ
୫ ବର୍ଷ

## କହିଲ ଦେଖି



ବାଘ ନ ହେଲେ ବି ମଣିଷ ନାଶେ
ମୋ ଲାଗି ଆତଙ୍କ ସମଗ୍ର ବିଶ୍ୱେ
ମୋତେ ମାରିବାକୁ ଚାଲିଛି ଚେଷ୍ଟା
ଦୂରେଇ ଯିବି ମୁଁ ରହିଲେ ନିଷ୍ଠା
ପ୍ରତିରୋଧ ପାଇଁ ସଜାଗ ହୁଅ
ଏବେ ଦେଖି ମୋର ନାମଟି କୁହ

**ଉତ୍ତର : କରୋନା**



ପରଦା ନ ହୋଇ ମୁହଁ ଘୋଡ଼ାଏ
ନାକ ଓ ପାଟିକୁ ସୁରକ୍ଷା ଦିଏ
ଧୂଳିକଣା ଆଉ ଭୂତାଣୁ ଜଗେ
କିଏ ମୁହିଁ ଏବେ କାମରେ ଲାଗେ

**ଉତ୍ତର : ମାସ୍କ**



ନିଦାଘ ଶେଷରେ ଆସଇ ଧରା
ଶୀତଳତା ଖେଳେ ପ୍ରକୃତି ସାରା
ମୋ ଯୋଗୁ ବର୍ଷଇ ବରଷା ଧାରା
ଝିଅଟିର ନାଆ ପାଇଛି
ଚାଷୀ କୁଳର ଭରଷା ମୁହିଁ
ଏବେ ପରା ଫେରିଯାଇଛି

**ଉତ୍ତର : ମୋସୁମି**



ଆସିବା ପୂର୍ବରୁ ବଜାଏ ଢୋଲ
ବିଜୁଳି ଆଲୋକ ଝଅଲ ମଲ
ଆକାଶୁଁ ତଳକୁ ଡିଏଁ
ମୋତେ ଚାହିଁଥାନ୍ତି ଏ ଜୀବଜଗତ
କୁହ ତୁମ ବନ୍ଧୁ କିଏ ?

**ଉତ୍ତର : ବର୍ଷା**

*–କବିଜ୍ୟୋତି ନିରଞ୍ଜନ ପତି, ଗାନ୍ଧିମାର୍ଗ, ଅନୁଗୋଳ*

## ଟଗଲା ଭୀମୁ




ଗିନିଜ୍ ୱାର୍ଲ୍ଡ ରେକର୍ଡ

## ପାଣି ଭିତରେ ପବନ ଫୋଟକା

ପିଲାମାନେ ତୁମେମାନେ କେବେ ପାଣିରେ ଫୋଟକା କରିଛ କି! ଅବଶ୍ୟ ନିଜେ କରି ନ ଥିଲେ ବି ଦେଖିଥିବ ନିଶ୍ଚୟ। କିନ୍ତୁ ଏକଥା ଜାଣିଲେ ଆଶ୍ଚର୍ଯ୍ୟ ହେବ କି ପାଣି ଭିତରେ ରହି ବି ଫୋଟକା କରିହେବ। ପାଣି ଭିତରେ ରହି ପବନ ଫୋଟକା କରି ଗିନିଜ୍ ୱାର୍ଲଡ ରେକର୍ଡ କରି ପାରିଛନ୍ତି ଆମେରିକାର ଲୋଗାନ ହାଲଭରସନ୍। ପାଣି ଭିତରେ ସେ ୧ ମିନିଟ୍ ରହିବା ପରେ ୪୮ ଥର ପାଣି ଫୋଟକା କରି ପାରିଛନ୍ତି। ତେବେ ତାଙ୍କର ପବନ ଫୋଟକାଗୁଡ଼ିକ ଏତେ ସ୍ପଷ୍ଟ ଥିଲା ଯେ ପ୍ରାୟ ୧ ମିଟର ପର୍ଯ୍ୟନ୍ତ ସ୍ପଷ୍ଟ ଦେଖାଯାଉଥିଲା। ପାଣି ଭିତରେ




ରହି ଲୋଗାନ କରିଥିବା ଏହି ରେକର୍ଡକୁ ଏପର୍ଯ୍ୟନ୍ତ କେହି ଭାଙ୍ଗି ପାରି ନାହାନ୍ତି।

## କବିତା



### ବାପା ପରି କିଏ ହେବେ

ବାପା ପରି କିଏ ହେବେ
ସେନହ ଆଦର ପଶୁଥିବ ଝରି
ହସି ଦେଉଥିବେ ଯେବେ ।
ବାପା ପରି କିଏ ହେବେ
ଅନ୍ଧାରକୁ ପଛ ଆଲୁଅ ଦେଖାଇ
ଛିଡାହୋଇଥିବେ ଯେବେ ।
ବାପା ପରି କିଏ ହେବେ
ଗହଳ ଚହଳ ଲୋକଙ୍କ ଭିତରେ
ହାତଧରିଥିବେ ଯେବେ ।
ବାପା ପରି କିଏ ହେବେ
ନଇଁ ପଡି ଧୀରେ ନାଉ କରି ନିଜେ
ବାଟ ଚାଲୁଥିବେ ଯେବେ ।
ବାପା ପରି କିଏ ହେବେ
କାନ୍ଧରେ ବସେଇ ଆକାଶକୁ ଚାହିଁ
ଜହ୍ନ ତୋଳୁଥିବେ ଯେବେ ।
ବାପା ପରି କିଏ ହେବେ
ବାହାରେ କଠୋର
ଭିତରେ କୋମଳ
ମନଟିଏ ଥିବ ଯେବେ ।
ବାପା ପରି କିଏ ହେବେ
ବିପଦ ବେଳାରେ ଘର ଛାତ ଭଳି
ପାଖେ ଥିବେ ସିଏ ଯେବେ ।
ବାପା ପରି କିଏ ହେବେ
ଦୁଃଖ ସବୁ ଯେତେ ନିଜ ହାତେ ପିଇ
ଖୁସି ବାଣ୍ଟୁଥିବେ ଯେବେ ।

**–ଶରତ କୁମାର ଦାସ**
*ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର*

### ସମୟ ଚକରେ ଶଗଡ଼ ଗଲା

ଗାଆଁକୁ ଆସିଛି ଶଗଡ଼ ଗାଡ଼ି
ପିଲାଏ ଦେଖନ୍ତି ବାନ୍ଧିଣ ଧାଡ଼ି।
ସେଥିରେ ଲାଗିଛି ଦୁଇଟି ଚକ
ପାଲର ଛାଉଣି ଚଅକ ଚକ ।
ଆଗରେ ଦୁଇଟି ବଳଦ ଛଡା
ଟାଣି ନେଉଛନ୍ତି ଅମଡା ମଡା।
ଶଗଡ଼ିଆ ଗାଡ଼ି ଉପରେ ବସି
ଗୀତ ଗାଇ ଗାଇ ଯାଏ ସେ ହସି ।
ମୁଣ୍ଡରେ ପଗଡି ବାନ୍ଧିଛି ଭିଡ଼ି
ହାତରେ ରଖିଛି ପାଞ୍ଚଣ ବାଡ଼ି ।
ଲୁଚିଲେ ସୂରୁଜ ପାହାଡ଼ ତଳେ
ଧରଣୀ ମାତାର ସାଗର କୋଳେ।
ଅଙ୍କା ବଙ୍କା ମାଟି ସଡ଼କ ଦେଇ
ଫେରିଯାଏ ପୁଣି ବେଳ ଅନେଇ।
ଧକଡ଼ ଚକଡ଼ ଶବଦ କରି
ଗଡୁଥାଏ କାଠ ଚକଟି ଘୂରି।
କୁଆଡ଼େ ଗଲା ସେ ପୁରୁଣା ଦିନ
ଉଭେଇ ଗଲା ଯେ ହୋଇ ଗଗନ ।
ଆଜିକାର ପିଲା ଜାଣନ୍ତି କାହିଁ
ଶଗଡ଼ ଗାଡ଼ିର ଦେଖା ବି ନାହିଁ ।

**–ଅମରନାଥ ବାରିକ୍**
*କୟାଁ, ମଙ୍ଗଳପୁର, ଯାଜପୁର*

### ଶୀତ ଋତୁ ମିତ ଋତୁ

ଆସିଲା ଶୀତ କର ସ୍ୱାଗତ
କୁନା ମୁନା ଚୁନା ଚୁନି,
ଗୀତ ଗାଇବା ନାଚ କରିବା
ଆସ ଆସ ମୁନା ମୁନି ।
ଋତୁରେ ଋତୁ ଶୀତ ଏ ଋତୁ
ବହେ ସୁଲୁ ସୁଲୁ ବାଆ,
ଆଈ ପଣତ ଉଷୁମ ସେତ
କୋଳେ ଧରିଥିଲେ ମାଆ ।
ଶୁଭ ପ୍ରଭାତ ହାଲୁକା ଶୀତ
ଲାଗଇ ବହୁତ ମଜା,
ଶୀତ ପୋଷାକ ମନ ମହକ
ରଙ୍ଗ ରାଇଜର ରାଜା ।
ଅଳସ କରି ଶୀତକୁ ଡରି
ଶୋଇବା ନାହିଁରେ ବେଶି,
ସଅଳ ଶେଯ ଛାଡିବା ହେଜ
ସଭିଏଁ ହେବେରେ ଖୁସି ।
ବାଡିରେ ଫୁଲ ଫୁଟିଛି ଭଲ
ବୁଲି ଆସିବାରେ ଥରେ,
ରବି କିରଣ କଅଁଳ ଜାଣ
ଦେହ ପାଇଁ ହିତ କରେ।
ଥଣ୍ଡା ଜାତୀୟ ଖାଇବା ପ୍ରିୟ
ଯେତେକ ଭଉଣୀ ଭାଇ,
ଦୂରେଇ ଟିକେ ରହିଲେ ସୁଖେ
ରହିବ ନୀରୋଗ ହୋଇ ।
ପରବ କେତେ ପାଳିବା ସତେ
ଉପଭୋଗ କରି ଶୀତ,
ବଣରେ ଭୋଜି ଆନନ୍ଦେ ମଜି
ବସିବା ମକର ମିତ ।

**–ଅନୀତା ପାଣି**
*ସାଉଥ୍ ବଲଣ୍ଡା, ତାଳଚେର,ଅନୁଗୋଳ*

### ଚାଳଘର

ଚାଳଘର ଥିଲା ମାଟିରେ ତିଆରି
ଶୀତଳ ପରଶ ତା'ର,
ଗୋମୟରେ ଲିପି ଦିଏ ବୋଉ ସଦା
ଆହା କେଡେ ମନୋହର।
ମାଟିର କାନ୍ଥରେ ଷଠିଘର ମୋର
ମୋ ଜନ୍ମ ପ୍ରମାଣଟିଏ,
କଉଡିରେ ସଜ୍ଜା ହୋଇଥାଏ ଯାହା
ମନ ମୋର ମୋହିନିଏ।
ମାଟି ମାଟି ବାସ୍ନା ଆହାକି ମଧୁର
ରୋଗଠାରୁ ରଖେ ଦୂରେ,
ପିଢାରେ ମାଡେ ତା'
ଲାଉ ପୁଁ କଖାରୁ
କେତେ ଫୁଲ କଷି ଧରେ।
ଶୀତ ଦିନେ ଭାରି ଉଷୁମ ଲାଗଇ
ଶୀତ ବସ୍ତ୍ର ଲୋଡା ନାହିଁ,
ଆଈ ମା' କାହାଣୀ
ଶୁଣି ଶୁଣି କେତେ
ନିଦରେ ଯାଏ ମୁଁ ଶୋଇ।
ବରଷା ଆସିଲେ ଓଳି ତଳେ ତା'ର
କାଗଜ ଡଙ୍ଗା ମୋ ଭାସେ,
ଟପ ଟପ ବର୍ଷା ଝରେ ଝରଝର
କିସୁନ୍ଦର ଆହା ଦିଶେ।
ଖରାଦିନ ହେଲେ ଚଟାଣରେ ତା'ର
ଶୋଇଯାଏ ସପ ପାରି,
ଚନ୍ଦନ ପରିକା ଶୀତଳ ଛୁଆଁ ତା'
କିଏ ହେବ ତା'ର ସରି।
ମଗୁଶିର ମାସ ଗୁରୁବାର ହେଲେ
ଆଙ୍କେ ଲକ୍ଷ୍ମୀ ପାଦ ବୋଉ,
ଝୋଟି ପକାଇ କି ବସାଏ ସେ ମାଣ
ଦିଶେ କେଡେ ଦାଉ ଦାଉ।
ଚଇତ୍ର ମାସର ମଙ୍ଗଳ ବାରରେ
ଖୁମ୍ବ ମୂଳେ ମା' ମଙ୍ଗଳା,
ପିଠାପଣା କରି ପୂଜେ ଭକତିରେ
ପିନ୍ଧାଏ ତାରିଣୀ ମାଳା।
ଚାଳଘର ଥିଲା ମୋ ରକ୍ଷା କବଚ
ଥିଲି ଯେବେ ଶିଶୁଟିଏ,
ଏବେ ବି ଝୁରୁଛି ଅତୀତକୁ ମୋର
ରୂପାଜହ୍ନ ସ୍ମୃତି ସିଏ।

**–ଅରୂପ କୁମାର ବିଶ୍ୱାଳ**
ପାରାଦୀପ, ଜଗତ୍‌ସିଂହପୁର



## ତୁମ ତୂଳୀରୁ





ଦେବାଂଶୁ ଆଚାର୍ଯ୍ୟ
କ୍ଲାସ– ୧, ଏସ୍.ଆର୍ ଡିଗି ସ୍କୁଲ, ସୁଚିତ୍ରା, ହାଇଦ୍ରାବାଦ





ସୌହାର୍ଦ୍ଦ ଶୁଭଜିତ
କ୍ଲାସ–୫, ସେଣ୍ଟ ଜୋସେଫ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର





ତ୍ରିନାଥ ନନ୍ଦୀ
କ୍ଲାସ– ୯, ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଜଳେଶ୍ୱର, ବାଲେଶ୍ୱର

## ସାଣ୍ଟାକ୍ଲଜର ସହଯୋଗୀ

ଗପ



ବଡଦିନ ପାଖେଇ ଆସିଲାଣି ବୋଲି ଟିଟୁନ୍‌ର ମନ ଭାରି ଖୁସି । ସାଣ୍ଟାକ୍ଲଜ ବେଶରେ ସେ ଗିଫ୍ଟ, ମିଠେଇ ବାଣ୍ଟିବ । ସେଥିପାଇଁ ସାଣ୍ଟାକ୍ଲଜର ଡ୍ରେସ ଦରକାର । ଏଣୁ ବାପାଙ୍କୁ କହିଛି ଡ୍ରେସ ଆଣିବା ପାଇଁ । ବାପା ପରିଶ୍ରମ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଖର୍ଚ୍ଚ ଚଳିଯାଏ । ତଥାପି ଏଥର ବାପା ତାଙ୍କ ଡ୍ରେସ ବାବଦ ଅର୍ଥରୁ ପୁଅ ପାଇଁ ସାଣ୍ଟାକ୍ଲଜର ଡ୍ରେସ ଆଣିବା ପାଇଁ ମନସ୍ଥ କରିଛନ୍ତି । ବଡଦିନର ତିନିଦିନ ପୂର୍ବରୁ ବଜାର ଗଲେ ଟିଟୁନର ବାପା। ଭଳିକି ଭଳି ସାଣ୍ଟାକ୍ଲଜର ଡ୍ରେସ ବଜାରରେ ବିକ୍ରି ହେଉଥାଏ । ପୁଅ ଟିଟୁନ ପାଇଁ ସୁନ୍ଦର ସାଣ୍ଟାକ୍ଲଜର ଡ୍ରେସଟିଏ କିଣିଲେ। ତାକୁ ଆଣି ଆସିବା ବାଟରେ ଏକ ନୂଆଁଣିଆ ଚାଳଘର ଦେଖିଲେ । ସେ ଚାଳଘର ବାରଣ୍ଡାରେ ବସି ଜଣେ ମହିଳା କାନ୍ଦୁଥାନ୍ତି । ଟିଟୁନର ବାପା ସେଠାକୁ ଯାଇ ପଚାରିବାରୁ ସେ କହିଲେ ମୋ ପୁଅ ବାପ ଛେଉଣ୍ଡ । ମୁଁ ଯାହା ରୋଜଗାର କରେ ସେଥିରେ ଆମ ମା, ପୁଅଙ୍କର ଖାଇବା ଖର୍ଚ୍ଚ ଚଳିଯାଏ ସିନା ତା'ର ଅନ୍ୟ ଆବଶ୍ୟକତାଗୁଡିକ ପୂରଣ କରିବା ସମ୍ଭବ ହୁଏନି । କରୋନା ଯୋଗୁଁ ରୋଜଗାର ମାନ୍ଦା। ଏଣୁ ତା' ପାଇଁ ମିଠେଇ, ସାଣ୍ଟାକ୍ଲଜର ଡ୍ରେସ କେମିତି ଆଣି ବି ଭାବି କାନ୍ଦ ଲାଗୁଛି । ଟିଟୁନର ବାପା ଏସବୁ ଶୁଣି ଭାରି ମନଦୁଃଖ କଲେ। ସେ ମହିଳାଙ୍କ ପୁଅ ଲୁବୁନକୁ ଡାକି ତା' ହାତରେ ଟିଟୁନ ପାଇଁ କିଣି ଆଣିଥିବା ସାଣ୍ଟାକ୍ଲଜର ଡ୍ରେସଟିକୁ ଦେଲେ ଓ କହିଲେ, 'ନିଅ ଏଇଟା ରଖ। ଏହାକୁ ପିନ୍ଧି ତୁମେ ସାଣ୍ଟାକ୍ଲଜ ବେଶରେ ବଡଦିନ ପାଳନ କରିବ।'

ବାପା ଘରକୁ ଫେରିଲା ପରେ ଟିଟୁନ ସବୁ କଥା ଶୁଣିଲା । ଟିଟୁନ କହିଲା ତାକୁ ଡ୍ରେସ ଦେଇ ତୁମେ ଠିକ କରିଛ ବାପା । ବଡଦିନରେ ଟିଟୁନ ମିଠେଇ ଧରି ଲୁବୁନ ପାଖକୁ ଗଲା । ଲୁବୁନ ସାଣ୍ଟାକ୍ଲଜର ଡ୍ରେସ ପିନ୍ଧି ଦାଣ୍ଡଦୁଆରେ ବସିଥାଏ । ଟିଟୁନ କହିଲା ମୁଁ ତୁମ ସହଯୋଗୀ। ଚାଲ ଏ ମିଠାତକ ନେଇ ପିଲାଙ୍କୁ ବାଣ୍ଟିବା । ଦୁହେଁ ମନଖୁସିରେ ଗାଁ ଭିତରକୁ ଗଲେ । ଫେରିବା ପରେ ସବୁକଥା ଜାଣିଲା ଲୁବୁନ। ଟିଟୁନ ଓ ତା' ବାପାଙ୍କ ତ୍ୟାଗ, ମହାନତା ପାଇଁ ତାଙ୍କୁ ଆଦର୍ଶ ଭାବରେ ଗ୍ରହଣ କଲା। ସେ ଦିନଠୁ ଦୁଇ ପରିବାର ମଧ୍ୟରେ ଘନିଷ୍ଠତା ବଢିଲା ଓ ଅସୁବିଧାବେଳେ ପରସ୍ପରକୁ ସାହାଯ୍ୟ କଲେ।

**–ଶୁଭନାରାୟଣ ଶତପଥୀ**
ସୁରକ୍ଷା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ୟୁନିଟ, ପୁରୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୯/୨୦୨୦ Bhubaneswar, Saturday, December 19/ 2020

# ସୁପରଲିଗ୍‌ରେ ୫ ଦଳ

## ଓସିଏ ଆନ୍ତଃ ଜିଲା ସିନିୟର ଟି୨୦

- ସର୍ବେଶ୍ୱର ମହାନ୍ତି, ପ୍ରତୀକ ଦାସ, ପ୍ରୟାସ ସିଂଙ୍କ ଶତକ
- ୩ ରନରେ ୫ ଉଇକେଟ ନେଲେ ଅଭିଷେକ ଗିରି

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ୯ଟି ଭେନ୍ୟୁରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପୁରୁଷ ଟି୨୦ କ୍ରିକେଟ ଲିଗ୍‌ରେ ଶୁକ୍ରବାର ରାଉରକେଲା, କଟକ-ଏ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ଜଗତ୍‌ସିଂହପୁର, ଭୁବନେଶ୍ୱର-ବି, ଭୁବନେଶ୍ୱର-ଏ, ପୁରୀ, ବରଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ଇକୋର୍ସା, କଟକ-ବି, ଖୋର୍ଦ୍ଧା, ଅନୁଗୋଳ, କୋରାପୁଟ ଓ ନବରଙ୍ଗପୁର ଦଳ ବିଜୟ ହାସଲ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ଭୁବନେଶ୍ୱର 'ଏ', 'ବି', କଟକ 'ଏ', ବାଲେଶ୍ୱର ଓ ଇକୋର୍ସା ସୁପରଲିଗ୍‌ରେ ପ୍ରବେଶ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ କଟକ-ଏ ୧୫୨ ରନରେ ମାଲକାନଗିରିକୁ ପରାସ୍ତ କରିଛି। ବିଜୟୀ ଦଳର ଅରବିନ୍ଦ ସିଂ ସର୍ବାଧିକ ୮୭ ରନ ସ୍କୋର କରିଥିଲେ। ରାଉରକେଲା ୪୬ ରନରେ ଗଜପତିକୁ ହରାଇଛି। ଗଜପତିର ଗଣେଶ ଗୌଡ଼ା ୭୨ ରନ କରିଥିଲେ। ଡ୍ରିମ୍ସରେ ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝର ୬ ଉଇକେଟରେ ନୟାଗଡ଼କୁ ହରାଇ ଦେଇଛି। କେନ୍ଦୁଝରର ଶୁଭ୍ରାଂଶୁ ସେନାପତି ସର୍ବାଧିକ ୫୬* ରନ କରିଥିଲେ। ଭଦ୍ରକ ୩୭ ରନରେ ଯାଜପୁରକୁ ପରାସ୍ତ କରିଛି। ବିଜୟୀ ଦଳର ଜ୍ୟୋତିରଞ୍ଜନ ୫୫ ଏବଂ ଯାଜପୁରର ଅମିନ ଖାଁ ୭୬ ରନ ସ୍କୋର କରିଥିଲେ। ନିମପୁର ଗ୍ରାଉଣ୍ଡରେ ଜଗତ୍‌ସିଂହପୁର ୭ ଉଇକେଟରେ ସୋନପୁରକୁ ହରାଇଛି। ବିଜୟୀ ଦଳ ପକ୍ଷରୁ ଶାମସୁଲ ଖାଁ ୬୧ ଓ ପବିତ୍ର ପ୍ରଧାନ ୫୦* ରନ କରିଥିଲେ। ବାଲେଶ୍ୱର ୭୨ ରନରେ ମୟୂରଭଞ୍ଜକୁ ପରାସ୍ତ କରିଛି। ବାଲେଶ୍ୱରର ସର୍ବେଶ୍ୱର ମହାନ୍ତି ଶତକ (୧୦୦ ରନ) ହାସଲ କରିଛନ୍ତି। କିଟ୍‌ରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର-ଏ ୧୦ ଉଇକେଟରେ ବୌଦ୍ଧକୁ ହରାଇଛି। ବିଜୟୀ ଦଳର ଦୀପକ ମାଝି ୬୧* ଓ ଦେବାଶିଷ ସାମନ୍ତରାୟ ୫୦* ରନ ସ୍କୋର କରିଥିଲେ। ପ୍ରତୀକ ଦାସଙ୍କ ଦ୍ରୁତ ୧୬୨* ରନ ସହାୟତାରେ ଭୁବନେଶ୍ୱର-ବି ୧୪୬ ରନରେ କନ୍ଧମାଳକୁ ପରାସ୍ତ କରିଛି। ବିକାଶ ଗ୍ରାଉଣ୍ଡରେ ପୁରୀ ୧୪ ରନରେ କିଟ୍‌କୁ ହରାଇ ଦେଇଛି। ପୁରୀର ସୁମନ ମହାପାତ୍ର ୯୩ ଓ ଦିବ୍ୟଜ୍ୟୋତି ରଥ ୫୭ ରନ କରିଥିଲେ। ବରଗଡ଼ ୩ ଉଇକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି।

ଭୁବନେଶ୍ୱର ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୪୨ ରନରେ ସମ୍ବଲପୁରକୁ ହରାଇଛି। ବିଜୟୀ ଦଳର ୱାଲ୍ଟର ଟପ୍ପୋ ୫୫ ରନ କରିଥିଲେ। ପ୍ରୟାସ ସିଂଙ୍କ ୧୩୪* ରନ ବଳରେ ନୂଆପଡ଼ା ୬୩ ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଇକୋର୍ସା ୯ ଉଇକେଟରେ କଳାହାଣ୍ଡିକୁ ହରାଇ ଦେଇଛି। ବିଜୟୀ ଦଳର ସୁଜିତ ଲେଙ୍କା ୬୯ ରନରେ ଅପରାଜିତ ରହିଥିଲେ। କଟକ-ବି ୯ ଉଇକେଟରେ ଦେବଗଡ଼କୁ ହରାଇଛି। ବିଜୟୀ ଦଳର ଅଭିଷେକ ଗିରି ମାତ୍ର ୩ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ରେଭେନ୍ସା ଗ୍ରାଉଣ୍ଡ ମ୍ୟାଚରେ ଖୋର୍ଦ୍ଧା ୨୩ ରନରେ ଗଞ୍ଜାମକୁ ପରାସ୍ତ କରିଛି। ଖୋର୍ଦ୍ଧାର ଜ୍ୟୋତି ବେହେରା ୫୫ ରନ କରିଥିଲେ। ଅନୁଗୋଳ ୯ ଉଇକେଟରେ ପାରାଦୀପକୁ ହରାଇ ଦେଇଛି। ସେଞ୍ଚୁରିଅନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କୋରାପୁଟ ୪୦ ରନରେ ରାୟଗଡ଼ାକୁ ହରାଇଛି। ବିଜୟୀ ଦଳର ଆଦିତ୍ୟ ରାଉତ ସର୍ବାଧିକ ୬୮ ରନ କରିଥିଲେ। ଅନ୍ୟଏକ ମ୍ୟାଚରେ ନବରଙ୍ଗପୁର ୫ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ବିଜୟୀ ଦଳର ଶେଖ୍ ରିଆଜ ୬୦ ରନରେ ଅପରାଜିତ ରହିଥିଲେ।

## ସିଡ୍‌ନୀ କରୋନା ସ୍ଥିତି ଉପରେ ସିଏର କଡ଼ା ନଜର

ମେଲବୋର୍ନ,୧୮।୧୨(ପି.ଟି.): ସିଡ୍‌ନୀରେ କରୋନା ପ୍ରକୋପ ଜାରି ରହିଛି। ଏହାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ଟେଷ୍ଟ ମଧ୍ୟ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ପରିସ୍ଥିତି ଉପରେ କଡ଼ା ନଜର ରଖିଛୁ ବୋଲି କ୍ରିକେଟ ଅଷ୍ଟ୍ରେଲିଆ କହିଛି। ତୃତୀୟ ଟେଷ୍ଟ କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି କୁହାଯାଇଛି।










## ଆଇଏସ୍‌ଏଲ୍: ନର୍ଥଇଷ୍ଟର ପ୍ରଥମ ପରାଜୟ

ଭାସ୍କୋ, ୧୮।୧୨: ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ନର୍ଥଇଷ୍ଟ ୟୁନାଇଟେଡ ଶୁକ୍ରବାର ପ୍ରଥମ ପରାଜୟ ବରଣ କରିଛି। ଅନିକେତ ଯାଦବଙ୍କ ଗୋଲ ବଳରେ ଜାମସେଦପୁର ଏଫ୍‌ସି ରୋମାଞ୍ଚକ ମ୍ୟାଚରେ ୧-୦ ଗୋଲରେ ନର୍ଥଇଷ୍ଟକୁ ପରାସ୍ତ କରିଛି।


ଅନିକେତ ଯାଦବ

ଆଇଏସ୍‌ଏଲ୍‌ରେ ଏହାଥିଲା ୫୦୦ତମ ମ୍ୟାଚଥିବାବେଳେ ଅନିକେତ ୫୩ତମ ମିନିଟରେ ମ୍ୟାଚ ବିଜୟୀ ଗୋଲଟି ସ୍କୋର କରିଥିଲେ। ଜାମସେଦପୁର ଗୋଲକିପର ଟି.ପି. ପ୍ରଜନେଶଙ୍କ ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଥିଲା। ଦ୍ୱିତୀୟାର୍ଦ୍ଧରେ ସେ ଏକ ପେନାଲ୍ଟି ଗୋଲ ସେଭ୍ କରି ନର୍ଥଇଷ୍ଟ ବିପକ୍ଷରେ ଜାମସେଦପୁରର ଅପରାଜେୟ ଧାରାକୁ ଅପରିବର୍ତ୍ତିତ ରଖିଛନ୍ତି। ଷ୍ଟାର୍ଟିଂ ଲାଇନ୍‌ଅପ୍‌ରେ ନର୍ଥଇଷ୍ଟ ୨ଟି ଓ ଜାମସେଦପୁର ୩ ବଦଳ କରି ମ୍ୟାଚ ଖେଳିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ୧୮ତମ ମିନିଟରେ ନର୍ଥଇଷ୍ଟ ପାଇଁ ଇଦ୍ରିସା ସିଲା ଓ ଆପିଆ ମିଳିତଭାବେ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ବଲ୍ ବାର୍ ଉପରିଭାଗରେ ବାଜି ଚାଲିଯାଇଥିଲା। ଜାମସେଦପୁରର ଜ୍ୟାକିଚାନ୍ଦ ସିଂ ପାସ୍ ଅଫ୍ ଦି ମ୍ୟାଚ ଏବଂ ପିଟର ହାର୍ଟଲେ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ। ୭ ମ୍ୟାଚରୁ ୨ ବିଜୟ, ୪ ଡ୍ର ଓ ୧ ପରାଜୟ ସହ ଜାମସେଦପୁର ୧୦ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ।

## ମହିଳାଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ପୁରୀ ଅଫିସ :** ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ବିନୟ କୁମାର ମାଝି। ବିନୟ ଶୁକ୍ରବାର ସମ୍ପୃକ୍ତ ମହିଳାଙ୍କ ଘରେ ଜୋର ଜବରଦସ୍ତ ପଶି ତାଙ୍କ ସହ ଅଶାଳୀନ ବ୍ୟବହାର କରିଥିଲେ। ଏହାପରେ ତାଙ୍କୁ ଗଳା ଧକ୍କା ଦେଇ ଆକ୍ରମଣ କରିବା ସହ ଧମକ ଚମକ ଦେଇଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ବିନୟଙ୍କ ବିରୋଧରେ ଧାରା ୪୫୨, ୨୯୪, ୩୨୩, ୩୫୪, ୩୭୯ ଓ ୫୦୬ କ୍ରମେ ଏକ କେସ୍ ରୁଜୁ ହୋଇଛି।

# ସଂକ୍ଷେପରେ

## ଭାଜପାର ପ୍ରଶିକ୍ଷଣ ଶିବିର

**ନିମାପଡ଼ା,୧୮।୧୨(ଡି.ଏନ.ଏ.):** ଭାଜପା ନିମାପଡ଼ା ଗ୍ରାମୀଣ ମଣ୍ଡଳର ଏକ ପ୍ରଶିକ୍ଷଣ ଶିବିର ଶ୍ରୀମୁଖ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ମଣ୍ଡଳର ସଭାପତି ମାନସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଭଞ୍ଜନ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା, ରାଜ୍ୟ ଅନୁସୂଚିତ ଜାତି ସଭାପତି ବିଭୁ ପ୍ରସାଦ ତରାଇ, ଜିଲା ଉପସଭାପତି ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ଣ୍ଣଚନ୍ଦ୍ର ସାହୁ, ସରପଞ୍ଚ ବାଷ୍ପଲତା ପ୍ରଧାନ, ଯତୀନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆତ୍ମନିର୍ଭର ଭାରତ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଶିବିରକୁ ପ୍ରଶିକ୍ଷଣ ସଂଯୋଜକ ସୁଶାନ୍ତ ସ୍ୱାଇଁ ପରିଚାଳନା କରିଥିଲେ।

## ସଂଖ୍ୟାଲଘୁ ଅଧିକାର ଦିବସ

**କାକଟପୁର,୧୮।୧୨(ଡି.ଏନ୍.ଏ.):** ଯୁବ ସଂଗଠନ ମେଓ୍ୱା ଦ୍ୱାରା ମିଳିତ ଜାତିସଂଘ ଅନୁମୋଦିତ ବିଶ୍ୱ ସଂଖ୍ୟାଲଘୁ ଅଧିକାର ଦିବସ ପାଳନ କରାଯାଇଛି। ଏହି ଅବସରରେ ଶୁକ୍ରବାର ଭଣ୍ଡାଘର ଛକଠାରୁ କାକଟପୁର ତହସିଲ ଅଫିସ ପର୍ଯ୍ୟନ୍ତ ସଂଗଠନର ସଭାପତି ମୁରସିଦ ଆଲମଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ହୋଇଥିଲା। ରାଜ୍ୟରେ ସଂଖ୍ୟାଲଘୁ ଆୟୋଗ ଗଠନ, ସଂଖ୍ୟାଲଘୁଙ୍କୁ ଧାର୍ମିକ ଓ ଭାଷାଭିତ୍ତିକ ସଂଖ୍ୟାଲଘୁ ବର୍ଗରେ ଗ୍ରହଣ କରିବା, ଉର୍ଦ୍ଦୁ ଟ୍ରେନିଂ ସ୍କୁଲ, ମଦ୍ରାସା ବୋର୍ଡ ଓ ଉର୍ଦ୍ଦୁ ଏକାଡେମିକୁ ସଂଖ୍ୟାଲଘୁଭିତ୍ତିକ ଅନୁଷ୍ଠାନ ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର ଦିଆଯାଇଥିଲା ବୋଲି ସମ୍ପାଦକ ତନବିର ଅଖତର୍ ପ୍ରକାଶ କରିଛନ୍ତି।

## ମଦ ଜବତ,୫ ଗିରଫ

**ପୁରୀ ଅଫିସ/ ବ୍ରହ୍ମଗିରି,୧୮।୧୨(ଡି.ଏନ୍.ଏ):** କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ପ୍ରାୟ ୪୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ସେମାନେ ହେଲେ ରାମଲେଙ୍କାର ନାଗଲ ସ୍ୱକ୍ରିୟା ପାତ୍ର, ମାଲୁଦର ବସନ୍ତ କୁମାର ଜେନା, ଦଳବେହେରାସାହିର ଶତ୍ରୁଘ୍ନ ସ୍ୱାଇଁ, ବଜ୍ରକୋଟର ରବୀନ୍ଦ୍ର ନାଥ ପ୍ରଧାନ। ଏ ନେଇ ବିଭାଗ ପକ୍ଷରୁ ନଂ. ୬୨/୬୩/୬୪/୩୫/୨୦ରେ ମାମଲା ରୁଜୁ କରିଛି। ସେହିପରି ପେଣ୍ଟକଟାରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ଏମ୍. ବଳରାମ୍ ନାମକ ଯୁବକଙ୍କୁ ସମୁଦ୍ରକୂଳ ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ୬ ଲିଟର ୮୨୦ ମିଲି.ଏଲି ବିଦେଶୀ ମଦ ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ ରୁଜୁ କରିଛି।

# ପୁଣି ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି

■ ଏଥର 'ସେଲ୍ ଭାଇ ଡଟ୍ କମ୍' ନାଁରେ ଅଭିଯୋଗ
■ ସିଂହଦ୍ୱାର ଥାନାରେ ଏତଲା ଦେଲେ ସେବାୟତ

**ପୁରୀ ଅଫିସ,୧୮।୧୨:** ଆମାଜନ୍ ଓ ଫ୍ଲିପ୍‌କାର୍ଟ ପରେ 'ସେଲ୍ ଭାଇ ଡଟ୍ କମ୍' ସଂସ୍ଥା ଅନ୍‌ଲାଇନ୍‌ରେ ମହାପ୍ରସାଦ ବିକ୍ରି କରି ବିବାଦ ଘେରକୁ ଆସିଛି। ଏ ନେଇ ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ଶୁକ୍ରବାର ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ଅହମ୍ମଦାବାଦର 'ସେଲ୍ ଭାଇ ଡଟ୍ କମ୍' କମ୍ପାନୀ ବେଆଇନ ଭାବେ ମହାପ୍ରସାଦ ବିକ୍ରି କରୁଛି। ମହାପ୍ରସାଦ ବିକ୍ରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାହାରିକୁ ଅନୁମତି ଦିଆଯାଇନାହିଁ। ମାତ୍ର ଏହି କମ୍ପାନୀ ଅନ୍‌ଲାଇନରେ ଏକ କମ୍ବୋ ପ୍ୟାକେଟ୍‌ରେ ଖଜା, ବଲ୍ଲଭ, ଜଗନ୍ନାଥଙ୍କ ଫଟୋ ଓ ନିର୍ମାଲ୍ୟ ବିକ୍ରି କରୁଛି। ଉକ୍ତ ପ୍ୟାକେଟରେ ୮ଶହ ଗ୍ରାମ ସାମଗ୍ରୀ ରହିଥିବାବେଳେ ଏହାର ମୂଲ୍ୟ ୩୩୨ ଟଙ୍କା ରହିଛି। ଅସାଧୁ ଉପାୟରେ ମହାପ୍ରସାଦ ବିକ୍ରି କରୁଥିବା ଏହି କମ୍ପାନୀ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଖୁଣ୍ଟିଆ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସମ୍ପୃକ୍ତ ସଂସ୍ଥା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ସିଂହଦ୍ୱାର ଥାନାରେ ଏତଲା ଦେଉଛନ୍ତି।

# କାଦୁଆ ନଦୀ ସେତୁ ଭିତ୍ତିପ୍ରସ୍ତର ସ୍ଥାପନ

**ନିମାପଡ଼ା,୧୮।୧୨(ଡି.ଏନ.ଏ)** ନିମାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ୫କୋଟି ୨୧ଲକ୍ଷ ୩୩ହଜାର ଟଙ୍କା ବ୍ୟୟରେ ନିମାପଡ଼ା ବ୍ଲକର ତମ୍ପାଳୋ ଛକଠାରେ କାଦୁଆନଦୀ ପକ୍କା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସେତୁର ନିର୍ମାଣ କାର୍ଯ୍ୟ ଆସନ୍ତା ୩।୭।୨୧ ମଧ୍ୟରେ ଶେଷ ହେବ। ଅନୁଷ୍ଠିତ ସମାରୋହରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ଦାସ, ବିଜେଡି ନେତା ରଚିତାନନ୍ଦ ଖଟୋଇ, ଲିଙ୍ଗରାଜ ପଣ୍ଡା, ନିମାପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ତମ୍ପାଳୋ ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ୨୦ ଲକ୍ଷ ଟଙ୍କା ଅନୁଦାନ ରାଶି ଯୋଗାଇ ଦିଆଯାଇଥିବା ମନ୍ତ୍ରୀ ଦାଶ କହିଛନ୍ତି।



ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ଷ୍ଟାଡିୟମ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲାପାଳ

**ପୁରୀ ଅଫିସ,୧୮।୧୨:** ପେଣ୍ଟକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଛି। ଜିଲାପାଳ ବଲୱନ୍ତ ସିଂ ଶୁକ୍ରବାର ଏହି ଷ୍ଟାଡିୟମ ନିର୍ମାଣସ୍ଥଳ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନିର୍ମାଣ କାମ ଆସନ୍ତା ଅଗଷ୍ଟ ସୁଦ୍ଧା ଶେଷ କରିବା ପାଇଁ ନିର୍ମାଣକାରୀ ଠିକା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ହେବ ବୋଲି ଜିଲାପାଳ କହିଛନ୍ତି। ପ୍ରାୟ ୧୩ ଏକର ପରିମିତ ଅଞ୍ଚଳରେ କ୍ରିକେଟ୍ ଷ୍ଟାଡିୟମ୍, ଇନଡୋର ଷ୍ଟାଡିୟମ୍, ଦର୍ଶକ ଗ୍ୟାଲେରୀ, ସୁଇମିଂ ପୁଲ୍, କୁସ୍ତି, ଜିମ୍ନାଷ୍ଟିକ୍, ଖୋଖୋ, କବାଡ଼ି, ବାସ୍କେଟବଲ୍ କୋର୍ଟ ନିମନ୍ତେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜିଲାର ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ଦେବା ପାଇଁ ଏକ ଉନ୍ନତ ଭିତ୍ତିଭୂମିର ଆବଶ୍ୟକତା ଥିଲା, ତେଣୁ ଜିଲା ପ୍ରଶାସନ ଏଭଳି ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ କରିଥିଲା। ଏହି ଷ୍ଟାଡିୟମରେ ଆନୁଷଙ୍ଗିକ କ୍ରୀଡ଼ା ସାମଗ୍ରୀ ମହଜୁଦ ରଖିବା ଉପରେ ଜିଲା ପ୍ରଶାସନ ଜୋର ଦେଇଛି। ସମୀକ୍ଷା ଅବସରରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଏବଂ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ବଲୱନ୍ତ ସିଂ ନିର୍ମାଣାଧୀନ ଶ୍ରୀ ଜଗନ୍ନାଥ ଷ୍ଟାଡ଼ିୟମ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ସେବାୟତ ପରିବାରର ଉନ୍ନତି ପାଇଁ ହେବ ସର୍ଭେ

**ପୁରୀ ଅଫିସ,୧୮।୧୨** ସେବାୟତ ପରିବାରର ଅର୍ଥନୈତିକ ଓ ସାମାଜିକ ଉନ୍ନତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସର୍ବେକ୍ଷଣ ଆରମ୍ଭ କରାଯିବ। ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଏହି ସର୍ବେକ୍ଷଣ କାର୍ଯ୍ୟରେ ମନ୍ଦିର ପ୍ରଶାସନକୁ ସହଯୋଗ କରିବ। ଏଥିପାଇଁ ଶୁକ୍ରବାର ଏକ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲିମରେ ୨୫ଟି ଟିମ୍ ଯୋଗଦେଇଥିବାବେଳେ ଏହି ଟିମ୍‌ଗୁଡ଼ିକ ସେବାୟତ ପରିବାରକୁ ଭେଟି ସେମାନଙ୍କ ତଥ୍ୟ ସଂଗ୍ରହ କରିବେ। ସେବାୟତଙ୍କର ଅର୍ଥନୈତିକ ଓ ସାମାଜିକ ସ୍ଥିତି ଉପରେ ଏହି ସର୍ବେକ୍ଷଣରେ ଗୁରୁତ୍ୱ ଦିଆଯିବ। ଶିକ୍ଷୟତ୍ରୀ ଶିକ୍ଷକମାନେ ଏହି ତଥ୍ୟ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହେବେ। ଏମାନଙ୍କୁ ମନ୍ଦିର ପ୍ରଶାସନ ତାଲିମ ପ୍ରଦାନ କରିଛି। ପୁରୀରେ ୨୫ ଶହ ସେବାୟତ ପରିବାର ରହିଛନ୍ତି। ପର୍ଯ୍ୟାୟକ୍ରମେ ଏମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତିର ସର୍ଭେ କରାଯିବ। ସର୍ଭେ ଶେଷ ପାଇଁ ପାଖାପାଖି ୨ମାସ ସମୟ ଲାଗିବ। ସର୍ଭେ ସରିବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ମୁଖ୍ୟତଃ ସେବାୟତ ପରିବାରଙ୍କୁ ସ୍ୱାସ୍ଥ୍ୟବୀମା, ପେନସନ୍, ଆବାସ ଏବଂ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଏହି ସର୍ଭେ ହେଉଥିବା ସୂଚନା ମିଳିଛି।

# ପୃଥକ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ପିପିଲି,୧୮।୧୨(ସ୍ୱ.ପ୍ର.)** ପିପିଲିରେ ଶୁକ୍ରବାର ପୃଥକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ନାବାଳିକା ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ସକାଳ ୭ଟାରେ ପିପିଲି ଥାନା ଖଣ୍ଡିଆଗିରି ଗ୍ରାମର ସାଇସ୍ମିତା ବରାଳ ସାଙ୍ଗ ସହ ସାଇକେଲ ଯୋଗେ ୩୧୬ ଜାତୀୟ ରାଜପଥରେ ଟିଉସନ ଯାଉଥିଲେ। ପୁରୀରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ମାଲବାହୀ ପିକ୍‌ଅପ ଭ୍ୟାନ୍ ଖଣ୍ଡିଆଗିରି ଛକରେ ସାଇସ୍ମିତାଙ୍କୁ ପଛପଟୁ ଧକ୍କା ଦେବା ସହ ଡିଭାଇଡରରେ ପିଟିହୋଇ ଓଲଟି ପଡ଼ିଥିଲା। ସାଇସ୍ମିତା ଓ ତାଙ୍କ ସାଙ୍ଗଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପିପିଲି ଡାକ୍ତରଖାନା ନେଇଥିବାବେଳେ ସାଇସ୍ମିତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ପିକ୍‌ଅପ ଭ୍ୟାନ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛି। ସେହିଭଳି ଅପରାହ୍ନ ୪ଟାରେ ପିପିଲି ତରାକାଜ ଓଭରବ୍ରିଜ ନିକଟରେ କ୍ରେନ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ ହୋଇଛି। ସେ ହେଲେ ନିକଟସ୍ଥ ଜଗନ୍ନାଥପୁର ପଞ୍ଚାୟତର ନିଧି ବେହେରା। ଏ ନେଇ ପିପିଲି ଥାନା ପୋଲିସ ନଂ ୪୨୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନିଧି ସାଇକେଲରେ ନିମାପଡାରୁ ପିପିଲି ଆସୁଥିବାବେଳେ ପଛରୁ ଆସୁଥିବା ଏସିଇ କ୍ରେନ ଓଭରବ୍ରିଜ ନିକଟରେ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ନିଧିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ କ୍ରେନ ଡ୍ରାଇଭର ଫେରାର ହୋଇଯାଇଥିଲେ। ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପିପିଲି ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ଓ ରବୀନ୍ଦ୍ର ନାୟକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ଏସିଇ କ୍ରେନକୁ ଜବତ କରିବା ସହ ନିଧିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲେ।

**ନବମ ଜନ୍ମଦିନ ଶୁଭେଚ୍ଛା**
ସତ୍ୟପ୍ରକାଶ ପାତ୍ର (ସୋମ୍)
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ନୀରୋଗ ଓ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ତୋର ବାପା, ବୋଉ, ମାମା, ପାପା, ମାନି ମାମା, ଲିପୁ ପାପା, ଛୁଆ ପାପା, ତୋର ସାନ ଭଉଣୀ ମାମା ଓ ଅଜା ଆଈ।
ଧ-୧୯୨୮୦

# ଦାବି ପୂରଣ ନ ହେଲେ ଆଇନ ଅମାନ୍ୟ ଆନ୍ଦୋଳନ

**ବ୍ରହ୍ମଗିରି,୧୮।୧୨(ଡି.ଏନ୍.ଏ)** ବ୍ରହ୍ମଗିରି ଅଞ୍ଚଳର ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସମିତି କରିଥିବା ଦାବିଗୁଡ଼ିକ ଖୁବଶୀଘ୍ର ପୂରଣ ନ ହେଲେ ଆଗକୁ ତହସିଲ କାର୍ଯ୍ୟାଳୟକୁ ଘେରାଉ କରାଯିବା ସହ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସରକାରଙ୍କୁ ଚେତବନୀ ଦିଆଯାଇଛି। ସୂଚନା ଥାଉ କି, ୭ ଦଫା ଦାବି ନେଇ ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ତରଫରୁ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଅହୋରାତ୍ର ଗଣ ଧାରଣା ଶୁକ୍ରବାର ୧୭ ଦିନରେ ପହଞ୍ଚିଛି। ଏପର୍ଯ୍ୟନ୍ତ ଜିଲାପାଳଙ୍କ ନିକଟରୁ କୌଣସି ସନ୍ତୋଷଜନକ ପ୍ରତିଶ୍ରୁତି ନ ମିଳିବାରୁ ଆସନ୍ତା ୨୨ରେ ସମିତି ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ଆବଶ୍ୟକ ପଡ଼ିଲେ ଆଇନ ଅମାନ୍ୟ ଆନ୍ଦୋଳନ ମଧ୍ୟ କରିବ ବୋଲି ସମିତି ସୂଚନା ଦେଇଛି। ଫାଇଲିନ୍ ଏବଂ ଫନ୍ୟ ବାତ୍ୟା ବ୍ରହ୍ମଗିରିର ଚିତ୍ର ପରିବର୍ତ୍ତନ କରିବା ସହିତ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଥିଲା। ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସରକାରୀ ଓ ବେସରକାରୀ କର୍ମଚାରୀମାନେ ତଦନ୍ତ ପ୍ରକ୍ରିୟାରେ ଚଞ୍ଚକତା କଲେ। ଫଳରେ ପ୍ରକୃତ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡିଲା। କ୍ଷତିଗ୍ରସ୍ତଙ୍କ ତାଲିକା ସାର୍ବଜନୀନ କରିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଲା ନାହିଁ। ଶେଷରେ ଚଳିତ ମାସ ୨ ତାରିଖରୁ ସମିତି ପକ୍ଷରୁ ଅହୋରାତ୍ର ଧାରଣା ଆରମ୍ଭ ହୋଇଥିଲା। ସମ୍ମିଳନୀରେ ସମିତି ସଭାପତି ସୁରେନ୍ଦ୍ରନାଥ ଜେନା ଓ ସମ୍ପାଦକ ଭୀମସେନ ସ୍ୱାଇଁ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ଯୁଧିଷ୍ଠିର ନାୟକ, ପବିତ୍ର ମୋହନ ଦଳାଇ, ବ୍ରଜବନ୍ଧୁ ପ୍ରଧାନ, ତପନ ଉପାଧ୍ୟାୟ, ଅଜୟ ଖଟେଇ, ବିଦ୍ୟାଧର ସାହୁ, ସଞ୍ଜୟ ପରିଡା, ସୁବଳ ଦଳାଇ ପ୍ରମୁଖଙ୍କ ସହ ଶତାଧିକ ଧାରଣାକାରୀ ଉପସ୍ଥିତ ଥିଲେ।

# ପରୀକୁ ନ୍ୟାୟ ଦାବିରେ ପଦଯାତ୍ରା




ଭାଜପାର ପଦଯାତ୍ରା ପୁରୀ ସହର ପରିକ୍ରମା କରୁଛି।

**ପୁରୀ ଅଫିସ/ ପିପିଲି/କୃଷ୍ଣପ୍ରସାଦ, ୧୮।୧୨ (ସ୍ୱ.ପ୍ର./ ଡି.ଏନ.ଏ.)** ପରୀକୁ ନ୍ୟାୟ ଦାବିରେ ପୁରୀ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ପୁରୀ ସହରସ୍ଥ ଟାଉନ୍ ହଲ୍ ଛକରୁ ବାହାରି ମୋଚି ସାହି ଓ ହେରାଗୋହରୀ ସାହି ଦେଇ ଭାଜପା କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି ଯେ, ପରୀ ହତ୍ୟାକାଣ୍ଡ ପ୍ରସଙ୍ଗ ଦିଗହରା ହେଉଛି। ତଦନ୍ତ ଠିକ ଭାବେ ହେଉନାହିଁ। ଯାହା ରାଜ୍ୟର ଏକ ନୀରିହ ଝିଅ ସହ ଅନ୍ୟାୟ ଅଟେ। ଏଣୁ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାର ତଦନ୍ତକୁ ଠିକ ଭାବେ ପରିଚାଳନା କରନ୍ତୁ। ଏହି ପଦଯାତ୍ରାରେ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ର ଓ ଜିଲା ସମ୍ପାଦକ ଉମାକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ।

ସେହିପରି ପିପିଲିଠାରେ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ପଦଯାତ୍ରା ଆୟୋଜିତ ହୋଇଥିଲା। ଏହା ପିପିଲି ତେଇଶିପୁର ପଞ୍ଚାୟତର ପୋଟଳ ଗାଁଠାରୁ ଆରମ୍ଭ ହୋଇ ମାଧିପୋଟଳ, ଭଗବତୀପୁର, ଯଶୁଆପୁର, ପଦାସାହି, ସାତଶଙ୍ଖ, ସୁବଳପୁର, ଗୋପଦା ଆଦି ଗାଁ ପରିକ୍ରମା କରି ଶିରିଆପୁରଠାରେ ପହଞ୍ଚିଥିଲା। ସେଠାରେ ସଭା ଆୟୋଜନ କରାଯାଇଥିଲା। ଏଥିରେ ପୁରୀ ଜିଲା ଭାଜପା ଉପସଭାପତି ଜନ୍ମେଜୟ ଜେନା, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ମଣ୍ଡଳ ସଭାପତି ପ୍ରଦୀପ ପାତ୍ର, ସୁଧିର ବିଶ୍ୱାଳ, ଯଶୁଆପୁର ସରପଞ୍ଚ ଜ୍ୟୋତିର୍ମୟୀ ମହାପାତ୍ର, ଯୁବନେତା କେଶବ ଜେନା, ଅକ୍ଷୟ ବେହେରା, ନାରୀନେତ୍ରୀ ରେଣୁପ୍ରିୟା ନାୟକ, ଦାଣ୍ଡମକୁନ୍ଦପୁର ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଦେବୀପ୍ରସାଦ ମଲ୍ଲିକ ପ୍ରମୁଖଙ୍କ ସହ ୨୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

ସେହିପରି କୃଷ୍ଣପ୍ରସାଦ ବ୍ଲକ ଭାଜପା ପକ୍ଷରୁ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଚାରିଛକରୁ ବାହାରି ଚିଲିକା ନୂଆପଡା ବ୍ଲକ ଛକଠାରେ ପହଞ୍ଚିଥିଲା। ଏହି ପଦଯାତ୍ରରେ ବ୍ଲକ ଅଧ୍ୟକ୍ଷା ସୌଦାମିନୀ ମାନସିଂହ, ଉପାସନା ମହାପାତ୍ର, ଦୀନବନ୍ଧୁ ଜେନା,ଉତ୍ତମ ତରେଇ, ସଂଗ୍ରାମ କେଶରୀ ଜେନା, ସୁଧାକର ଭୋଳ, ଅଶୋକ ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, କେଳୁ ଚରଣ ଜେନା, ସୌମ୍ୟ ରଞ୍ଜନ ଲେଙ୍କା, ରବିନ୍ଦ୍ରନାଥ ସାହୁ, ଜୟରାମ ଦାସ, ଯୋଗେନ୍ଦ୍ର ବୈରିଗଞ୍ଜନ, ରାମଚନ୍ଦ୍ର ସେଠୀ, ପ୍ରମୋଦ ବିଶ୍ୱାଳ, ଶରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ: ସଞ୍ଜୟ ଫାଇଟର, ରନିଙ୍ଗ ରିବେଲସ୍ ବିଜୟୀ

**ଡେଲାଙ୍ଗ,୧୮।୧୨(ଡି.ଏନ୍.ଏ)** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚାୟତସ୍ଥିତ ସୋମନାଥ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଷଷ୍ଠବାର୍ଷିକ ହରିରାଜପୁର ପଞ୍ଚାୟତ ପ୍ରିମିୟର କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦିନର ପ୍ରଥମ ମ୍ୟାଚଟି ସୋମନାଥ ଫାଇଟର ଓ ସଞ୍ଜୟ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନାଥ ଫାଇଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟରେ ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ସଞ୍ଜୟ ଫାଇଟର ୧୬ ଓଭରରେ ୩ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ମାନସ ବେହେରା ଓ ରମେଶ ମହାରଥୀ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚଟି ବରୁଣେଇ ରୟାଲସ୍ ଓ ରନିଙ୍ଗ ରିବେଲସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରୁଣେଇ ରୟାଲସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯ ଓଭରର ସମସ୍ତ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ରନିଙ୍ଗ ରିବେଲସ୍ ୧୯ ଓଭର ୫ଟା ବଲରେ ୮ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦୀପକ ମହାରଣା ଓ ହରପ୍ରସାଦ ଚମ୍ପତି ମ୍ୟାଚ ପରିଚାଳନା କରିଥିଲେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଇଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଡିସେମ୍ବର, ୨୦୨୦

## କୃଷି ସ୍ୱଚ୍ଛତା ପକ୍ଷ ପାଳିତ

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୋଳ ପଞ୍ଚାୟତସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ନେଇ ଶୁକ୍ରବାର କୃଷି ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଭୁବନେଶ୍ୱରର କୌଶଲ୍ୟାଗଙ୍ଗ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଧର୍ମାନନ୍ଦ ମୁଦୁଲି ସଭାପତିତ୍ୱ କରିଥିଲେ। ଏଥିରେ କୃଷି ବିଜ୍ଞାନ ବିଶେଷଜ୍ଞ ପ୍ରକାଶ ରଞ୍ଜନ ସାହୁ, ଉଦ୍ୟାନ ବିଭାଗ ବିଶେଷଜ୍ଞ ଅଜୟ ଦାସ, ଶସ୍ୟ ବିଭାଗ ବିଶେଷଜ୍ଞ ସୁରେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇଥିଲେ। କୃଷି ବିଶେଷଜ୍ଞମାନେ ଚାଷୀଙ୍କୁ ନିଜ ନିଜ ଜମିରେ ସାର ପ୍ରୟୋଗ କରିବା ସମ୍ପର୍କରେ ପରାମର୍ଶ ଦେଇଥଲେ।



## ସଂକ୍ଷେପରେ

### ୩ ବଖରା ଜଳିଗଲା

ଖୋର୍ଦ୍ଧା ଅଫିସ,୧୮।୧୨: ଖୋର୍ଦ୍ଧା ଉପକଣ୍ଠ ଠାକୁରପଡ଼ା ନୂଆସାହିରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ତ୍ରିନାଥ ମୁଦୁଲିଙ୍କ ୩ ବଖରା ଭସ୍ମୀଭୂତ ହୋଇଯାଇଛି। ଏଥିସହ କଲେଇଗଦା ଏବଂ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ସାଢେ ୧୨ଟାରେ ତ୍ରିନାଥଙ୍କ ଘରେ ହଠାତ ନିଆଁ ଲାଗିଯାଇଥିଲା। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଚଢ଼ାଉ: ୧୪ ଗାଡ଼ି ଜବତ

ଜଟଣୀ,୧୮।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ଖଣି ମାଫିଆଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ବେଆଇନ ଭାବେ ଚାଲାଣ ହେଉଥିବା ମାଙ୍କଡ଼ା ପଥର, ମୋରମ, ବାଲି ବୋଝେଇ ୧୪ଟି ଗାଡିକୁ ଜଟଣୀ ତହସିଲ ପକ୍ଷରୁ ଜବତ କରାଯାଇଛି। ଜବତ ହୋଇଥିବା ଗାଡ଼ି ମଧ୍ୟରେ ୧୦ ଟ୍ରକ୍, ୨ ମିନିଟ୍ରକ୍ ଓ ଦୁଇଟି ହାଇୱା ରହିଛି। ଜଟଣୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ରାତିରେ ଏବଂ ଶୁକ୍ରବାର ସକାଳେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ତହସିଲଦାର ତପନ ମହାପାତ୍ର, ଅତିରିକ୍ତ ତହସିଲଦାର ଦିଲ୍ଲୀପ ଷଡ଼ଙ୍ଗୀ, ଶୁଭେନ୍ଦୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ବାର୍‌ହା ଶିକାର ଉଦ୍ୟମ, ୨ ଗିରଫ

ବୋଲଗଡ଼,୧୮।୧୨(ଡି.ଏନ୍.ଏ.): ବାର୍‌ହା ଶିକାର ଉଦ୍ୟମ ଅଭିଯୋଗରେ ବୋଲଗଡ଼ ବନ ବିଭାଗ ଶୁକ୍ରବାର ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ମର୍ଦ୍ଦାବାଡ଼ି ଗ୍ରାମର ବିରଞ୍ଚି ନାୟକ(୩୦) ଏବଂ ବସନ୍ତ ନାୟକ(୪୨)। ସୂଚନା ମୁତାବକ, ଉବୁରି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବାରହା ଶିକାର ପାଇଁ ଅଭିଯୁକ୍ତମାନେ ବିଦ୍ୟୁତ୍ ତାର ବିଛାଇଥିଲେ। ଖବରପାଇ ବୋଲଗଡ଼ ବନପାଳ ପ୍ରଦୀପ କୁମାର ପଟ୍ଟନାୟକ, ବନରକ୍ଷୀ ଆଲୋକ ରଞ୍ଜନ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ବିଦ୍ୟୁତ୍ ତାର ବିଛାଇ ଜଗି ବସି ରହିଥିବା ଅଭିଯୁକ୍ତଙ୍କୁ ଧରିବା ସହ ତାର ଜବତ କରିଥିଲେ।

### ମଣ୍ଡିସ୍ଥିତି ଅନୁଧ୍ୟାନ କରିବ ଭାଜପା

ଖୋର୍ଦ୍ଧା ଅଫିସ,୧୮।୧୨: କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ବିଭିନ୍ନ ରାଜନୈତିକ ଦଳ ଏବଂ ଚାଷୀ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହଛି। ଅନ୍ୟପଟେ ଶୁକ୍ରବାର ଖୋର୍ଦ୍ଧାସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ଏହି କୃଷି ଆଇନ ସପକ୍ଷରେ କହିଛି। ଆଗାମୀ ଦିନରେ ଭାଜପା କୃଷକ ମୋର୍ଚ୍ଚା ମଣ୍ଡିକୁ ଯିବ। ଓଡ଼ିଶାର ସମସ୍ତ ମଣ୍ଡିସ୍ଥିତି ଅନୁଧ୍ୟାନ କରିବ। ମଣ୍ଡିରେ କେନ୍ଦ୍ରୀୟ ସହାୟତା ବ୍ୟାନର ମରାଯାଇ ଚାଷୀଙ୍କୁ ସଚେତନ କରାଯିବ। ପ୍ରତ୍ୟେକ ମଣ୍ଡିରେ କୃଷକ ପଞ୍ଚାୟତ ଆୟୋଜନ କରାଯିବା ସହ ଓଡ଼ିଶାର ୬ଟି ପ୍ରମୁଖ ସ୍ଥାନରେ ଚାଷୀ ସମାବେଶ କରାଯିବ ବୋଲି ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଓ ମୁଖପାତ୍ର ସୁଦୀପ୍ତ ରାୟ କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ମୋର୍ଚ୍ଚା ସଭାପତି ତାପସ ଜେନା, ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଋଷଭ ନନ୍ଦ, ବିଶ୍ୱରଞ୍ଜନ ବଡଜେନା, ନିକୁଞ୍ଜ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିକେଟ: ଫାଇନାଲରେ କଳିଙ୍ଗ ଟାଇଗର

ବେଗୁନିଆ,୧୮।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଛତ୍ରପଡ଼ା ହାଇସ୍କୁଲ ପଡ଼ିଆରେ ଚାଲିଥିବା ମାର୍ଥାକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ କାଇପଦର ଟିମ୍‌କୁ ୨୨ ରନରେ ହରାଇ ଖୋର୍ଦ୍ଧାର କଳିଙ୍ଗ ଟାଇଗର ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି କଳିଙ୍ଗ ଟାଇଗର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୨୨୦ରନ ସଂଗ୍ରହ କରିଥିଲା। ଜବାବରେ କାଇପଦର ଟିମ୍ ସମସ୍ତ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। କଳିଙ୍ଗ ଟାଇଗର ଟିମ୍‌ର ସ୍ୱାଧୀନ ପାଇକରାୟ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଶନିବାର ବଙ୍ଗିଦା ଟିମ୍ ଓ କଳିଙ୍ଗ ଟାଇଗର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ୨୦ ପରେ ମନ୍ଦିର ଖୋଲିବା ନିଷ୍ପତ୍ତି

ଖୋର୍ଦ୍ଧା ଅଫିସ,୧୮।୧୨



ବୈଠକରେ ଜିଲାପାଳ ସନତ ମହାନ୍ତି, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା ଉପଖଣ୍ଡ ପାଇଁ ପ୍ରଶାସନ ପକ୍ଷରୁ ବୈଠକ**
- ମନ୍ଦିର ଆଗରେ କୋଭିଡ୍ ନିୟମ ନେଇ ବ୍ୟାନର ଲଗାଯିବ
- ମାସ୍କ ପରିଧାନ ବାଧ୍ୟତାମୂଳକ

ଶ୍ରୀମନ୍ଦିର ଏବଂ ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିବା ନିଷ୍ପତ୍ତି ପରେ ରାଜ୍ୟର ପ୍ରମୁଖ ମନ୍ଦିର ସମେତ ସମସ୍ତ ମନ୍ଦିର ଖୋଲିବା ନେଇ ଜିଲାସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ଉପଖଣ୍ଡ ଅଞ୍ଚଳରେ ଧାର୍ମିକ ଅନୁଷ୍ଠାନ ଖୋଲିବା ନେଇ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ନିୟମ ଅନୁଯାୟୀ ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ଧାର୍ମିକସ୍ଥଳ ଖୋଲିବା ଲାଗି ମତପ୍ରକାଶ ପାଇଥିଲା। ଡିସେମ୍ବର ୨୦ସୁଦ୍ଧା ସମସ୍ତ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ କେବେଠାରୁ ମନ୍ଦିର ଖୋଲିବା ଉଚିତ୍ ହେବ, ସେ ସମ୍ପର୍କରେ ସମସ୍ତ ମନ୍ଦିର ପରିଚାଳନା କମିଟି ଉପଜିଲାପାଳ ଅଶୋକ ବେହୁରିଆଙ୍କୁ ଜଣାଇବେ। ସମସ୍ତଙ୍କ ମତକୁ ଆଧାର କରି ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇ ଖୋଲିବା ତାରିଖ ସ୍ଥିର କରାଯିବ ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି। କରୋନା ନିୟନ୍ତ୍ରଣ ରହିଛି, କିନ୍ତୁ ସମ୍ପୂର୍ଣ୍ଣ ବିପଦ ଟଳିନାହିଁ। ମନ୍ଦିର ପରିସରରେ ଭିଡ଼ ନିୟନ୍ତ୍ରଣ, ଅଧିକ ସଂଖ୍ୟକ ଭକ୍ତ ଏକାଠି ରହିବେ ନାହିଁ। ଦର୍ଶନ ସାରି ମନ୍ଦିରରୁ ପ୍ରସ୍ଥାନ କରିବେ, ପର୍ଯ୍ୟାୟକ୍ରମେ ଭକ୍ତଙ୍କୁ ଦର୍ଶନ ଲାଗି ବ୍ୟବସ୍ଥା, ପ୍ରବେଶ ଦ୍ୱାର ଆଗରେ ସାନିଟାଇଜ ବ୍ୟବସ୍ଥା କରିବେ। ସମସ୍ତ ଭକ୍ତ ମାସ୍କ ପରିଧାନ ବାଧ୍ୟତାମୂଳକ ରହିବ। ବିନା ମାସ୍କରେ କୌଣସି ଭକ୍ତଙ୍କୁ ମନ୍ଦିର ଦର୍ଶନ ସୁଯୋଗ ଦିଆଯିବ ନାହିଁ। ସମସ୍ତ ମନ୍ଦିର ପରିଚାଳନା କମିଟି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ। କୋଭିଡ୍ ନିୟମାବଳୀ ସମ୍ପର୍କରେ ମନ୍ଦିର ଆଗରେ ପୋଷ୍ଟର, ବ୍ୟାନର ବ୍ୟବସ୍ଥା କରିବାକୁ ଜିଲାପାଳ ମହାନ୍ତି କମିଟି ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ତହସିଲଦାର ପଦ୍ମଚରଣ ସାହୁ, ସଦର ଉପଖଣ୍ଡ ଅଧିକାରୀ ସୁଶିଲ କୁମାର ମିଶ୍ର, ଆଦର୍ଶ ଥାନାଧିକାରୀ ଉମାଶଙ୍କର ସିଂ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀଙ୍କ ସମେତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧାର ଧବଳେଶ୍ୱର, ବାଘମାରୀ ହଟକେଶ୍ୱର, ଗୋଡାସ୍ଥିତ ଗୋଡା ଲୋକନାଥ, ବାଣପୁର ଭଗବତୀ, ମା' ଉଗ୍ରତାରା ଆଦି ପ୍ରମୁଖ ପୀଠ ପରିଚାଳନା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ।



ଖୋଲିଲା ଜନଜାତି ସଂଗ୍ରହାଳୟ: କରୋନା ପାଇଁ ବନ୍ଦ ରହିଥିବା ଭୁବନେଶ୍ୱର ସିଆର୍‌ପି ଛକ ନିକଟ ରାଜ୍ୟ ଜନଜାତି ସଂଗ୍ରହାଳୟ ଶୁକ୍ରବାର ଖୋଲିବା ପରେ ଦର୍ଶକମାନେ କଳାକୃତି ବୁଲି ଦେଖୁଛନ୍ତି।

# ଭିଜିଲାନ୍ସ ତଦନ୍ତ ଆରମ୍ଭ

ନିରାକାରପୁର,୧୮।୧୨(ଡି.ଏନ୍.ଏ.)

**ଜଗନ୍ନାଥପୁର କାଜୁ ପ୍ରକଳ୍ପରେ ଦୁର୍ନୀତି ଘଟଣା**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର କାଜୁ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ଅଭିଯୋଗ ଘଟଣାରେ ଶୁକ୍ରବାର ଖୋର୍ଦ୍ଧା ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଭିଜିଲାନ୍ସ ଇନ୍ସପେକ୍ଟର ଚନ୍ଦ୍ରକଳା ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛନ୍ତି। ସୂଚନାଥାଉ କି, ଖୋର୍ଦ୍ଧା ଜିଲା ଜଳବିଭାଜିକା ପକ୍ଷରୁ ୨୦୧୮ରେ ଟାଙ୍ଗୀ ବ୍ଲକ ଜଗନ୍ନାଥପୁରସ୍ଥିତ ଅଟଳା ମୌଜାରେ ରହିଥିବା ୨୫ଏକର ପରିମିତ ଜମିରେ ୨୦୦୦ ହଜାର କାଜୁ ଚାରାରୋପଣ କରାଯିବାକୁ ପ୍ରକଳ୍ପ ଅନୁମୋଦନ କରାଯାଇଥିଲା। ତେବେ ୩ ବର୍ଷ ମଧ୍ୟରେ ମୋଟ୍ ୪ଏକର କାଜୁ ଚାରାରୋପଣ କରାଯାଇଛି। ହେଲେ ୨୫ ଏକର ଜମିର ବିଲ୍ କରାଯାଇଛି ବୋଲି ଜଗନ୍ନାଥପୁର ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ସ୍ଥାନୀୟ ବିଡିଓ, ଜିଲାପାଳ, ଡାଇରେକ୍ଟର ଜେନେରାଲ ପୋଲିସ ଭିଜିଲାନ୍ସ କଟକ, ପଞ୍ଚାୟତିରାଜ ବିଭାଗ ନିକଟରେ ଅଭିଯୋଗ କରିଥିଲେ।

# ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଡାକ୍ତରଖାନା ପହଞ୍ଚାଇଲେ ମନ୍ତ୍ରୀ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)

ଦୁର୍ଘଟଣାର ଆହତ ଜଣେ ଯୁବକଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ନିଜ ଗାଡ଼ିର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରି ମହାନତାର ପରିଚୟ ଦେଇଛନ୍ତି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ। ପିପିଲି ଅଞ୍ଚଳର ମୁନା ନାମକ ଜଣେ ଯୁବକ ଶୁକ୍ରବାର ପୁରୀ–ଭୁବନେଶ୍ୱର ରାସ୍ତାର ସିଫା ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡି ରହିଥିଲେ। ଏହି ସମୟରେ ମନ୍ତ୍ରୀ ଦାସ ଭୁବନେଶ୍ୱର ଫେରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ମୁନାଙ୍କୁ ଦେଖି ଅଟକିଥିଲେ। ଅବସ୍ଥା ଗୁରୁତର ଥିବାରୁ ତୁରନ୍ତ ତାଙ୍କୁ ନିଜ ଗାଡ଼ିରେ ହସ୍ପିଟାଲରେ ପହଞ୍ଚାଇଥିଲେ। ଏପରିକି ତାଙ୍କ ପାଖରେ କିଛି ସମୟ ରହି ଚିକିତ୍ସା କଥା ବୁଝିଥିଲେ। ଏପଟେ ଖବର ପାଇ ଉତ୍ତରା ଫାଣ୍ଡି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କ ବାଇକ୍‌ଜବତ କରିତଦନ୍ତ ଆରମ୍ଭ କରିଥିଲା।

## ପେନ୍‌ସନ୍ ଦିବସ ପାଳିତ

ଜଟଣୀ,୧୮।୧୨(ଡି.ଏନ୍.ଏ.)

ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ଼ ଶାଖା ପକ୍ଷରୁ ଗୁରୁବାର ପେନ୍‌ସନ ଦିବସ ପାଳିତ ହୋଇଯାଇଛି। ଜଟଣୀସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘ ସଭାପତି ଭୈରବ କୁମାର ସାମଲ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଂଘ ସଂଯୋଜକ ବିଜୟରାମ ମହାନ୍ତି, ସୁରେନ୍ଦ୍ର ନାୟକ, ଉଲ୍ଲାସଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ପ୍ରଶିକ୍ଷଣ ଶିବିର

ଜଟଣୀ,୧୮।୧୨(ଡି.ଏନ୍.ଏ.)

ଭାରତୀୟ ଜନତା ପାର୍ଟି(ଭାଜପା) ଜଟଣୀ ନଗର ମଣ୍ଡଳର ଦିନିକିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ସ୍ଥାନୀୟ ସରାଫ୍ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାଜପାର ଉତ୍ତମ ଶାସନ ଶୈଳୀ ଉପରେ ସେ ଆଲୋକପାତ କରିଥିଲେ। ଶିବିରରେ ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ମିଶ୍ର, ବୀରଞ୍ଚି ନାରାୟଣ ତ୍ରିପାଠୀ, ମୁଖପାତ୍ର ସୁଦୀପ୍ତ ରାୟ, ରଶ୍ମିରଞ୍ଜନ ମହାପାତ୍ର, ବିଶ୍ୱରଞ୍ଜନ ବଡ଼ଜେନା, ପ୍ରତାପ ମହାପାତ୍ର, ସଭାନେତ୍ରୀ ପ୍ରବୀଣା ଭଞ୍ଜଦେଓ, ସୁରଜ ପାଇକରାୟ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଜଟଣୀ ନଗର ମଣ୍ଡଳର ସଭାପତି ତିରୁପତି ଶତପଥୀ ଅଧ୍ୟକ୍ଷତା, ଡ. ଅରବିନ୍ଦ ନାୟକ, ଲିଟୁ ରଞ୍ଜନ ରାଉତରାୟ ଶିବିର ପରିଚାଳନା କରିଥିଲେ।

# ଖୋର୍ଦ୍ଧାରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ

ଖୋର୍ଦ୍ଧା ଅଫିସ,୧୮।୧୨

**ମହିଳାଙ୍କଠାରୁ ସୁନାଚେନ ଲୁଟ୍**

ଯାଁଳା,୧୮।୧୨(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ଯାଁଳା ପୋଷ୍ଟ ଅଫିସ ଛକ ନିକଟରୁ ଶୁକ୍ରବାର ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କଠାରୁ ସୁନାଚେନ ଲୁଟି ନେଇଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧାରୁ ଏକ ସ୍କୁଟିରେ ଜ୍ୟୋତ୍ସ୍ନା ଦାସ ଓ ମମତା ମହାନ୍ତି ଭୁବନେଶ୍ୱରର ଟଙ୍କପାଣି ଅଭିମୁଖେ ଯାଉଥିଲେ। ଜ୍ୟୋତ୍ସ୍ନା ଗାଡ଼ି ଚଳାଉଥିବା ବେଳେ ଯାଁଳା ପୋଷ୍ଟ ଅଫିସ ନିକଟରେ ଦୁଇଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇବାକୁ ଉଦ୍ୟମ କରିଥିଲେ। ସେ ଚେନକୁ ଧରି ପକାଇବା ସହ ତଳେ ପଡ଼ିଯାଇଥିଲେ। ଫଳରେ ଚେନଟି ଛିଣ୍ଡି ଯାଇଥିଲା। ଦୁର୍ବୃତ୍ତମାନେ ଅଧା ଚେନକୁ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟଲୋକେ ଆହତ ଅବସ୍ଥାରେ ମମତା ଓ ଜ୍ୟୋତ୍ସ୍ନାଙ୍କୁ ଏମ୍‌ସ ମେଡିକାଲରେ ଭର୍ତ୍ତି କରିଥିଲେ।

- ସୁନାଚେନ ଝାମ୍ପିବା ଉଦ୍ୟମ ବିଫଳ
- ପାଟିଶୁଣି ଖସିଗଲେ ଲୁଟେରା
- ସ୍କୁଟିରୁ ଖସିପଡିଲେ ମହିଳା

ଖୋର୍ଦ୍ଧାରେ ଗତ କିଛିଦିନର ବ୍ୟବଧାନ ପରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛନ୍ତି। ଶୁକ୍ରବାର ଟାଉନ ଥାନା ଅଧୀନ ମୁକୁନ୍ଦପ୍ରସାଦ ଛକ ନିକଟରେ ଦୁଇଜଣ ଲୁଟେରା ସ୍କୁଟିରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିବା ବେଳେ ମହିଳାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଲୁଟେରାମାନେ ସେଠାରୁ ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ମୁକୁନ୍ଦପ୍ରସାଦ ଅଞ୍ଚଳର ରୀତା ସିଂ ଅପରାହ୍ନ ୨ଟାରେ ଭାଇଙ୍କ ସହ ସ୍କୁଟିରେ ନିରାକାରପୁରରୁ ଖୋର୍ଦ୍ଧାକୁ ଫେରୁଥିଲେ। ରୀତା ସ୍କୁଟି ପଛରେ ବସିଥିବା ବେଳେ ମୁକୁନ୍ଦପ୍ରସାଦ ଛକ ନିକଟରେ ବାଇକ୍‌ରେ ଆସୁଥିବା ଦୁଇଜଣ ଲୁଟେରା ହଠାତ୍ ତାଙ୍କ ବେକରୁ ସୁନାଚେନ ଝାମ୍ପିବାକୁ ଉଦ୍ୟମ କରିଥିଲେ। ରୀତା ସୁନାଚେନକୁ ଧରିପକାଇବା ସହ ତଳକୁଖସିପଡିଥିଲେ। ଏହି ସମୟରେ ସୁନାଚେନ ତାଙ୍କ ହାତରୁ ଖସି ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚିବା ପୂର୍ବରୁ ଲୁଟେରାଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ। ରୀତାଙ୍କ ସାହସକୁ ସ୍ଥାନୀୟଲୋକେ ପ୍ରଂଶସା କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି।

ସୂଚନାଥାଉ କି, ଅକ୍ଟୋବର ୧୦ରେ ଖୋର୍ଦ୍ଧା ସହରର ଏକ ବ୍ୟାଙ୍କ ଆଗରୁ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କଠାରୁ ସୁନାଚେନ ଲୁଟିନେଇ ଫେରାର ହୋଇଯାଇଥିଲେ। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଥିଲା। ସେହିପରି ଗୁରୁଜଙ୍ଗ ଅଞ୍ଚଳର ଶିକ୍ଷାବିତ କିଶୋର ଚନ୍ଦ୍ର ବରାଳ ମାରୱାଡ଼ି ପଟି ଆଇସିଆଇସିଆଇ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଫେରୁଥିଲେ। ବ୍ୟାଙ୍କ ସମ୍ମୁଖରୁ ଦୁଇଜଣ ଦୁର୍ବୃତ୍ତ କିଶୋରଙ୍କଠାରୁ ୨ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ସିସିଟିଭି ଯାଞ୍ଚ ସତ୍ତ୍ୱେ ପୋଲିସ କୌଣସି ଟେର ପାଇ ନ ଥିଲା। ସେହିପରି ଡକ୍ଟରସ ଲେନରୁ ଜଣେ ମହିଳାଙ୍କ ବେକରୁ ଦୁଇଜଣ ଲୁଟେରା ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏହାର ସିସିଟିଭି ଫୁଟେଜ ଯାଞ୍ଚ ସତ୍ତ୍ୱେ ପୋଲିସ କୌଣସି ଟେର ପାଇପାରିନାହିଁ। ତା ପରଦିନ ଉକ୍ତ ଅଞ୍ଚଳରୁ ଜଣେ ନାବାଳିକା ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଘର ଆଗରୁ ତାଙ୍କ କାନଫୁଲ ଝାମ୍ପି ଜଣେ ଦୁର୍ବୃତ୍ତ ଫେରାର ହୋଇଯାଇଥିଲା। ନାବାଳିକାଙ୍କ କାନଛିଣ୍ଡି ଗୁରୁତର ହୋଇଥିଲେ। ଏହି ସମସ୍ତ ଘଟଣାର ଅଭିଯୋଗ ସତ୍ତ୍ୱେ ପୋଲିସ କାହାରିକୁ ଦରିପାରି ନାହିଁ।

# ଏନ୍‌ଏସି କାର୍ଯ୍ୟାଳୟ ଘେରିଲେ ମହିଳା



କାର୍ଯ୍ୟନିର୍ବାହୀ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବାଣପୁର,୧୮।୧୨(ଡି.ଏନ୍.ଏ.)

**ଗାଁ ଦାଣ୍ଡରେ ମଇଳା ପାଣି ଛାଡିବା ଘଟଣା**

ବାଣପୁର ଏନ୍‌ଏସି ଅନ୍ତର୍ଗତ ବିଷରପାଟଣା ଗ୍ରାମର ଦୁଇ ପରିବାର ଘରର ଆବର୍ଜନା ସମେତ ମଇଳା ପାଣି ଗାଁ ଦାଣ୍ଡକୁ ନିଷ୍କାସିତ କରୁଛନ୍ତି। ଫଳରେ ଦୁର୍ଗନ୍ଧ ହେବା ସହ ପରିବେଶ ଦୂଷିତ ହେଉଛି। ଗ୍ରାମବାସୀ ବାରମ୍ବାର ଉକ୍ତ ଦୁଇ ପରିବାର ସଦସ୍ୟଙ୍କୁ ବୁଝାଇଲେ ମଧ୍ୟ ସଚେତନ ହେଉନାହାନ୍ତି। ଏନେଇ ଶୁକ୍ରବାର ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ମହିଳା ଏନ୍‌ଏସି କାର୍ଯ୍ୟାଳୟ ଘେରିବା ସହ ଧାରଣା ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିଆଲ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଘରଣା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବନ୍ଦ କୋଠରିରୁ ମା' ଝିଅଙ୍କ ମୃତଦେହ ଜବତ

କଟକ ଅଫିସ,୧୮।୧୨

- ଝିଅକୁ ହତ୍ୟା ପରେ ମା'ଙ୍କ ଆତ୍ମହତ୍ୟା ସନ୍ଦେହ
- ଛୁରି ଜବତ, ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କଟକ ଜିଲା ବିଡାନାସୀ ଥାନା ଅନ୍ତର୍ଗତ ସେଲ୍‌ଟର ଛକ ନିକଟ ଷ୍ଟେଟ୍‌ବ୍ୟାଙ୍କ କଲୋନୀର ଏକ ବନ୍ଦ କୋଠରିରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଶିଶୁକନ୍ୟା ଓ ତାଙ୍କ ମା'ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ସୂଚନା ଅନୁଯାୟୀ, ଷ୍ଟେଟ୍‌ବ୍ୟାଙ୍କ କଲୋନୀରେ ବନସ୍ମିତା ଓଝା(୩୫) ରୁହନ୍ତି। ସେ ଏସ୍‌ବିଆଇରେ ଚାକିରି କରିଥିବା ବେଳେ ତାଙ୍କ ସ୍ୱାମୀ ଇଞ୍ଜିନିୟର ଭାବେ ଜାଇକା ପ୍ରକଳ୍ପରେ କାର୍ଯ୍ୟରତ ଥିଲେ। ସେମାନଙ୍କର ୭ମାସର ଶିଶୁକନ୍ୟା ଅଛି। ଶୁକ୍ରବାର ସନ୍ଧ୍ୟାରେ ବନସ୍ମିତାଙ୍କ ସ୍ୱାମୀ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। କିଛି ସମୟ ପରେ ସେ ଘରକୁ ଫେରି ଦେଖିଲେ ବନସ୍ମିତାଙ୍କ ବେଡ୍‌ରୁମ୍ ବନ୍ଦ ରହିଛି। କବାଟ ବାଡେଇଲେ ବି ଭିତରୁ କିଛି ଉତ୍ତର ଆସି ନ ଥିଲା। ଫଳରେ ସେ ପଡୋଶୀଙ୍କୁ ଡାକି କବାଟ ଭାଙ୍ଗଥିଲେ। ଘର ଖଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିଶୁକନ୍ୟାର ମୃତଦେହ ପଡିଥିବାବେଳେ ଫ୍ୟାନରେ ବନସ୍ମିତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ବିଡାନାସୀ ଥାନାକୁ ଖବର ଦିଆଯାଇଥିଲା। ଶିଶୁକନ୍ୟାର ଶରୀରରେ କଟାଦାଗ ଦେଖିବାକୁ ମିଳିଛି। ଉକ୍ତ କୋଠରି ଭିତରୁ ପୋଲିସ ଏକ ଛୁରି ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ପରେ ଝିଅକୁ ହତ୍ୟା କରି ବନସ୍ମିତା ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ଝିଅର ମାନସିକ ସ୍ଥିତି ଭଲ ନ ଥିଲା। ଜଣେ ସୁସ୍ଥ ପିଲା ଭଳି ବଢୁ ନ ଥିବାରୁ ଝିଅର ଭବିଷ୍ୟତକୁ ନେଇ ବନସ୍ମିତା ଚିନ୍ତାରେ ଥିଲେ ବୋଲି ତାଙ୍କ ସ୍ୱାମୀ ପୋଲିସ ନିକଟରେ କହିଛନ୍ତି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଡାକ୍ତର ଅଭାବ, ରୋଗୀ ଫେରୁଛନ୍ତି

ବାଲୁଗାଁ,୧୮।୧୨(ଡି.ଏନ୍.ଏ.)




**ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ୪୩ବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲା
- ପଦବୀ ପୂରଣ ପାଇଁ ଦାବି

ରାଜ୍ୟ ସରକାର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ଖୋର୍ଦ୍ଧା ଜିଲା ଅଧୀନ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୀର୍ଘ ଦୁଇ ବର୍ଷ ହେବ ଏଠାରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଏବଂ ଶିଶୁ ବିଭାଗ ଡାକ୍ତର ମଧ୍ୟ ବହୁ ବର୍ଷ ଧରି ନିଯୁକ୍ତି ପାଇନାହାନ୍ତି। ଫଳରେ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଫେରିଯାଉଛନ୍ତି। ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ସୂଚନାଥାଉ କି, ୧୯୭୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ୧୬ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଗ୍ରାମାଞ୍ଚଳର ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି। ଗତ କିଛି ମାସ ହେବ ଏଠାରେ ଦୁଇଜଣ ଠିକା ଏବଂ ଦୁଇ ଜଣ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ରୋଗୀସେବା କ୍ଷେତ୍ରରେ ଏହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ୪ବର୍ଷ ହେବ ସ୍ତ୍ରୀ ଓ ପ୍ରସୂତି ବିଭାଗୀୟ ଡାକ୍ତରଙ୍କ ବଦଳି ପରେ ଏହି ପଦବୀ ଖାଲି ପଡ଼ିଛି। ଡ଼ାକ୍ତରଖାନା ସ୍ଥାପନ ଦିନଠାରୁ ଏଠାରେ ଶିଶୁ ରୋଗ ଏବଂ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି । ଏଥିସହ ପାଥୋଲୋଜି ଟେକ୍ନିସିଆନ ପଦବୀ ଖାଲି ପଡ଼ିଥିବା ବେଳେ ୧୦ଜଣ ଷ୍ଟାଫ ନର୍ସଙ୍କ ମଧ୍ୟରୁ ୪ଜଣ ଅଛନ୍ତି। ରାଜପଥରେ ଦୁର୍ଘଟଣା ଘଟିଲେ ଏଠାରେ ଜରୁରିକାଳୀନ ଚିକିତ୍ସାରୁ ରୋଗୀ ବଞ୍ଚିତ ହୋଇ ମୃତ୍ୟୁ ଘଟୁଥିବା ନଜିର ରହିଛି। ଏଠାରେ ତୁରନ୍ତ ଡାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଓ ବୁଦ୍ଧିଜୀବୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱ ରଞ୍ଜନ ପତି କହିଛନ୍ତି, ଡାକ୍ତରଙ୍କ ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।